# ଓଡ଼ିଶାରେ ଜୈନ ଧର୍ମ

ପ୍ରଥମ ଅଧ୍ୟାୟ

## ଓଡ଼ିଶାର ଇତିହାସ

ଡ଼ଃ ଭଗବାନ ପଣ୍ଡା

ଦ୍ୱିତୀୟ ଅଧ୍ୟାୟ

## ଜୈନ ଧର୍ମ

ଡ଼ଃ ଭଗବାନ ପଣ୍ଡା

ତୃତୀୟ ଅଧ୍ୟାୟ

## ଜୈନ ଧର୍ମ

ପ୍ରଦୀପ୍ତ କୁମାର ପଣ୍ଡା

## ପ୍ରଥମ ଅଧ୍ୟାୟ

# ଓଡ଼ିଶାର ଇତିହାସ

ଭାରତର ପୂର୍ବୋପକୂଳରେ ଅବସ୍ଥିତ ଆଧୁନିକ ଓଡ଼ିଶା ଯୁଗଯୁଗଧରି ଭାରତର ଧାର୍ମିକ, ସାଂସ୍କୃତି ଓ ଐତିହାସିକ ଘଟଣାବଳୀର ଅନ୍ୟତମ ପ୍ରସିଧ୍ ପୀଠରୂପେ ସୁଖ୍ୟାତି ଲାଭ କରିଆସିଛି । ପ୍ରାଚୀନ ପରିସୀମାକୁ ନେଇ ଏ ଦେଶ କଳିଙ୍ଗ, ଉତ୍କଳ, ଉଡ୍ର ଓ କୋଶଳ ନାମରେ ପରିଚିତ । ଇତିହାସ, ପୁରାଣ ଶିଳାଲିପି, ତାମ୍ରଫଳକ, ପ୍ରାଚୀନ ଗ୍ରନ୍ଥ ଓ ବହୁଜନବିଦିତ ପାରମ୍ପରିକ କିଂବଦନ୍ତୀରେ ଓଡ଼ିଶର ଗୌରବାବହ ଐତିହାସିକ ଘଟଣାମାନ ଲିପିବଦ୍ଧ ହୋଇଥିବାର ଦେଖାଯାଏ ।

ପୁରାଣ ଯୁଗରେ ଭାରତର ପୂର୍ବ ଭୂଖଣ୍ଡର ରାଜା ଥିଲେ ବାଳି । ସେ ବହୁକାଳ ଅପୁତ୍ରିକ ଥିଲେ । ବୈଦିକ ଋଷି ଉତଥ୍ୟଙ୍କ ପରିତ୍ୟକ୍ତ ପୁତ୍ର, ଅନ୍ଧମୁନି ଦିର୍ଘତମା, ବାଳି ରାଜାଙ୍କ ଆଶ୍ରୟରେ ଜୀବନ ଅତିବାହିତ କରିଥିଲେ । ତତ୍‌କାଳୀନ ସମାଜର ପରମ୍ପରା ଅନୁଯାୟୀ ବାଳିରାଜାଙ୍କ ମହିଷୀ ସୁଦେଷ୍ଣା ଅତିଥି ଦୀର୍ଘତମାଙ୍କ ସେବାକାରିଣୀ ରୂପେ ନିଯୁକ୍ତ ହୋଇଥିଲେ । ଯଥାସମୟରେ ସେହି ମହର୍ଷି ଦୀର୍ଘତମାଙ୍କ ଔରସରେ ସୁଦେଷ୍ଣାଙ୍କ ଗର୍ଭରୁ ଅଙ୍ଗ, ବଙ୍ଗ, କଳିଙ୍ଗ, ପଣ୍ଡ୍ର ଓ ସୁହ୍ମ ନାମରେ ପଞ୍ଚପୁତ୍ର ଜନ୍ମଗ୍ରହଣ କରିଥିଲେ । ଏହାହିଁ କଳିଙ୍ଗ ନାମରେ ମୂଳସୂତ୍ର । (୧) ପ୍ରାଚୀନ କାଳର ପୂର୍ବ ଆଣବ ଅଞ୍ଚଳର ପୂର୍ବାଂଶଖଣ୍ଡ ଅର୍ଥାତ୍ ଆଧୁନିକ ଭାଗଲପୁରଠାରୁ ପୂର୍ବରେ ଗଙ୍ଗା ଏବଂ ଦକ୍ଷିଣରେ ଗଞ୍ଜାମ ପର୍ଯ୍ୟନ୍ତ ସାଗରାବଧି ସମଗ୍ର ଭୂଭାଗ 'କଳିଙ୍ଗ' ନାଗରେ ବିଦିତ ହେଉଥିଲା । (୨) ତଦ୍‌ବ୍ୟତୀତ ଜଗନ୍ନାଥ ପୁରୀର ପୂର୍ବଭାଗଠାରୁ (ବୈତରଣୀନଦୀ) କୃଷ୍ଣାନଦୀ ପର୍ଯ୍ୟନ୍ତ ସମଗ୍ର ଦକ୍ଷିଣାଞ୍ଚଳ ମଧ କଳିଙ୍ଗ ନାମରେ ଅଭିହିତ ହେଉଥିଲା । (୩) ମହାଭାରତର ଉଲ୍ଲେଖ ଅନୁସାରେ ପୁଣ୍ଡ୍ର, କଳିଙ୍ଗ, ମଗଧ ଓ ଚେଦୀର ଅଧିବାସୀଗଣ ଉଚ୍ଚଶିକ୍ଷିତ, ବୈଦିକସଂସ୍କୃତି ସମ୍ପନ୍ନ ଓ ଧର୍ମପରାୟଣ ଥିବାର ଜଣାଯାଏ ।

ବୈଦିକ ସାହିତ୍ୟରେ କଳିଙ୍ଗ ନାମୋଲ୍ଲେଖ ନଥିଲେ ମଧ ବୌଦ୍ଧସାହିତ୍ୟ ଅନୁସାରେ ବ୍ରାହ୍ମଣଯୁଗରେ ଏହା ଖୁବ୍ ଜଣାଶୁଣା ଥିଲା । (୫) ପାଣିନି କଳିଙ୍ଗ ଦେଶକୁ ମଗଧର ନିକଟବର୍ତ୍ତୀ ବୋଲି ବର୍ଣ୍ଣନା କରିଛନ୍ତି । (୬) କଳିଙ୍ଗରାଜ କରକଣ୍ଡୁ ବିଦେହର ନିମିଙ୍କ ସମସାମୟିକ ଥିଲେ । ଏହି ନିମିଙ୍କୁ ବ୍ରାହ୍ମଣଯୁଗର ରାଜା ନିମିଙ୍କ ସହିତ ଚିହ୍ନିତ କରାଯାଇଅଛି । (୭) ପୂରାଣ ପରମ୍ପରା ଅନୁସାରେ ବାଳିଙ୍କର କଳିଙ୍ଗାଦି ପଞ୍ଚପୁତ୍ରଙ୍କ ପ୍ରତିଷ୍ଠିତ ପଞ୍ଚଜନପଦର ଲୋକେ ଅତ୍ୟନ୍ତ ଘନିଷ୍ଠଭାବେରେ ବସବାସ କରୁଥିଲେ । (୮) କଳିଙ୍ଗ ବୈତରଣୀ ନଦୀ ତୀରବର୍ତ୍ତୀ ଥିବାର ମହାଭାରତରେ ଉଲ୍ଲିଖିତ ଅଛି । (୯) ଏହି ନଦୀ କେନ୍ଦୁଝର ଜିଲ୍ଲାର ଗୋନାସିକା ପର୍ବତରୁ ବାହାରି କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲା ମଧ ଦେଇ ଦାମରାଠାରେ ସମୁଦ୍ରରେ ପଡ଼ିଛି । (୧୦) କିନ୍ତୁ କେହି କେହି ବୈତରଣୀକୁ ସିଂହଭୂମିର ଦକ୍ଷିଣ ଭାଗରୁ ବାହାରିଥିବାର ଉଲ୍ଲେଖ କରିଛନ୍ତି । (୧୧) ପୁରାଣର ବର୍ଣ୍ଣନା ଅନୁସାରେ କଳିଙ୍ଗ ଦେଶର ପଶ୍ଚିମାର୍ଦ୍ଧରେ ଅମରକଣ୍ଟକ ପର୍ବତ ବିଦ୍ୟମାନ । (୧୨) ଗଙ୍ଗାର

ଏକ ପାର୍ଶ୍ୱରେ କଳିଙ୍ଗ ନାମରେ ଏକ ଆଦିବାସୀ ଗୋଷ୍ଠୀ ବାସକରୁଥିବାର ପ୍ଲିନି ଉଲ୍ଲେଖ କରିଛନ୍ତି । ତେଣୁ କଳିଙ୍ଗର ସୀମା ଅଙ୍ଗ ଓ ମଗଧ ଏବଂ ପଶ୍ଚିମରେ ନର୍ମଦା ନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିବାର ଜଣାଯାଏ ।

ପୁରାଣ ସାହିତ୍ୟରେ 'କଳିଙ୍ଗ' ଦକ୍ଷିଣାପଥର ଜନପଦ ନାମରେ ଅଭିହିତ (୧୩) ଅନ୍ୟତ୍ର ଏହାକୁ ଦକ୍ଷିଣ-ପୂର୍ବ ଭାରତର ସ୍ଥାନବିଶେଷରୂପେ ବର୍ଣ୍ଣନା କରାଯାଇଛି । (୧୪) 'ପଦ୍ମପୁରାଣ'ରେ କଳିଙ୍ଗର ନାମ ଦୁଇବାର ଉଲ୍ଲେଖ କରାଯାଇଛି । (୧୫) 'ବାୟୁପୁରାଣ' ଅନୁସାରେ କଳିଙ୍ଗ ଏକ ଅପବିତ୍ର ଦେଶ । ସେଠାରେ ଆଶ୍ରମ ଧର୍ମର ପ୍ରଚଳନ ନଥିଲା । (୧୬) କଳିଙ୍ଗଦେଶ ଭ୍ରମଣରେ ଗଲେ ବ୍ୟକ୍ତିବିଶେଷ ପ୍ରାୟଶ୍ଚିତ୍ କରିବା ପାଇଁ ବାଧ ବୋଲି ବୌଧାୟନ ଉଲ୍ଲେଖ କରିଛନ୍ତି । (୧୭) କିନ୍ତୁ ପରବର୍ତ୍ତୀ କାଳରେ କଳିଙ୍ଗଯାତ୍ରାକୁ ଧର୍ମଶାସ୍ତ୍ରୀୟ ଉଲ୍ଲେଖଦ୍ୱାରା ଅନୁମୋଦନ କରାଯିବା ସଙ୍ଗେ ସଙ୍ଗେ ତତ୍ରତ୍ୟ ଅଧିବାସୀ ଶାଶ୍ୱତ ଧର୍ମରେ ଅଭିଜ୍ଞ ପଣ୍ଡିତ ଥିବାର ବର୍ଣ୍ଣନା କରାଯାଇଛି । (୧୮) 'ବିଷ୍ଣୁପୁରାଣ'ରେ କଳିଙ୍ଗ ଦ୍ୱିଜମାନଙ୍କର ନାମୋଲ୍ଲେଖ ଅଛି । (୧୯) ଶ୍ରୀକୃଷ୍ଣଙ୍କ ପୁତ୍ର ପ୍ରଦ୍ୟୁମ୍ନର ବିବାହରେ କଳିଙ୍ଗ ଯୋଗଦେଇଥିବାର ଜଣାଯାଏ । (୨୦) ଅଶୋକଙ୍କ ସମୟରେ କଳିଙ୍ଗର ମୁଖ୍ୟ ରାଜଧାନୀ ତୋଷାଳୀ ଥିଲା ଓ ସମାପା ଗୌଣ ରାଜଧାନୀ ଥିଲା । ଖାରବେଳଙ୍କ (ଖ୍ରୀ:ପୂ: ୧୫୦) ହାତୀଗୁମ୍ଫା ଅଭିଲେଖରୁ ଜଣାଯାଏ ଯେ, ସେ ସମୟରେ କଳିଙ୍ଗର ସୀମା ଉତ୍ତରରେ ଅଙ୍ଗ ଓ ମଗଧ, ପଶ୍ଚିମରେ ଭୋଜକ (ବେରାର), ଦକ୍ଷିଣ-ପୂର୍ବରେ ଋଷିକ ନଗର (କୃଷ୍ଣାବେଣୀର ତୀରବର୍ତ୍ତୀ) ଏବଂ ଦକ୍ଷିଣରେ ପିଥୁଦ ନଗର ପର୍ଯ୍ୟନ୍ତ ବିସ୍ତୃତ ଥିଲା ।(୨୧)

ଖାରବେଳଙ୍କ ପରେ କଳିଙ୍ଗ (ମହାନଦୀଠାରୁ ଗୋଦାବରୀ ନଦୀ ପର୍ଯ୍ୟନ୍ତ) ଛୋଟ ଛୋଟ ରାଜ୍ୟରେ ବିଭକ୍ତ ହୋଇଥିଲା ।(୨୨) ଏହି ସବୁ ଛୋଟ ରାଜ୍ୟରେ ପିତୃଭକ୍ତ,ମାଠର, ବାଶିଷ୍ଠ ପ୍ରଭୃତି ରାଜନ୍ୟଗୋଷ୍ଠୀ ପ୍ରାଚୀନ ଗଙ୍ଗବଂଶୀୟ ରାଜାଗଣଙ୍କ ଅଭ୍ୟୁଦୟ ପର୍ଯ୍ୟନ୍ତ ରାଜତ୍ୱ କରୁଥିଲେ । ସେମାନେ ସମସ୍ତେ ନିଜନିଜକୁ କଳିଙ୍ଗାଧିପତିଭାବେ ବର୍ଣ୍ଣନା କରିଛନ୍ତି । ସେ ସମୟରେ ସିଂହପୁର, ସୁନଗର, ବର୍ଦ୍ଧମାନପୁର, ପିଷ୍ଟପୁର, ଶିରିପୁର, ଦେବପୁର,ଦେବରାଷ୍ଟ୍ର ପ୍ରଭୃତି ନାମରେ କଳିଙ୍ଗର କେତୋଟି ସମୃଦ୍ଧ ନଗର ଥିଲା ।(୨୩) ଗଙ୍ଗମାନଙ୍କ ରାଜତ୍ୱକାଳରେ କଳିଙ୍ଗନଗର ଓ ଦନ୍ତପୁର ଯଥାକ୍ରମେ ମୁଖ୍ୟ ଓ ଗୌଣ ରାଜଧାନୀ ଥିଲା । ଏହି ସମୟରେ ଗଙ୍ଗବଂଶର ଅନ୍ୟ ଏକ ନରପତି ଶ୍ୱେତକ ବା ଚିକିଟିରେ ରାଜତ୍ୱ କରୁଥିଲେ । (୨୪) ଉପର୍ଯ୍ୟୁକ୍ତ ନରପତିଗଣ କଳିଙ୍ଗାଧିପତିରୂପେ ଅଭିଲେଖଗୁଡିକରେ ବର୍ଣ୍ଣିତ । ଆହ୍ଲାବାଦସ୍ତମ୍ଭ ଅଭିଲେଖରୁ (୩୫୦ ଖ୍ରୀଷ୍ଟାବ୍ଦ) ଜଣାଯାଏ ଯେ କୋଟ୍ଟୁର, ପିଷ୍ଟପୁର ଏରଣ୍ଡପଲ୍ଲୀ, ଦେବରାଷ୍ଟ୍ର ପଭୃତି ନଗରଗୁଡିକ କଳିଙ୍ଗ ଅନ୍ତର୍ଗତ ଥିଲା (୨୫) ।

ଗୁପ୍ତ-ସାମ୍ରାଜ୍ୟକାଳରେ କଳିଙ୍ଗର ସୀମା ମହେନ୍ଦ୍ରଗିରିଠାରୁ ଉତ୍କଳର ମଧଭାଗ ପର୍ଯ୍ୟନ୍ତ ବିସ୍ତୃତ ଥିଲା । (୨୬) ପ୍ଲିନିଙ୍କ ଅନୁସାରେ କଳିଙ୍ଗନଗର, ଦଣ୍ଡଗୁଳ, ମହାଭାରତରେ ଦଣ୍ଡକୂର ଓ ପାଲିସାହିତ୍ୟରେ ଦନ୍ତପୁର ନାମରେ ବର୍ଣ୍ଣିତ ହୋଇଛି ।(୨୭) ଗଙ୍ଗବଂଶୀୟ ରାଜା ଇନ୍ଦ୍ରବର୍ମନ୍ଙ୍କ ଜିରିଙ୍ଗି ଅଭିଲେଖରେ (୪୭୫-୫୫୦

ଖ୍ରୀଷ୍ଟାବ୍ଦ) ଦନ୍ତପୁରର ଉଲ୍ଲେଖ ଅଛି । (୨୮) ଏହି ଦନ୍ତପୁର ବଂଶଧାରା ନଦୀର ଦକ୍ଷିଣ ତୀରରେ ପ୍ରତିଷ୍ଠିତ ଥିଲା । ଜୈନମୁନି ଉପାଙ୍ଗ ପ୍ରଜ୍ଞାପଣ 'ରାଜପୁର' ନାମରେ କଳିଙ୍ଗର ରାଜଧାନୀରୂପେ ବର୍ଣ୍ଣିତ ହୋଇଛି । 'ଶୋଭାବତୀ' ନାମରେ ଅନ୍ୟ ଏକ ନଗରର କଳିଙ୍ଗରେ ଥିବାର ଜଣାଯାଏ । (୨୯) ହାତୀଗୁମ୍ଫା ଅଭିଲେଖରୁ ଜଣାଯାଏ ଯେ 'କଳିଙ୍ଗନଗର' କଳିଙ୍ଗର ରାଜଧାନୀ ଥିଲା । ସେହି କଳିଙ୍ଗନଗରରୁ ଗଙ୍ଗବଂଶୀୟ ରାଜାମାନେ ବହୁ ଦାନପ୍ର ପ୍ରଦାନ କରିଥିଲେ । ରାୟବାହାଦୁର ହୀରାଲାଲ, ଜି.ଭି. ରାମମୂର୍ତ୍ତୀ ପାନ୍ତୁରୁ, ଭି. କୃଷ୍ଣରାଓ ପ୍ରଭୃତି ପଣ୍ଡିତଗଣ କଳିଙ୍ଗନଗରକୁ ମୁଖଲିଙ୍ଗମ୍ ସହିତ ଚିହ୍ନିତ କରୁଥିଲେ ମଧ 'ରଘୁବଂଶ' ଓ 'ଦଶାକୁମାରଚରିତ'ରେ କଳିଙ୍ଗନଗର ସମୁଦ୍ରକୂଳରେ ପ୍ରତିଷ୍ଠିତ ଥିବାର ସ୍ପଷ୍ଟ ଉଲ୍ଲେଖ ଅଛି । (୩୦) କିନ୍ତୁ ମୁଖଲିଙ୍ଗମ୍ ସମୁଦ୍ରକୂଳରେ ଅବସ୍ଥିତି ନଥିବାରୁ ତାହାକୁ କଳିଙ୍ଗନଗର ସହିତ ଚିହ୍ନିତ କରାଯାଇ ନପାରେ । (୩୧) ବଂଶଧାରା କୂଳବର୍ତ୍ତୀ କଳିଙ୍ଗନଗରର ଭୂଖୋଦନରୁ ମିଳିଥିବା ମୁଦ୍ରା, ପାତ୍ର ପ୍ରଭୃତିରୁ ଜଣାଯାଏ ସେହି ସ୍ଥାନଟି ଖାରବେଳଙ୍କଠାରୁ ଗଙ୍ଗରାଜାମାନଙ୍କ ପର୍ଯ୍ୟନ୍ତ କଳିଙ୍ଗର ରାଜଧାନୀ ଥିଲା । (୩୨) ପ୍ଲିନିଙ୍କ ବର୍ଣ୍ଣିତ କଳିଙ୍ଗର ଅନ୍ୟତମ ନଗର 'ପର୍ଥଳି'କୁ ପୁରୀ ଜିଲ୍ଲାର ଚିଲିକାକୂଳସ୍ଥିତି 'ପଟେଳି' ସହିତ ଚିହ୍ନିତ କରାଯାଇଛି । (୩୩) ତାଙ୍କ ଲିଖିତ ମକ୍‌କୋ କଳିଙ୍ଗ, ଗଙ୍ଗାରି ଓ କଳିଙ୍ଗ ଯଥାକ୍ରମେ ମେକାବ, ଉତ୍କଳ ଓ କଳିଙ୍ଗ ରୂପେ ଚିହ୍ନିତ ହୋଇଛି । (୩୪) ଲେଭି ସାହେବ ମଦୋକଳିଙ୍ଗକୁ ତ୍ରିକଳିଙ୍ଗ ସହିତ ଏକ ବୋଲି ସ୍ୱୀକାର କରିଛନ୍ତି । (୩୫) କିନ୍ତୁ ଅଭିଲେଖଗୁଡ଼ିକରେ 'କଳିଙ୍ଗ' ବା 'ତ୍ରିକଳିଙ୍ଗ' ଠାରୁ କଳିଙ୍ଗ ପୃଥକ ବୋଲି ସୂଚିତ ହୋଇଛି । (୩୬) ପଣ୍ଡିତ ନୀଳକଣ୍ଠ ଦାସ ଉତ୍କଳ, କଙ୍ଗୋଦ ଓ କୋଶଳକୁ 'ତ୍ରିକଳିଙ୍ଗ' ବୋଲି ବର୍ଣ୍ଣନା କରିଛନ୍ତି । (୩୭) ଉତ୍କଳ ବା ଉତ୍ତର କଳିଙ୍ଗ, କଳିଙ୍ଗ ଓ ତେଲକଳିଙ୍ଗ ବା ଦକ୍ଷିଣ କଳିଙ୍ଗକୁ ନେଇ ତ୍ରିକଳିଙ୍ଗ ପରିକଳ୍ପିତ ହୋଇଥିବାର ଜଣାଯାଏ । (୩୮) ଖ୍ରୀଷ୍ଟୀୟ ଷଷ୍ଠ-ସପ୍ତମ ଶତାବ୍ଦୀଠାରୁ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ତ୍ରିକଳିଙ୍ଗ ବରଂ ବିଭିନ୍ନ ଅଞ୍ଚଳକୁ ନେଇ ତ୍ରିକଳିଙ୍ଗ ଗଠିତ ହୋଇଥିଲା । (୩୯)

ଓଡ଼ିଶା ପୂର୍ବୋକ୍ତ ପ୍ରାଚୀନ ନାମ ମଧରେ 'ଉତ୍କଳ' ନାମ ଅତି ପ୍ରାଚୀନ କାଳରୁ ପ୍ରଚଳିତ ଥିବା ଜଣାଯାଏଶ । (୪୦) ମନୁ ବୈବସ୍ୱତଙ୍କୁ ଦଶ ପୁତ୍ର ମଧରେ ଇଚ୍ଛାନୁରୂପଧାରୀ ଇଳା-ସୁଦ୍ୟୁମ୍ନଙ୍କ ଔରସରୁ ଉତ୍କଳଙ୍କର ଜନ୍ମ ଏବଂ ତାଙ୍କର ପରିପାଳିତ ଭୂମି ହିଁ 'ଉତ୍କଳ' ରାଷ୍ଟ୍ର ନାମରେ ପରିଚିତ । (୪୧) ଉତ୍ତରରେ କପିଶା (ଆଧୁନିକ ମେଦିନୀପୁରର ବସାଇ) ନଦୀଠାରୁ ଦକ୍ଷିଣରେ କଳିଙ୍ଗ (ବୈତରଣୀ ନଦୀ) ସୀମା ପର୍ଯ୍ୟନ୍ତ ଏବଂ ପଶ୍ଚିମରେ ବିନ୍ଧ୍ୟପର୍ବତଠାରୁ (ଆଧୁନିକ ଛୋଟନାଗପୁର) ପୂର୍ବରେ କଳିଙ୍ଗ ସାଗର (ଆଧୁନିକ ବଙ୍ଗୋପସାର) ପର୍ଯ୍ୟନ୍ତ 'ଉତ୍କଳରାଷ୍ଟ୍ର' ବିସ୍ତୃତ ଥିଲା । (୪୨) ଜଗନ୍ନାଥ ପୁରୀର ପ୍ରାନ୍ତଦେଶ ମଧ ଉତ୍କଳ ନାମରେ ଅଭିହିତ ହେଉଥିଲା । (୪୩) ପ୍ରାଚୀନ କାଳରୁ ପୂର୍ବ ଆର୍ଣବ ରାଜ୍ୟ ପୁନର୍ବିଭକ୍ତ ହୋଇ ଦୀର୍ଘତମାଙ୍କ ଷଷ୍ଠ ପୁତ୍ର ଉଡ୍ରଙ୍କ ଅଧିକାରଭୁକ୍ତ ହୋଇଥିଲା । (୪)) ସେହି ଉଡ୍ରଙ୍କ ନାମିତ ଉଡ୍ରଦେଶଙ୍କ ଓ ଉତ୍କଳ ପ୍ରାୟ ନବମ ଶତାବ୍ଦୀଠାରୁ ଏକ ଅଞ୍ଚଳରୂପେ ପରିଚିତ ହୋଇଥିବାର ଜଣାଯାଏ । (୪୫) ଆଧୁନିକ ପଶ୍ଚିମ ମେଦିନୀପୁର, ପୂର୍ବସିଂହଭୂମି ଓ ଦକ୍ଷିଣ-ବାଙ୍କୁଡ଼ାକୁ ନେଇ ସେକାଳର ଉଡ୍ରରାଷ୍ଟ୍ର ପରିଚିତ ହେଉଥିଲା । (୪୬)

ଭାରତର ବିଭିନ୍ନ ଦେଶ ମଧ୍ୟରେ ଉତ୍କଳର ପ୍ରାଧାନ୍ୟ ଥିଲା (୪୭) ସେହି ଉତ୍କଳ ଆଜି 'ଓଡ଼ିଶା' ନାମରେ ପରିଚିତ ।

ବାଲ୍ମୀକି ରାମାୟଣବର୍ଣ୍ଣିତ ବିବରଣୀ ଅନୁସାରେ ଶ୍ରୀରାମଚନ୍ଦ୍ର ବନବାସକାଳରେ ଯେଉଁଠି ଦୀର୍ଘ ଦଶବର୍ଷକାଳ ଅବସ୍ଥାନ କରିଥିଲେ, ତାହା 'କୋଶଳ' ବା 'ଦକ୍ଷିଣ-କୋଶ' ନାମରେ ଅଭିହିତ ହେଉଥିଲା । (୪) ଶ୍ରୀରାମଙ୍କ ପୁତ୍ରଦ୍ୱୟ ଲବ ଓ କୁଶ ଯଥାକ୍ରମେ ଉତ୍ତର ଓ ଦକ୍ଷିଣ-କୋଶଳ ରାଜା ହୋଇଥିଲେ । (୪୯) ତେଣୁ ତତ୍ରୋକ୍ତ ରାଜା ଓ ଅଧିବାସୀଙ୍କ ନାମାନୁଯାୟୀ ପୁର୍ବୋକ୍ତ ଜନପଦଦ୍ୱୟ ସୁପରିଚିତ ହୋଇଥିଲା । ପ୍ରାଚୀନକାଳରେ ଆଧୁନିକ ବିଳାସପୁର, ରାୟପୁର ଓ ସମ୍ବଲପୁରକୁ ନେଇ 'କୋଶଳ ରାଜ୍ୟ' ଗଠିତ ହୋଇଥିଲା । (୫) ଅଭିଲେଖଗୁଡ଼ିକର ଉଲ୍ଲେଖ ଅନୁସାରେ 'କୋଶଳ' ଅମରକଣ୍ଟଠାରୁ ବସ୍ତର ପର୍ଯ୍ୟନ୍ତ ବିସ୍ତୃତ ଥିଲା । (୫୧) ବିଭିନ୍ନ ପୁରାଣରୁ ଅନୁଶୀଳନରୁ ଜଣାଯାଏ ଯେ, ଭାରତର ଅଗ୍ନି କୋଣସ୍ଥ ଓ ବିନ୍ଧ୍ୟ ପର୍ବତର ପୃଷ୍ଠଭାଗସ୍ଥ ଦେଶ 'କୋଶଳ' ନାମରେ ପରିଚିତ ହେଉଥିଲା । ଉତ୍ତରରେ ବତ୍ସ ଓ ଅଙ୍ଗ, ପଶ୍ଚିମରେ ବିଦର୍ଭ ଓ ଚେଦି ରାଜ୍ୟ, ଦକ୍ଷିଣରେ ଆନ୍ଧ୍ର ଓ ପୂର୍ବରେ କଳିଙ୍ଗ ଦେଶ ଥିଲା 'କୋଶଳ'ର ଚତୁଃସୀମା । (୫୨)

ପୁଣ୍ୟଭୂମି ଉତ୍କଳ ବିଷୟରେ ବାଦ୍‌ଶାହ ଆକବର (୧୫୫୬ ଖ୍ରୀ.ଅ.) କହିଥିଲେ ଏ ଦେଶ ଦେବତାର ଦେଶ । ଏହା କେବେହେଲେ ମାନବୋଚିତ ଶାସନ ଶୃଙ୍ଖଳାରେ ଆବଦ୍ଧ ହେବା ଉଚିତ ନୁହେଁ । (୫୩) 'ଉତ୍କଳ ସାରା ପୃଥିବୀର ମଉଡ଼ମଣୀ ।' ପ୍ରାଚୀନ ଉତ୍କଳ ବିଷୟରେ ମହାଭାରତ, ରାମାୟଣ, ପୁରାଣ ଓ ବୌଧ୍ ଗ୍ରନ୍ଥମାନଙ୍କରେ ଯେପରି ବିଶଦ ବର୍ଣ୍ଣନାମାନ ରହିଅଛି, ସେହିପରି ଓଡ୍ର ଓ କଳିଙ୍ଗ ବିଷୟରେ ମଧ ପାଲି, ବୌଧ୍ ସାହିତ୍ୟ ଓ ସଂସ୍କୃତି ସାହିତ୍ୟରେ ବିବରଣୀମାନ ଉଲ୍ଲିଖିତ ଅଛି । (୫୪) ପ୍ରାଚୀନ ଉତ୍କଳର ପୁର୍ବୋକ୍ତ ଚାରୋଟି ରାଜ୍ୟ ବା ଅଞ୍ଚଳ ମଧ୍ୟରେ କଳିଙ୍ଗ ଥିଲା ଶକ୍ତିଶାଳୀ । ଉତ୍ତର-ଦକ୍ଷିଣରେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଏବଂ ପୂର୍ବ ପଶ୍ଚିମରେ ମହୋଦଧିଠାରୁ ଅମରକଣ୍ଟକ ପର୍ଯ୍ୟନ୍ତ ଭୁଖଣ୍ଡ କଳିଙ୍ଗ ନାମରେ ଅଭିହିତ ହେଉଥିଲା । (୫୫) ଓଡ୍ର, ଉତ୍କଳ ଓ କୋଶଳାଦି ରାଜ୍ୟ କଳିଙ୍ଗର ଅଂଶଭାବରେ ଥିଲା । (୫୬) କଳିଙ୍ଗ ଉକ୍ତ ରାଜ୍ୟଗୁଡ଼ିକ ଉପରେ ନିଜ ସାର୍ବଭୌମତ୍ୱ  ପ୍ରତିଷ୍ଠା କରିଥିଲା । ମହାଭାରତରେ ଉଲ୍ଲେଖ ଅଛି ଯେ, ସେ ସମୟରେ ପୁର୍ବୋକ୍ତ ତିନୋଟି ରାଜ୍ୟ ମଧ୍ୟରେ କଳିଙ୍ଗ ଖୁବ୍ ଶକ୍ତିଶାଳୀ ରାଷ୍ଟ୍ରରୂପେ ପରିଚିତ ହେଉଥିଲା । (୫୭) ପରବର୍ତ୍ତୀ କାଳରେ ଗଙ୍ଗବଂଶର ରାଜଧାନୀ ଯେତେବେଳେ କଳିଙ୍ଗନଗରରୁ କଟକକୁ ଉଠିଆସିଲା, ସେତେବେଳେ 'କଳିଙ୍ଗ' ନାମ ପରିବର୍ତ୍ତେ ଏ ଦେଶ ନାମ ହେଲା 'ଉତ୍କଳ' ବା 'ଓଡ୍ର' ଏବଂ କାଳକ୍ରମେ 'ଓଡ଼ିଶା' ନାମର ପ୍ରଚଳନ ହେଲା । ମାଦଳାପାଞ୍ଜି ଅନୁଯାୟୀ ଓଡ଼ିଶାର ରାଜଧାନୀ ୯୮୯ ଖ୍ରୀଷ୍ଟାବ୍ଦରେ କଳିଙ୍ଗ ନଗରରୁ (ମୁଖଲିଙ୍ଗମ୍) କଟକକୁ ଉଠିଆସିଥିଲା । ଏହି କଟକ ବଂଶଧାରା ନଦୀକୂଳରେ ବାରଣାସୀ କଟକ ନାମରେ (ପାରଳଖେମୁଣ୍ଡି ନିକଟବର୍ତ୍ତୀ)ଅଭିହିତ  । ଏହାପରେ ଓଡିଶାର ରାଜଧାନୀ କିଛିକାଳ ଯାଜନଗର (ଯାଜପୁର) ରେ ରହିଥିଲା ଏବଂ ଯଯାତିଙ୍କ ରାଜତ୍ୱକାଳରେ ଅଭିନବ ଯଯାତି ନଗରକୁ (ଚୌଦ୍ୱାର) ଉଠିଆସିଥିଲା । କେତେକ ଐତିହାସିକ ବୈଦେଶିକ ପଣ୍ଡିତମାନଙ୍କୁ ଅନୁସରଣ କରି ମାଦଳାପାଞ୍ଜି

ବର୍ଣ୍ଣିତ କଟକକୁ ଆଧୁନିକ କଟକ ସହିତ ଚିହ୍ନିତ କରିଛନ୍ତି । କିନ୍ତୁ ଏହା ଠିକ୍ ନୁହେଁ । ବରିଷ୍ଠ ଐତିହାସିକମାନଙ୍କ ମତରେ ଗଙ୍ଗସମ୍ରାଟ ଅନଙ୍ଗଭୀମଦେବ(୩) (୧୨୧୧-୧୨୩୮ଖ୍ରୀ : ଅ:) ଚୌଦାର କଟକରୁ ଓଡିଶାର ରାଜଧାନୀକୁ ଅଭିନବ ବାରାଣସୀ କଟକକୁ (ଆଧୁନିକ କଟକ) ଉଠାଇ ଆଣିଥିଲେ । ଏହା ତାଙ୍କ ନଗରୀ ତାମ୍ରପତ୍ର ଅଭିଲେଖରୁ (୧୧୨୯ ଖ୍ରୀ: ଅ:) ଏବଂ ମାଦଳା ପାଞ୍ଜିର ଉଲ୍ଲେଖରୁ ପ୍ରମାଣିତ ହୁଏ । (୫୮)

ଐତିହାସିକ ବିବରଣୀରୁ ଜଣାଯାଏ ଯେ, ମୌର୍ଯ୍ୟ-ସମ୍ରାଟ ଅଶୋକଙ୍କ ପର୍ଯ୍ୟନ୍ତ କଳିଙ୍ଗ ଥିଲା ଅବିଜିତ । 'କଳିଙ୍ଗ-ଯୁଦ୍ଧ'ରେ (୨୬୧ଖ୍ରୀ: ପୂ:) କଳିଙ୍ଗ ଜନତାର ଅଦମ୍ୟ ସାହସରେ ବିଜୟୀ ମୌର୍ଯ୍ୟ-ସମ୍ରାଟ ଅଶୋକ ସ୍ତମ୍ଭୀଭୂତ ହୋଇଯାଇଥିଲେ । ଜୀବନର ଏତେ ବଡ ବିଜୟଗୌରବକୁ ସେ ଚରମ ଆତ୍ମ-ପରାଜୟରୂପେ ସ୍ୱୀକାର କରିଥିଲେ । ଏହି କଳିଙ୍ଗଭୂମିରେହିଁ ନୂତନ ଭାବେ ବୌଧ୍ ଅଶୋକ ଜନ୍ମ ନେଇଥିଲେ । ମୌର୍ଯ୍ୟ ସାମ୍ରାଜ୍ୟର ପତନ ପରେ ସମ୍ରାଟ ଖାରବେଳଙ୍କ (୧୫୦ ଖ୍ରୀ: ପୂ:) ବୀରତ୍ୱ ଓ କୃତିତ୍ୱରେ କଳିଙ୍ଗ ଯେପରି ଗୌରବାନ୍ୱିତ ହୋଇଥିଲା, ସେହିପରି ଧର୍ମ ଓ ସଂସ୍କୃତି କ୍ଷେତ୍ରରେ, ବିଶେଷରେ ଜୈନଧର୍ମର ପରିପ୍ରସାର କ୍ଷେତ୍ରରେ ପ୍ରସିଧ ଲାଭକରିଥିଲା ।ଖାରବେଳଙ୍କ ପରେ କଳିଙ୍ଗ ସପ୍ତମ ଶତାବ୍ଦୀର ଶେଷଯାଏ ସମ୍ରାଟ ସମୁଦ୍ରଗୁପ୍ତ ଓ ହର୍ଷବର୍ଧ୍ନଙ୍କ ଅଧୀନରେ ରହିଥିଲା । ଏହି ସମୟରେ ମାଠରବଂଶୀୟ ବୈଷ୍ଣବଧର୍ମାନୁରାଗୀ ରାଜାଗଣ (୩୧୪-୫୩୬ ଖ୍ରୀ:ଅ:) ଦକ୍ଷିଣ ଓଡିଶା, ପିତୃଭକ୍ତ ଓ ନଳରାଜାମାନେ (୪୦୦-୨୦୦ଖ୍ରୀ: ଅ:)ପଶ୍ଚିମ ଓଡିଶା, ବିଗ୍ରହ ଓ ମୁଦ୍ଗଲମନେ( ୫୭୦-୬୨୦ ଖ୍ରୀ: ଅ:)ଉତ୍ର ଓଡିଶା ଏବଂ ଶୈବଧର୍ମାବଲମ୍ବୀ ଶୈଳୋଦ୍ଭବବଂଶୀୟ ରାଜାଗଣ (୫୭୫-୭୩୬ ଖ୍ରୀ : ଅ :) ପୂର୍ବ ବାମଧ-ଓଡିଶାରେ ରାଜତ୍ୱ କରୁଥିଲେ । (୫୯)

ଆବିଷ୍କୃତ ଅଭିଲେଖ ଓ ତାମ୍ରଫଳକରୁ ଜଣାଯାଏ ଯେ, କଳିଙ୍ଗ ବା ଉତ୍କଳ ଷଷ୍ଠ ଶତାବ୍ଦୀରୁ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ବହୁ ପ୍ରସିଦ୍ଧ ରାଜବଂଶଦ୍ୱାରା ଶାସିତ ହୋଇଥିଲା । ଆଲୋଚ୍ୟ ସମୟ ମଧରେ ସାହିତ୍ୟ, ଶିଳ୍ପକଳା ଓ ସ୍ଥାପତ୍ୟରେ ସର୍ବାଙ୍ଗୀନ ଉନ୍ନତି କରିବା ସଙ୍ଗେ ସଙ୍ଗେ ଉତ୍କଳ ପୃଥିବୀବିଖ୍ୟାତ ହୋଇଥିଲା । ଭୌମକରବଂଶୀୟ ରାଜାମାନେ (୭୩୬-୯୫୦ ଖ୍ରୀ.ଅ.) ତତ୍କାଳୀନ ରାଜଧାନୀ ଯାଜପୁରୁ ଉତ୍କଳ ରାଷ୍ଟ୍ରର ଶାସନ କରୁଥିଲେ । ଏହି ସମୟରେ ବହୁ ହିନ୍ଦୁ ମନ୍ଦିର ଓ ବୌଧ୍‌ବିହାର ନିର୍ମାଣ ସହିତ ବୌଧ୍ ଓ ଶୈବଧର୍ମର ପ୍ରଭୂତ ଉନ୍ନତି ସାଧିତ ହୋଇଥିଲା । ରତ୍ନଗିରି ଓ ଉଦୟଗିରି ବିହାର, ତୋଷାଳୀ ଓ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ପ୍ରଭୃତି ଭୌମ ରାଜ୍ୱ କାଳର ଉଲ୍ଲେଖଯୋଗ୍ୟ ବୌଧ୍‌କୀର୍ତ୍ତୀ । ଭୌମରାଜତ୍ୱରେ ତୁଙ୍ଗ, ଭଞ୍ଜ, ମୟୁର, ଧବଳ, ବିରାଟ ବଂଶୀୟ ସାମନ୍ତ ରାଜାଗଣ ରାଜତ୍ୱ କରୁଥିଲେ ।

କେଶରୀ ବଂଶର (ସୋମବଂଶ) ରାଜତ୍ୱକାଳରେ (୯୫୦-୧୧୧୨ ଖ୍ରୀ.ଅ.) ବ୍ରାହ୍ମଣ୍ୟଧର୍ମର ପୁନରୁତ୍‌ଥାନ ହୋଇଥିଲା । ତ୍ରୀକଳିଙ୍ଗାଧିପତି ଯଯାତିକେଶରୀ ଥିଲେ ମହାନ୍ ଶୈବ । ତାଙ୍କରି ସମୟରେ

ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର, ଯାଜପୁରର ଦଶାଶ୍ୱମେଧ ଘାଟ ପ୍ରଭୃତି କୀର୍ତ୍ତିମାନ ନିର୍ମିତ ହୋଇଥିଲା । କେଶରୀବଂଶର ରାଜତ୍ୱ ପରେ ଓଡ଼ିଶା ଗଙ୍ଗମାନଙ୍କର ଶାସନାଧୀନ ହୋଇଥିଲା । ଗଙ୍ଗମାନେ ଦୀର୍ଘ ଏକହଜାର ବର୍ଷର (୪୯୭-୧୧୧୨ ଓ ୧୧୧୨-୧୪୩୫ ଖ୍ରୀଷ୍ଟାବ୍ଦ) ରାଜତ୍ୱକାଳରେ ଶିଳ୍ପକଳାନୈପୁଣ୍ୟର ଚରମ ନିଦର୍ଶନ ରୂପେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାଣ କରାଇଥିଲେ । ଏହି ସମୟରେ ବ୍ରାହ୍ମଣ୍ୟ ଧର୍ମର ଉନ୍ନତି ସହିତ ପ୍ରସିଧ୍ ସ୍ମୃତି ଜ୍ୟୋତିଷ ଗ୍ରନ୍ଥମାନେ ପ୍ରଣୀତ ହୋଇଥିଲା । ଗଙ୍ଗ ରାଜତ୍ୱକୁ ଓଡ଼ିଶାର ସ୍ୱର୍ଣ୍ଣଯୁଗରୂପେ ଅଭିହିତ କରାଯାଇଛି । ଗଙ୍ଗରାଜତ୍ୱ ପରେ ସୂର୍ଯ୍ୟବଂଶୀୟ ଗଜପତିମାନଙ୍କର ମାତ୍ର ଶହେ ବର୍ଷର (୧୪୩୫-୧୫୩୫ ଖ୍ରୀ.ଅ.) ରାଜତ୍ୱ କାଳରେ ଶିଳ୍ପକଳା ଓ ଭାସ୍କର୍ଯ୍ୟ ସହିତ ସଂସ୍କୃତ ଓ ଓଡ଼ିଆ ସାହିତ୍ୟର ଚରମ ଉନ୍ନତି ସାଧିତ ହୋଇଥିଲା । ଆଲୋଚ୍ୟ କାଳରେ ପ୍ରତିପକ୍ଷ ରାଜାଙ୍କ ସହିତ ବିଜୟୀ ଗଜପତିମାନଙ୍କର ବୀରତ୍ୱ ପ୍ରତିପାଦକ ବହୁ ଐତିହାସିକ ଯୁଧ୍ ହୋଇଥିଲା । ଗଜପତି ରାଜତ୍ୱରେ  ସୁଶାସନ ପ୍ରତିଷ୍ଠା କଳା, ସାହିତ୍ୟ ପ୍ରତି ଆଦର ଓ ପୃଷ୍ଠପୋଷକତା, ଧାର୍ମିକ ଓ ସାଂସ୍କୃତିକ ବୈଶିଷ୍ଟ୍ୟ ପ୍ରତିପାଦିତ ହୋଇଥିଲା । ଏହା ପରେ ଗଜପତି ମୁକୁନ୍ଦଦେବଙ୍କ ପର୍ଯ୍ୟନ୍ତ (୧୫୩୫-୧୫୬୮ ଖ୍ରୀ.ଅ.) ବହୁ ରାଜା ଓଡ଼ିଶାର ଶାସନଭାର ଗ୍ରହଣ କରିଥିଲେ । ଖୋର୍ଧାର ଭୋଇବଂଶୀୟ ଗଜପତିଗଣ ଆଫଗାନ୍ ସୁଲତାନ (୧୫୬୮-୧୫୯୨ ଖ୍ରୀ.ଅ.), ମୋଗଲ (୧୫୯୨-୧୭୦୬ ଖ୍ରୀ.ଅ.) ଓ ମରାଠାଙ୍କ (୧୭୦୭-୧୮୦୩ ଖ୍ରୀଷ୍ଟାବ୍ଦ) ଅଧୀନରେ ଶାସନକାର୍ଯ୍ୟ ଚଳାଇଥିଲେ । ପରିଶେଷରେ ଖ୍ରୀଷ୍ଟୀୟ ୧୮୦୩ ରୁ ୧୯୪୭ ପର୍ଯ୍ୟନ୍ତ ଇଂରେଜମାନଙ୍କ ଅଧୀନରେ ରହିବାପରେ ଭାରତର ଅଂଶରୂପେ ଓଡ଼ିଶା ୧୯୪୭ ଅଗଷ୍ଟ ୧୫ ତାରିଖରେ ସ୍ୱାଧିନତା ଲାଭକଲା ।

ଧର୍ମବିଶ୍ୱାସ ଦୃଷ୍ଟିରୁ ପଞ୍ଚଦେବତାଙ୍କ ଅନୁସାରେ ଓଡ଼ିଶା ପାଞ୍ଚୋଟି ଅଂଶରେ ବିଭକ୍ତ ହୋଇଥିଲା । ତନ୍ମଧ୍ୟରେ ଆଧୁନିକ ଚଣ୍ଡୀଖୋଲ ନିକଟବର୍ତ୍ତୀ ଅଞ୍ଚଳ ବିନାୟକକ୍ଷେତ୍ର, କୋଣାର୍କ ଅର୍କକ୍ଷେତ୍ର, ପୁରୀ ବୈଷ୍ଣବ କ୍ଷେତ୍ର, ଭୁବନେଶ୍ୱର ଶୈବକ୍ଷେତ୍ର ଓ ଯାଜପୁର ଶକ୍ତିକ୍ଷେତ୍ର ରୂପେ ଖ୍ୟାତିଲାଭ କରିଥିଲା । (୬୦) ଓଡ଼ିଶା 'ଜଗନ୍ନାଥ ଦେଶ' ରୂପେ ବିଖ୍ୟାତ ଓ ଭାରତର ଅନ୍ୟତମ ତୀର୍ଥକ୍ଷେତ୍ର ଭାବେ ପ୍ରତିଷ୍ଠିତ । ଓଡ଼ିଶା ଥିଲା ଅଶୋକ, ଖାରବେଳ, ଶଙ୍କର, ରାମାନୁଜ, ସିମ୍ବାର୍କ, ମାଧବାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ, ଚୈତନ୍ୟ ପ୍ରଭୃତି ବୈଦିକ ଓ ଅବୈଦିକ ଧାରାର ପ୍ରସିଧ୍ ଶାସକ, ଦାର୍ଶନିକ ଓ ଧର୍ମପ୍ରଚାରକମାନଙ୍କ ସ୍ୱମତବାଦ ପରିପ୍ରସାରର ପୃଷ୍ଠଭୂମି । ଉକ୍ତ ସମସ୍ତ ମତବାଦର ସମନ୍ୱୟ ଘଟିଥିଲା ଜଗତର ନାଥ ଜଗନ୍ନାଥଙ୍କଠାରେ, କାରଣ ଏକ ସାର୍ବଜନୀନ ଧର୍ମ ଓ ସଂସ୍କୃତିରୂପେ ଜଗନ୍ନାଥ ଧର୍ମ ଓ ଜଗନ୍ନାଥ ସଂସ୍କୃତି କୌଣସି ନିର୍ଦ୍ଦିଷ୍ଟ ଧର୍ମ ବା ଦର୍ଶନରୁ ଉଦ୍‌ଭୂତ ହୋଇ ନଥିଲା । (୬୧) ଶ୍ରୀ ଜଗନ୍ନାଥ ଏକରେ ଅନେକ ଓ ଅନେକର ଏକମାତ୍ର ଉତ୍ସରୂପେ ଯୁଗ ଯୁଗ' ଧରି ଓଡ଼ିଶାରେ ବିରାଜିତ ।(୬୨)

ବୈଦିକ ଯୁଗରୁ ଆରମ୍ଭକରି ଓଡ଼ିଶାରେ ବିଭିନ୍ନ ଧର୍ମର ଅଭ୍ୟୁତ୍‌ଥାନ ଘଟିଛି । ବୈଦିକ ବ୍ରାହ୍ମଣଧର୍ମ, ଜୈନଧର୍ମ, ବୌଧଧର୍ମ, ଶୈବ ଓ ପାଶୁପତ ଧର୍ମ, ଶାକ୍ତ ଧର୍ମ ତଥା ବୈଷ୍ଣବଧର୍ମ ମତବାଦ କାଳକ୍ରମେ

ଏଠାରେ ପ୍ରଚାରିତ ଓ ପରିପୁଷ୍ଟ ହୋଇ ଶ୍ରୀଜଗନ୍ନାଥଙ୍କଠାରେ ଅର୍ଥାତ୍ ଜଗନ୍ନାଥଧର୍ମରେ ଅନ୍ତର୍ଲୀନ ହୋଇଛି । ଶ୍ରୀଜଗନ୍ନାଥହିଁ ଉତ୍କଳୀୟ ଧର୍ମଧାରଣା ଓ ସଂସ୍କୃତିର ସମନ୍ୱୟାତ୍ମକ ପ୍ରତୀକ ଭାବେ ବିରାଜିତ । ତେଣୁ ଓଡ଼ିଶା ଯୁଗେ ଯୁଗେ ଭାରତୀୟ ଧର୍ମ, ଦର୍ଶନ ଓ ସଂସ୍କୃତିର ସମନ୍ୱୟ ପୀଠଭାବେ ପ୍ରତିଷ୍ଠା ଅର୍ଜନ କରିଆସିଛି । ଶ୍ରୀ ମନ୍ଦିରରେ ଅନୁଷ୍ଠିତ ଯାତ୍ରା, ଅତ୍ସବ, ବ୍ରତ, ପର୍ବପର୍ବାଣି ପ୍ରଭୃତି ଓଡ଼ିଶା ତଥା ଭାରତର ହିନ୍ଦୁ ସମାଜରେ ପାଳିତ ହୋଇଆସୁଛି । ଓଡ଼ିାର ଅଧିକାଂଶ କବି, ପଣ୍ଡିତ, ସ୍ତୁତିକାର ଶ୍ରୀଜଗନ୍ନାଥଙ୍କୁ ଇଷ୍ଟଦେବରୂପେ ବନ୍ଦନା କରିବା ସଂଗେ ସଂଗେ ତାଙ୍କରି ପୂଜା, ଉତ୍ସବ, ବ୍ରତାଦିକୁ ଆଧାର କରି ଶାସ୍ତ୍ର, ପୁରାଣ, କାବ୍ୟ, ନାଟକାଦି ଗ୍ରନ୍ଥମାନ ରଚନା କରିଛନ୍ତି ।

✓ ✓ ✓

# ଦ୍ୱିତୀୟ ଅଧ୍ୟାୟ

# ଜୈନଧର୍ମ

ସନାତନଧର୍ମ ଉର୍ଦ୍ଧ୍ୱମୂଳ ଅଧଃଶାଖାକାର ଅଶ୍ୱତ୍ଥବୃକ୍ଷ ସ୍ୱରୂପ । ଏହି ବୃକ୍ଷର ମୂଳକାଣ୍ଡ ମଧ୍ୟରେ ବହୁ ଶାଖାପଲ୍ଲବାଦିଯୁକ୍ତ ବୃକ୍ଷଟି ଅନ୍ତର୍ନିହିତ ଥିଲା । ସନାତନଧର୍ମରୂପକ ବୃକ୍ଷର, ମୂଳକାଣ୍ଡ ହେଉଛି ବେଦ ।(୧) ତେଣୁ ଭାରତରେ ବୈଦିକ ଭାବଧାରର ବାହାରେ ଜୈନ, ବୌଦ୍ଧ, ଚାର୍ବାକ୍ ପ୍ରଭୃତି ଯେତେପ୍ରକାର ଅବୈଦିକ ବା ନାସ୍ତିକ ମତବାଦର ଅଭ୍ୟୁଦୟ ଓ ପ୍ରସାର ଘଟିଛି, ସେ ସମସ୍ତର ବେଦ ହିଁ ହେଉଛି ମୂଳ । ବୈଦିକ ଯୁଗରେ ବ୍ରହ୍ମବାଦ ସହିତ ଦେବବାଦର ମଧ୍ୟ ପ୍ରଚଳନ ଥିଲା । ପ୍ରବୃତ୍ତିମୂଳକ ନିବୃତ୍ତିମୂଳକ ସାଧନଦ୍ୱୟ ବୈଦିକ ବ୍ରହ୍ମବାଦଦ୍ୱାରା ପ୍ରଚୋଦିତ ହୋଇଥିଲା ।(୨) ଉକ୍ତ ଉଭୟ ମାର୍ଗର ଲକ୍ଷ୍ୟ ଥିଲା ମୋକ୍ଷ । ବୈଦିକ ସମାଜ ବାହାରେ ଥିବା ବ୍ରାତ୍ୟ ସମାଜ ଓ ଅନାର୍ଯ୍ୟ ସମାଜ ମଧ୍ୟରେ ବୈଦିକ ଯଜ୍ଞାଦି ସହିତ ପାରିମ୍ପରିକ ପୂଜା ଓ ଉପାସନା ପ୍ରଚଳିତ ଥିଲା । କାଳକ୍ରମେ ନୂତନ ନୂତନ ଆବୈଦିକ ପନ୍ଥୀ କ୍ଷତ୍ରିୟ ଓ ବୈଶ୍ୟ ସମାଜର ପ୍ରାଦୁର୍ଭାବ ହେଲା । ସାଧନାମାର୍ଗର ପ୍ରକୃତିଗତ ବୈଶିଷ୍ଟ୍ୟ ଲକ୍ଷ୍ୟ କରି ସେମାନଙ୍କ ଅନୁସୃତ ଜୈନାଚାର ପ୍ରତି ସାଧାରଣ ଜନତା କ୍ରମଶ ଆକୃଷ୍ଟ ହୋଇଥିଲେ । ଜୈନଧର୍ମ କାଳକ୍ରମେ ଲୋକଧର୍ମର ଆସନ ଲାଭ କରିଥିଲା । ମହାଭାରତ ଯୁଗ ବେଳକୁ ଜୈନଧର୍ମମତବାଦର ପ୍ରତିଷ୍ଠା ସହିତ ଜୈନ ଜାତି ଓ ଜାତିଧର୍ମ ମାର୍ଗର ପ୍ରଚାର ଓ ପ୍ରସାର ହୋଇଥିବାର ଜଣାଯାଏ ।

ମହାଭାରତକାଳୀନ ସଂସ୍କୃତି ଓଡ଼ିଶାର ଜନଜୀବନକୁ କିପରିଭାବରେ ଉଦ୍‌ବୃଦ୍ଧ କରିଥିଲା, ତାହା ସମ୍ୟକ୍ ଆଲୋଚନା କଲେ ଜଣାଯାଏ ଯେ କୁରୁ ଓ ପାଣ୍ଡବ ଉଭୟ ବ୍ରାହ୍ମଣଧର୍ମର ପରିପୋଷକ ଥିଲେ । (୩) ଯୁଧିଷ୍ଠିରାଦି ସତ୍ୟ, ନ୍ୟାୟ ଓ ଧର୍ମର ଉପାସକ ଥିବା ସ୍ଥଳେ କୌରବମାନେ ଲକ୍ଷ୍ମୀ, ସୂର୍ଯ୍ୟ ପ୍ରଭୃତି ଦେବାଦେବୀଙ୍କ ଉପାସନା କରୁଥିଲେ । ଐତିହାସିକ ମହାଭାରତ ଯୁଦ୍ଧ 'ଧର୍ମଯୁଦ୍ଧ' ରୂପେ ଅଭିହିତ । ମହାଭାରତ ଯୁଗର ବ୍ରାହ୍ମଣ୍ୟଧର୍ମର ପରମ୍ପରା ଭାରତୀୟ ଜନଜୀବନକୁ ବିଶେଷ ପ୍ରଭାବିତ କରିଥିଲା । କୌରବାଗ୍ରଣୀ ଦୁର୍ଯୋଧନ କଳିଙ୍ଗର ରାଜକନ୍ୟା ବିକ୍ରାଙ୍ଗଦାଙ୍କ ପାଣିଗ୍ରହଣ କରିଥିଲେ, ଫଳରେ କଳିଙ୍ଗ ସହିତ କୌରବମାନଙ୍କର ଘନିଷ୍ଠ କୌଟୁମ୍ବିକ ସମ୍ପର୍କ ଥିଲା । ତେଣୁ କଳିଙ୍ଗରାଜ ମହାଭାରତ ଯୁଦ୍ଧରେ ପାଣ୍ଡବମାନଙ୍କ ବିପକ୍ଷରେ ଅସ୍ତ୍ର ଉତ୍ତୋଳନ କରିଥିଲେ ।(୪) କିନ୍ତୁ ପାଣ୍ଡବମାନଙ୍କ ସପକ୍ଷରେ ଉକଳ ପୂର୍ବଭାରତୀୟ ଏକ ଅଞ୍ଚଳର ଦୁଟି ଅଂଶ । ଉଭୟ ରାଜ୍ୟର ରାଜା ମହାଭାରତ ଧର୍ମଯୁଦ୍ଧରେ ଯୋଗଦେଇଥିବାରୁ ତତ୍କାଳୀନ କଳିଙ୍ଗ ଓ ଉତ୍କଳରେ ଜନସାଧାରଣଙ୍କ ଧର୍ମ ବ୍ରାହ୍ମଣ୍ୟଧର୍ମ ଅବା ସମୀଚୀନ ମନେହୁଏ । କାରଣ ବିଭିନ୍ନ ସଂସ୍କୃତି ତଥା ଧର୍ମନୁରାଗୀ ହୋଇଥିଲେ ଉଭୟ ଦେଶର ରାଜା ମହାଭରତ ଯୁଦ୍ଧରେ ଯୋଗଦାନ କରିନଥାନ୍ତେ । ଯୁଧିଷ୍ଠିର ତୀର୍ଥଯାତ୍ରା ସମୟରେ ପୁଣ୍ୟଭୂମି ଓଡ଼ିଶାର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିବା ଜଣାଯାଏ ।(୬)

ଐତିହାସିକମାନେ ମହାଭାରତଯୁଦ୍ଧର କାଳବିଷୟରେ ବିଭନ୍ନ ମତ ପୋଷଣ କରିଛନ୍ତି । ଯୁଦ୍ଧର

ପ୍ରାଚୀନତମ କାଳ ଖ୍ରୀ.ପୂ. ୩୧୦୧ ଓ ଅର୍ବାଚୀନତମ କାଳ ଖ୍ରୀ.ପୂ. ୩୦୦ ବର୍ଷ ବୋଲି ଆଲୋଚନାରୁ ଜଣାଯାଏ; କିନ୍ତୁ ଅଧିକ ସଂଖ୍ୟକ ଆଲୋଚକଙ୍କ ଖ୍ରୀ: ପୂ: ୨୦୦୦-୧୫୦୦ ବର୍ଷକୁ ମହାଭାରତଯୁଦ୍ଧର ସମୟ ବୋଲି ଏକମତ ହୋଇଛନ୍ତି । ସେହି ସମୟଠାରୁ ଜୈନଧର୍ମର ଆଦିତୀର୍ଥଙ୍କରଙ୍କ ଆବିର୍ଭାବ ପର୍ଯ୍ୟନ୍ତ ଓଡିଶାର ଧର୍ମପରମ୍ପରାରେ ବ୍ରାହ୍ମଣ୍ୟଧର୍ମ ଓ ସଂସ୍କୃତିର ଦୃଢ ପ୍ରଭାବ ଥିବା ମନେକରାଯାଏ; କାରଣ ଆଲୋଚ୍ୟ କାଳ ମଧରେ ଭାରତରେ ଧର୍ମମତବାଦର ଉଲ୍ଲେଖଯୋଗ୍ୟ ବୈପ୍ଳବିକ ଘଟଣା ଘଟିଥିବାର ପ୍ରମାଣ ମିଳେନାହିଁ ।

ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତାବ୍ଦୀରେ ତୀର୍ଥଙ୍କର ପାର୍ଶ୍ୱନାଥଙ୍କ ଆବିର୍ଭାବଦ୍ୱାରା ଭାରତୀୟ ବ୍ରାହ୍ମଣ୍ୟ ଧର୍ମମତବାଦରେ ଏକ ଅଭୂତପୂର୍ବ ଆଲୋଡନ ସୃଷ୍ଟି ହୋଇଥିଲା । ଯାଗ, ଯଜ୍ଞ, ଯୋଗ, ଉପାସନା, ବ୍ରହ୍ମଜଚିନ୍ତନ ପ୍ରଭୃତି ଆଧାତ୍ମିକ ବାହ୍ୟାଚରଣଦ୍ୱାରା ଯେଉଁ ବ୍ରାହ୍ମଣ୍ୟ ଧର୍ମ ଉତ୍ତରୋତ୍ତର ପରିପୁଷ୍ଟ ହୋଇ ଜନସାଧାରଣଙ୍କୁ ପ୍ରଭାବିତ କରିଆସୁଥିଲା, ପାର୍ଶ୍ୱନାଥଙ୍କ ଦ୍ୱାରା ତାହା ପ୍ରତିହତ ହେଲା । ପାର୍ଶ୍ୱନାଥଙ୍କ ଧର୍ମପ୍ରଚାରବେଳେକୁ ଓଡିଶା ପୂର୍ଣ୍ଣମାତ୍ରାରେ ବ୍ରାହ୍ମଣ୍ୟ ଧର୍ମର ପଦାଙ୍କ ଅନୁସରଣ କରୁଥିବାରୁ ତାଙ୍କ ଅନୁଗାମୀମାନେ ଧୀରେ ଧୀରେ ଓଡିଶାବାସୀଙ୍କ ପାରମ୍ପରିକ ଜୀବନଧାରାରେ କ୍ରମପରିବର୍ତ୍ତନ ଆଣିବାର ପ୍ରଚେଷ୍ଟା କଲେ । ଜୈନଧର୍ମର ଅନୁପ୍ରବେଶ ଫଳରେ ଓଡିଶାବାସୀ ନୂତନ ଚିନ୍ତାରେ ଉଦବୁଧ୍ ହେବାକୁ ଲାଗିଲେ । (୭) କରକଣ୍ଡୁ (୭୭୭-ଖ୍ରୀ:ପୂ:) ଥିଲେ କଳିଙ୍ଗର ପ୍ରାଚୀନତମ ଜୈନ ନରପତି । ସେ ଜୈନଧର୍ମର 'କରଣ୍ଡକ ବିହାର' ନିର୍ମାଣ କରାଇଥିଲେ । କରକଣ୍ଡୁଙ୍କଠାରୁ ଅଶୋକଙ୍କ ପର୍ଯ୍ୟନ୍ତ କଳିଙ୍ଗରେ ଜୈନଧର୍ମ ରାଜଧର୍ମରୂପେ ସ୍ୱୀକୃତି ଲାଭ କରିଥିଲା ।

ପାର୍ଶ୍ୱନାଥଙ୍କ ପ୍ରଚାରିତ ଚତୁର୍ଯାମ (ଅହିଂସା,ସତ୍ୟ, ଅସ୍ତେୟ ଓ ଅଚୌର୍ଯ୍ୟ) ଧର୍ମହିଁ କଳିଙ୍ଗର ପ୍ରାଚୀନତମ ଧର୍ମ ।ଏହି ଧର୍ମମତଦ୍ୱାରା କଳିଙ୍ଗ ସହିତ ଅଙ୍ଗ ଓ ମଗଧର ଜନସାଧାରଣ ପ୍ରଭାବିତ ହୋଇଥିଲେ । ତତ୍କାଳୀନ କଳିଙ୍ଗ ଓ ଉତ୍କଳରେ ରାଜତନ୍ତ୍ର ପ୍ରତିଷ୍ଠିତ ଥିବାରୁ ଜୈନଧର୍ମର ଅନୁଗାମୀମାନେ ରାଜାମାନଙ୍କ ସହିତ ପ୍ରଜାମନେଙ୍କୁ ବିଶେଷଭାବେ ପ୍ରଭାବିତ କରିଥିବା ବିଶ୍ୱାସ କରାଯାଏ । ପ୍ରସଙ୍ଗକ୍ରମେ ଓଡିଶାରେ ଥିବା ଏକ କିଂବଦନ୍ତୀର ଅବତାରଣା କରାଯାଇପାରେ ।

କୋଶଳରାଜ ପ୍ରସେନଜିତ୍ ସ୍ୱକନ୍ୟା ପ୍ରଭାବତୀ ସହିତ ପାର୍ଶ୍ୱନାଥଙ୍କ ପାଣିଗ୍ରହଣ ବିଷୟ ନିର୍ଦ୍ଧାରଣ କରିଥିଲେ ; କିନ୍ତୁ କଳିଙ୍ଗର ରାଜା ସେହି ରାଜକନ୍ୟାଙ୍କୁ ବଳପୂର୍ବକ ଅପହରଣ କରିନେବାରୁ କେଶଳ ନରପତି ଦୁଃଖିତ ହେଲେ । ସ୍ୱାଧର୍ମାନୁଗାମୀ ରାଜାଙ୍କର ଦୁଃଖ ଅପନୋଦନ ନିମିତ୍ ପାର୍ଶ୍ୱନାଥ ନିଜର ଧର୍ମାନୁରାଗୀମାନଙ୍କ ସହିତ କଳିଙ୍ଗକୁ ଧର୍ମଅଭିଯାନ କଲେ । ଯଥାସମୟରେ କଳିଙ୍ଗରାଜ ପରାଜିତ ହୋଇ ପାର୍ଶ୍ୱନାଥଙ୍କ ଶରଣାପନ୍ନ ହେଲେ । (୮) ଫଳରେ ପାର୍ଶ୍ୱନାଥଙ୍କ ପ୍ରଭାବରେ ସମଗ୍ର କଳିଙ୍ଗ ପ୍ରଭାବିତ ହେଲା । ସାଧ୍ୱୀ ରଜକନ୍ୟାଙ୍କ ଧର୍ମରକ୍ଷା କରିଥିବାରୁ କଳିଙ୍ଗବାସୀ ପାର୍ଶ୍ୱନାଥଙ୍କ ମହାନୀୟ ଚରିତ୍ର ପ୍ରତି ଆକୃଷ୍ଟ ହୋଇଥିଲେ । ଏହି ସହଯୋଗରେ ଜୈନଧର୍ମ ବିଚାରଧାରା କଳିଙ୍ଗବାସୀଙ୍କୁ ସର୍ବୋଚ୍ଚଭାବେ ଆଚ୍ଛନ୍ନ କରିଥିଲା

। ଏହାଦ୍ୱାରା ବ୍ରାହ୍ମଣ୍ୟ ଧର୍ମର ପ୍ରସାର ବିଶେଷଭାବେ ସଂକୁଚିତ ଓ ପତିହତ ହେଲା । ପାର୍ଶ୍ୱନାଥଙ୍କଠାରୁ ଆରମ୍ଭକରି ଜୈନଧର୍ମର ଅନ୍ତିମ ତୀର୍ଥଙ୍କର ମହାବୀରଙ୍କ (୬୦୦ ଖ୍ରୀ: ପୂ:)ପର୍ଯ୍ୟନ୍ତ କଳିଙ୍ଗ ଓ ଉତ୍କଳରେ ଜୈନଧର୍ମର ଧାରା ଅବାରିତଭାବେ ପ୍ରବହିତ ଥିଲା ।

ତ୍ରୟୋବିଂଶ ତୀର୍ଥଙ୍କର ପାର୍ଶ୍ୱନାଥଙ୍କ ପ୍ରଚାରିତ ଧର୍ମମତବାଦ ତତ୍‌କାଳୀନ କଳିଙ୍ଗରେ ଯେତିକି ପରିପ୍ରସାର ଲାଭକରିଥିଲା, ଅନ୍ତିମ ତୀର୍ଥଙ୍କର ମହାବୀରଙ୍କ ସମୟରେ ତାହାର ସ୍ରୋତ ଅବାରିତ ଗତିରେ ବହିଚାଲିଲା । ଜୈନଗ୍ରନ୍ଥରୁ ଜଣାଯାଏ ଯେ, ତୀର୍ଥଙ୍କର ମହାବୀର ମଗଧରେ ଜୈନଧର୍ମର ବୈଜୟନ୍ତୀ ଉଡାଇବା ପରେ କଳିଙ୍ଗର ତୋଷଳ ରାଜ୍ୟରେ ପ୍ରବେଶ କରିଥିଲେ । (୯) ମହାବୀରଙ୍କ ଆବିର୍ଭାବବେଳେକୁ କଳିଙ୍ଗରେ ଜୈନଧର୍ମର ପ୍ରଚାର ଓ ପ୍ରସାର ଘଟିଥିଲା (୧୦) କଳିଙ୍ଗର ' ପିହୁଣ୍ଡ' ନାମକ ଏକ ସୁବିଖ୍ୟାତ ବନ୍ଦର ସେତେବେଳେ ଜୈନମାନଙ୍କର ଅନ୍ୟତମ ପ୍ରସିଧ୍ ତୀର୍ଥକ୍ଷେତ୍ରରୂପେ ପ୍ରଚାରିତ ହୋଇଥିଲା । (୧୧) ତତ୍‌ପୂର୍ବରୁ ପାର୍ଶ୍ୱନାଥଙ୍କ ସମୟରେ ଆଧୁନିକ ଉତ୍ତର -ଓଡିଶା ଜୈନମାନଙ୍କର ଲୀଳାଭୂମିରୂପେ ପ୍ରତିଷ୍ଠା ଲାଭକରିସାରିଥିଲା । ତତ୍କାଳୀନ 'କୋପ କଟକ' ବା ଆଧୁନିକ ବାଲେଶ୍ୱର ଜିଲାର ସୋର ଅନ୍ତର୍ଗତ 'କୁପାରୀ'ରେ ଅବସ୍ଥାନ କରି ପାର୍ଶ୍ୱନାଥ ସମଗ୍ର ଉତ୍ତର-ଓଡିଶାରେ ଧର୍ମପ୍ରଚାର କରିଥିବା ଜଣାଯାଏ ।(୧୨) ସେହି ସମୟରେ ଆଧୁନିକ ମୟୂରଭଞ୍ଜ ଅଞ୍ଚଳର 'କୁଚସୁମ୍ଭ' ନାମକ କ୍ଷତ୍ରୟ ଜାତି ପାର୍ଶ୍ୱନାଥଙ୍କ ଧର୍ମଧ୍ୱଜା ତଳେ ଆଶ୍ରୟ ଗ୍ରହଣ କରିଥିଲେ । ପରବର୍ତ୍ତୀ କାଳରେ ସେ ଅଞ୍ଚଳର ଶାସନକ୍ଷମତା କୁସୁମ୍ଭମାନଙ୍କର ହସ୍ତଗତ ହୋଇଥିବାରୁ ସମଗ୍ର ମୟୁରଭଞ୍ଜରେ ଜୈନଧର୍ମ ରାଜଧର୍ମ ରୂପେ ପ୍ରତିଷ୍ଠିତ ହୋଇଥିଲା । ସମଗ୍ର ଉତ୍ତର ଓଡ଼ିଶାରେ ଜୈନଧର୍ମ ଲୋକପ୍ରିୟତା ଅର୍ଜନ କରିବାରୁ କଳିଙ୍ଗ ରାଜାଙ୍କ ଆମନ୍ତ୍ରଣକ୍ରମେ ମହାବୀର ତୋଷାଳୀରେ ପ୍ରବେଶ କରି ଜୈନଧର୍ମ ପ୍ରଚାର କରିଥିଲେ ।(୧୩) ତୋଷାଳୀର (ଭୁବନେଶ୍ୱର) ନିକଟବବର୍ତ୍ତୀ କୁମାରଗିରି ଅର୍ଥାତ୍ ଆଧୁନିକ ଖଣ୍ଡଗିରି ଥିଲା ମହାବୀରଙ୍କ ଧର୍ମପ୍ରଚାର ମୁଖ୍ୟ କେନ୍ଦ୍ର ।(୧୪) ସମ୍ଭବତଃ ତାଙ୍କରି ସମୟରେ ତୋଷାଳୀରେ ଜିନାସନ ପ୍ରତିଷ୍ଠିତ ହୋଇଥିଲା । ମହାବୀରଙ୍କ ପ୍ରଭାବରେ ଉକ୍ତ ଜିନାସନ ସାଧାରଣ ଜନତାର ପରମ ଆରାଧ ରୂପେ ମର୍ଯ୍ୟଦା ଓ ସ୍ୱୀକୃତି ଲାଭକରିଥିଲେ ।

ଜୈନ ମହାବୀରଙ୍କ କାଳରେ ଶୌଧୋଦନି ବୁଦ୍ଧଦେବଙ୍କ ଆବିର୍ଭାବ ମହାଭାରତୀୟ ଧର୍ମପ୍ରବର୍ତନ ମାର୍ଗରେ ଏକ ବିରାଟ ସମାନ୍ତରାଳରେଖାର ସୂତ୍ରପାତ କଲା । ପୂର୍ବୋତ୍ତର ଭାରତ ଗୌତମ ବୁଧ୍ଙ୍କ ପ୍ରଭାବରେ ପ୍ରଭାବିତ ହେଉଥିବା ବେଳେ ଅନ୍ତିମ ତୀର୍ଥଙ୍କରଙ୍କ ପ୍ରଭାବରେ ଦକ୍ଷିଣ ପଶ୍ଚିମ ଭାରତ ଉଦ୍‌ବୁଧ୍ ହେଉଥିଲା । ଉଭୟ ମତବାଦ ସ୍ୱୀୟ ଅଞ୍ଚଳକୁ କେନ୍ଦ୍ରକରି ଉତ୍ତରୋତ୍ତର ବିସ୍ତୃତ ଲାଭ କରୁଥିଲା । ଜୈନ ମହାବୀରଙ୍କ ମୁଖ୍ୟ କର୍ମକ୍ଷେତ୍ର ଅଙ୍ଗ ଓ କଳିଙ୍ଗରେ ବୈଧ୍ଧର୍ମ ତୀବ୍ର ପ୍ରତିରୋଧର ସମ୍ମୁଖୀନ ହୋଇଥିଲେ । ଅଙ୍ଗରାଜ ଦଧିବାହନଙ୍କ ସହିତ ମହାବୀରଙ୍କ ପରମ ଆତ୍ମୀୟତାଥିଲା, ଫଳରେ ସମଗ୍ର ଅଙ୍ଗରେ ଜୈନଧର୍ମ ରାଜଧର୍ମରେ କଳିଙ୍ଗବାସୀଙ୍କଠାରେ ଆଦୃତି ଓ ପରିପ୍ରସାର ଲାଭ କରିଥିଲା । ସେହି ସମୟରେ ଉଭୟ ଦେଶରେ ଜୈନପ୍ରଚାର କେନ୍ଦ୍ରମାନ ପ୍ରତିଷ୍ଠିତ ହୋଇଥିଲା । ସମ୍ଭବତଃ କଳିଙ୍ଗରେ ଜିନାସନ ପ୍ରତିଷ୍ଠାର ତାହାହିଁ ଥିଲା

ମୌଳିକ ଭିତ୍‌ଭୂମି । ପରବର୍ତ୍ତୀ କାଳରେ ଏହି କଳିଙ୍ଗ ଜିନାସନ ମଗଧ ସହିତ ସମଗ୍ର ଉତ୍ତର ଭାରତରେ ବହୁପ୍ରଚାରିତ ବୌଧ୍‌ଧର୍ମ ପ୍ରତି ଏକ ଆହ୍ୱାନ ସ୍ୱରୂପ ଦେଖାଦେଇଥିଲା ।

ଅଙ୍ଗ ଓ କଳିଙ୍ଗରେ ଏହି ମହାନ୍ ଧର୍ମପ୍ରବର୍ତ୍ତନ ଦ୍ୱାରା ମଗଧରାଜ ଅସହିଷ୍ଣୁ ହୋଇଥବବା ସ୍ୱାଭାବିକ ମନେହୁ, । ତେଣୁ ସ୍ୱଧର୍ମମତ ପ୍ରତିଷ୍ଠା ବ୍ୟନଜରେ ସେ ଅଙ୍ଗ ଓ କଳିଙ୍ଗକୁ ନିଜ ସାମ୍ରାଜ୍ୟଭୁକ୍ତ କରିବାରେ ପ୍ରୟାସୀ ହୋଇଥିବେ । ଉଭୟ ଦେଶର କୌରସି ଏକ ଦୁର୍ବଳ ମୁହୂର୍ତ୍ତରେ ମଗଧର ମହାପ୍ରତାପୀ ମହାରାଜ ପହାପଦ୍ମନନ୍ଦ (୩୬୨-୩୩୪ ଖ୍ରୀ.ପୂ.) ଧର୍ମଯୁଧ୍‌ର ଅନ୍ତରାଳରେ ସାମରିକ ଅଭିଯାନ ଚଳାଇ ଉଭୟ ରାଜ୍ୟ ପ୍ରାୟ (୩୫୦ ଖ୍ରୀ.ପୂ.ରେ) କବଳିତ କରିଥିଲେ । କଳିଙ୍ଗରେ ପ୍ରତିଷ୍ଠିତ ବହୁଜନବିଶ୍ରୁତ ଜିନାସନକୁ ନେଇ ମଗଧରେ ଅବହେଳିତ ଅବସ୍ଥାରେ ରଖାଯାଇଥିଲେ ।

ମହାପଦ୍ମନନ୍ଦଙ୍କର ଏହି ବିଜୟ ଅଭିଯାନ ପରେ ପରେ ପରାହତ କଳିଙ୍ଗର ଜନଜୀବନରେ ଏକ ମହାନ୍ ପରିବର୍ତ୍ତନ ସହିତ ସ୍ୱାଭିମାନ ଜାଗ୍ରତ ହୋଇଥିଲା । ସେମାନେ ନିଜ ନିଜ ମଧ୍ୟରେ ସଙ୍ଗଠିତ ହୋଇଥିଲେ ଏବଂ ମହାପଦ୍ମନନ୍ଦଙ୍କ ରାଜତ୍ୱ ପରେ (୩୩୪ ଖ୍ରୀ.ପୂ.) ମଗଧର ରାଜନୈତିକ ଅସ୍ଥିରତାର ସୁଯୋଗ ନେଇ ପୁନର୍ବାର ସ୍ୱାଧୀନ ହେବାର ପ୍ରଚେଷ୍ଟା କରିଥିଲେ । ଏହି ସ୍ୱାଧୀନତା ମୂଳରେ ଗୋଟିଏ ଦୁଇଟି ଉଦାହରଣ ସେମାନଙ୍କୁ ସୁଦୂର ଉତ୍ତରଭାରତର ମଦ୍ର ରାଜ୍ୟରେ ଏକ ଅଭିନବ ଗଣତନ୍ତ୍ର ପ୍ରତିଷ୍ଠା ହୋଇଥିଲା । ମଗଧ ମଗଧର ସାମ୍ରାଜ୍ୟ ବାଦନୀତିକୁ ପ୍ରତିରୋଧ କରୁଥିଲେ । ମଗଧ ପ୍ରତି ପାରମ୍ପରି ବୈରତା ହେତୁରୁ କଳିଙ୍ଗବାସୀ ମଧ ଏ ଦୁଇଟି ଗଣତନ୍ତ୍ର ରାଜ୍ୟର ଆଦର୍ଶରେ ସୁଦୂର ପୂର୍ବ ଦକ୍ଷିଣଭାରତରେ ଏକ ପ୍ରଜାତନ୍ତ୍ରୀୟ ଶାସନ ପ୍ରତିଷ୍ଠାରେ ମନବଳାଇଥିଲେ । ଦେଶମାତୃକାର ଅଭିମାନରେ ଦୃପ୍ତ କଳିଙ୍ଗବାସୀଙ୍କୁ କୌଣସି ନିର୍ଦ୍ଦିଷ୍ଟ ରାଜତନ୍ତ୍ର ଉଦ୍‌ବୁଧ୍ କରିବା ଅପେକ୍ଷା ଏକ ପ୍ରଜାତନ୍ତ୍ରୀୟ ଶାସନ ସେମାନଙ୍କୁ ସଙ୍ଗଠିତ କରିବାରେ ବିଶେଷ ସହାୟକ ହୋଇଥିବା ମନେହୁଏ । ଏହି ବୈପ୍ଳବିକ ସଂଖଘଶାସନ ପ୍ରବର୍ତ୍ତନ ଫଳରେ କଳିଙ୍ଗବାସୀ ସଙ୍ଗଠିତଭାବେ ମଗଧ ରାଜତନ୍ତ୍ର ବିରୁଧ୍‌ରେ ଏକ ମହାନ୍ ଅଭଦ୍ୟେ ଦୁର୍ଗରୂପେ ସ୍ୱଦେଶର ପ୍ରତିଷ୍ଠା କରିପାରିଥିଲେ; କିନ୍ତୁ ସେତେବେଳେ ଅଙ୍ଗରାଜ୍ୟରେ ରାଜତନ୍ତ୍ର ଥିବାରୁ ଉଭୟ କଳିଙ୍ଗ ଓ ମଗଧ ଅଙ୍ଗକୁ ଆତ୍ମପକ୍ଷ ସମର୍ଥନ ପାଇଁ ଉତ୍ସାହିତ କରୁଥିଲେ । ଅଙ୍ଗ ଓ କଳିଙ୍ଗର ଧର୍ମମତବାଦରେ ମତୈକ୍ୟ ଥିବାରୁ ଅଙ୍ଗବାସୀ ମଗଧ ଅପେକ୍ଷା କଳିଙ୍ଗ ପ୍ରତି ଅଧିକତର ଆକୃଷ୍ଟ ହେଉଥିଲେ ମଧ ସଂଘୀୟ ଶାସନଠାରୁ ଦୂରରେ ରହିବାକୁ ଚେଷ୍ଟା କରୁଥିଲେ । ମଗଧ ଓ ଅଙ୍ଗ ମଧ୍ୟରେ ଲିଚ୍ଛବୀ ଗଣତନ୍ତ୍ର ଥିବାରୁ ମଗଧ ଅଙ୍ଗ ବିରୁଧ୍‌ରେ କୌଣସି ପ୍ରାର ଆକ୍ରମଣାତ୍ମକ ଭାବ ପୋଷଣ ନକରି କୁଟନୀତିଦ୍ୱାରା ଅଙ୍ଗକୁ କରାୟତ କରିବାର ବାସନା ପୋଷଣ କରିଥିଲା । ଦୀର୍ଘକାଳର ପ୍ରଚେଷ୍ଟା ଫଳରେ ଖୁବ୍ ସମ୍ଭବତଃ ମହାବୀର ବିମ୍ବିସାରଙ୍କ ଅମଳରେ ଅଙ୍ଗ ଓ ଲିଚ୍ଛବୀ ଗଣତନ୍ତ୍ର ମଗଧର ସାମ୍ରାଜ୍ୟଭୁକ୍ତ ହୋଇଥିଲେ । କଳିଙ୍ଗର ବିସ୍ତାରବାଦୀ ନୀତି ନଥିବାରୁ ସେ ପରାକ୍ରମଶାଳୀ ମଗଧ ସାମ୍ରାଜ୍ୟ ବିରୁଧ୍‌ରେ ଆକ୍ରମଣାତ୍ମକ ଭାବ ପୋଷଣ ନକରି ନିଜକୁ ଅଧିକ ସଂଗଠିତ କରିବାର ଉଦ୍ୟମ କରୁଥିଲା । ତାହାରି ଫଳରେ ମଗଧ କଳିଙ୍ଗ ପରି ଏକ ବିଶାଳ ପ୍ରଜାତନ୍ତ୍ରୀୟ ଶାସନ ବିରୁଧ୍‌ରେ ଅସ୍ତ୍ର ଉତ୍ତୋଳନ କରିବାକୁ ସାହାସ

କରୁନଥିଲା । ତେଣୁ କଳିଙ୍ଗ ଥିଲା ଅବିଜିତ । ତେଣୁ କଳିଙ୍ଗ ଥିଲା ଅବିଜିତ ।

ଏହି ସମୟରେ ମଗଧର ରାଜସିଂହାସନରୁ ବିମ୍ବିସାରଙ୍କ ତିରୋଭାବ ଓ ଅଶୋକଙ୍କ ଆବିର୍ଭାବ ମହାଭାରତୀୟ ଧର୍ମନୀତି ଓ ରାଜନୀତିରେ ଏକ ମହାନ୍ ପରିବର୍ତ୍ତନ ଆଣିଥିଲା । ମଗଧ ତଥା ସମଗ୍ର ଉତ୍ତର ଭାରତ ବୌଦ୍ଧଧର୍ମର ପ୍ରଭାବରେ ପ୍ରଭାବିତ ଥିବାରୁ ସାଧାରଣ ଜନତା ଯୁଦ୍ଧବିଗ୍ରହ ପ୍ରଭୃତିକୁ ଆଦର ଦୃଷ୍ଟିରେ ଦେଖୁନଥିଲେ । ପ୍ରଜାବୃନ୍ଦର ପ୍ରକାର ଶୈଥିଲ୍ୟ ଲକ୍ଷ୍ୟକରି ବିସ୍ତାରବାଦୀ ରାଜ୍ୟଲିପ୍ସୁ ସମ୍ରାଟ ଅଶୋକ ଧୀରେ ଧୀରେ ମଗଧ ବାହିନୀକୁ ସଂଗଠିତ କରାଇଥବଲେ । ସେତେବଳେ କଳିଙ୍ଗରେ ଜୈନଧର୍ମ ପ୍ରଜାଧର୍ମରେ ପରିଣତ ହୋଇଥିଲେ ମଧ ଦେଶପ୍ରେମ କଳିଙ୍ଗବାସୀଙ୍କୁ ଉଦ୍‌ବୁଧ୍ କରିଥିଲା । ତେଣୁ କଳିଙ୍ଗର ଜନସାଧାରଣ ନିଜର ଜୀବନ ବିନିମୟରେ ଦେଶର ଗୌରବ ଅପ୍ରତିହିତ ରଖିବା ଲାଗି ଚେଷ୍ଟା କରିଥିଲେ । ଅଶୋକ ପ୍ରଥମେ କଳିଙ୍ଗ ଆଡ଼କୁ ଯୁଧ୍ ଅଭିଯାନ ନଚଳାଇ ସମଗ୍ର ଆଗରେ ସମଗ୍ର ଉତ୍ତର ଭାରତୀୟ ଜନତା ଶିର ଅବନତ କରିଦେଲେ । ଉତ୍ତର ଭାରତରେ ପ୍ରଚଳିତ କେବଳ ରାଜତନ୍ତ୍ରଗୁଡ଼ିକ ନୁହେଁ, ମହାପରାକ୍ରମଶାଳୀ ମଦ୍ର ଗଣତନ୍ତ୍ର ମଧ ମଗଧ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହୋଇଥିଲା ।

ଏହି ଐତିହାସିକ ବିଜୟ ଫଳରେ ଅଶୋକଙ୍କ ମନରେ ରାଜ୍ୟଲିପ୍ସା ବ୍ୟାପକ ହୋଇଉଠିଲା । ସେ ପାରମ୍ପରି ଶତ୍ରୁତାର ପ୍ରତିଶୋଧ ଲାଗି ମଗଧର ସେନାବାହିନୀକୁ କଳିଙ୍ଗର ପ୍ରଜାତନ୍ତ୍ର ଶାସନ ବିରୁଧ୍‌ରେ ଅଗ୍ରସର କରାଇଲେ । ଓଡ଼ିଶାର କିମ୍ବଦନ୍ତୀ ଅନୁସାରେ କଳିଙ୍ଗନଗରୀ ଅର୍ଥାତ୍ ଆଧୁନିକ ଭୁବନେଶ୍ୱର ଉପକଣ୍ଠରେ ଅବସ୍ଥିତ ଏକ ବିଶଳ ପ୍ରାଙ୍ଗଣରେ (ସମ୍ଭବତଃ ଆଧୁନିକ ଭୀମଟାଙ୍ଗି) କଳିଙ୍ଗ ଓ ମଗଧ ବାହିନୀ ମଧରେ ଘୋର ସଂଘର୍ଷ ଘଟିଥିଲା । ସେତେବେଳେ କଳିଙ୍ଗରେ ଜୈନଧର୍ମର ପ୍ରଭାବ ଥିଲା ଓ ତାହା ଆଦର୍ଶ ସ୍ଥାନୀୟ ଧର୍ମରୂପେ ସର୍ବସାଧାରଣରେ ଆଦୃତ ଉେଥିଲା । ଜୈନସନ୍ନ୍ୟାସୀମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ଅସ୍ଥାନ ଜମାଇ ଜନତାକୁ ଧର୍ମମାର୍ଗରେ ପରିଚାଳନା କରୁଥିଲେ । ସମ୍ଭବତଃ ସେହି ଉଭୟଙ୍କ ଯୁଧ୍‌କୁ ଏଡ଼ାଇବା ପାଇଁ କଳିଙ୍ଗର ଜୈନସନ୍ନ୍ୟାସୀମାନଙ୍କ ଆପ୍ରାଣ ଚେଷ୍ଟାକୁ ଉଭୟପକ୍ଷ ସ୍ୱାଭିମାନବଶତଃ ଆନ୍ତରିକତାର ସହିତ ଗ୍ରହଣ କରିଥିଲେ, ଫଳରେ ସେହି ଯୁଧ୍‌ରେ ଲକ୍ଷ ଲକ୍ଷ ଲକ୍ଷାଧିକ ଲୋକ ବନ୍ଦୀ ହେଲେ ଓ ତତୋଧିକ ନିରୀହ ଆବାଳବୃଧ୍‌ବନିତା ମୃତାହତ ହେଲେ । ବହୁ ଜନାକୀର୍ଣ୍ଣ ଗ୍ରାମ ଓ ଜନପଦ ଧ୍ୱଂସ ସ୍ତୁପରେ ପରିଣତ ହେଲା । ଏହି ବିରାଟ ରଣତାଣ୍ଡବଳୀଳାର ଭୟାବହ ନାରକୀୟ ଦୃଶ୍ୟ ଅବଲୋକ କରି ଚଣ୍ଡାଶୋକଙ୍କ ମନରେ ଭାବାନ୍ତର ଜାତ ହେଲା । ଅସ୍ତ୍ରବଳରେ ବିଜୟ ବିଜୟ ନୁହେଁ ବୋଲି ସେ ମୁକ୍ତ କଣ୍ଠରେ ସ୍ୱୀକାର କଲେ । ସେତିକିବେଳେ କଳିଙ୍ଗନଗରୀର ଉପଣ୍ଠରେ ବାସକରୁଥିବା ଅହିଂସାର ଉପାସକ ଉପଗୁପ୍ତଙ୍କ ପ୍ରେରଣାରେ ଅଶେକ ଜୀବନରେ ଆଉ ଯୁଧ୍ ନକରିବାକୁ ପ୍ରତିଜ୍ଞାବଧ୍ ହୋଇଥିବାର ଅନୁମାନ କରାଯାଏ । ମଗଧ ଓ ସମଗ୍ର ଉତ୍ତର ଭାରତରେ ବୌଧ୍‌ମତବାଦ ଓ ପୂର୍ବଭାରତ ବିଶେଷତଃ କଳିଙ୍ଗର ଜୈନମତବାଦ ଅଶୋକଙ୍କ ରଣନୀତିକୁ ଧର୍ମନୀତିରେ ପରିଚାଳନ କରାଇବାରେ ବିଶେଷ ସାହାଯ୍ୟ କରିଥିଲା । ବୌଧ୍‌ଧର୍ମର ମଗଧର ରାଜଧର୍ମରୂପେ ବହୁପୂର୍ବରୁ ଚଳିଆସୁଥିବାରୁ ଅଶୋକ ସେହି ଧର୍ମର ମୁଖ୍ୟ ପୃଷ୍ଠପୋଷକ ରୂପେ ସମଗ୍ର ମଗଧ ସାମ୍ରାଜ୍ୟରେ

ନୂତନ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ । ତଦନୁସାରେ ପ୍ରଜାମାନଙ୍କୁ ପ୍ରତିପାଳନ କରିବା ନିମିତ୍ ସେ ରାଜ୍ୟ ଶାସନ ପକ୍ଷରୁ କୁମାର, ମହାପାତ୍ର, ନଗର ବ୍ୟବହାରିକ, ପ୍ରାଦେଶିକ, ରାଜୁକ ତଥା ଯୁକ୍ତମାନଙ୍କୁ ନିଯୁକ୍ତି ଦେଇ ଧର୍ମଚକ୍ର ପ୍ରବର୍ତ୍ତନର ମାର୍ଗ ପ୍ରଶସ୍ତ କରିଥିଲେ । ଅଶୋକଙ୍କ ଶାସନରେ କଳିଙ୍ଗବାସୀଙ୍କ ଜୀବନଧାରା ଅତୀବ ନିରାଡ଼ମ୍ବର ଥିଲା ।

ଯୁଦ୍ଧକ୍ଲାନ୍ତ କଳିଙ୍ଗବାସୀ ଏକ ପରାଜିତ ଜାତି ହିସାବରେ ଅଶୋକଙ୍କୁ ଯେପରି ଭାବରେ ଘୃଣା କରିବାର କଥା ତାହା ନକରି ମଗଧ ଶାସନର ନୂତନ ଧର୍ମନୀତି ଉଦ୍‌ଘୋଷିତ ହେବା ପରେ ତାଙ୍କ ପ୍ରତି ବିଶେଷ ଅନୁରକ୍ତ ହୋଇଥିବା ବିଶ୍ୱାସ କରାଯାଏ । ପ୍ରଜାମାନଙ୍କର ମନରେ ଏହି ନୂତନ ଧର୍ମପ୍ରତି ପ୍ରବଳ ଆଗ୍ରହ ଲକ୍ଷ୍ୟକରି ଦେବାନାଂ ପ୍ରିୟ ପ୍ରିୟଦର୍ଶୀ ଅଶୋକ କଳିଙ୍ଗର ବିଭିନ୍ନ ସ୍ଥାନରେ ଶିଳଲେଖମାନ ଖୋଦନ କରିବା ସଂଗେ ସଂଗେ ପାନ୍ଥଶାଳା ନିର୍ମାଣ, ବୃକ୍ଷରୋପଣ, ଜଳସେଚନ ବ୍ୟବସ୍ଥା ଆଦି ଜନକଲ୍ୟାଣକର କୀର୍ତ୍ତିମାନ ପ୍ରତିଷ୍ଠା କରିଥିଲେ । ତାହା ଫଳରେ କଳିଙ୍ଗର ଅଧିବାସୀଗଣ ଅଶୋକଙ୍କ ଧର୍ମଚକ୍ର ପ୍ରତି ଆକୃଷ୍ଟ ହୋଇଥିଲେ ଓ ତଦନୁସାରେ ସାଧାରଣ ଜନତା ରାଜକର୍ମଚାରୀମାନଙ୍କୁ କର୍ତ୍ତବ୍ୟ ନିର୍ବାହରେ ଯଥୋଚିତ ସାହାଯ୍ୟ କରିଥିଲେ । ପ୍ରିୟଦର୍ଶୀ ଅଶୋକଙ୍କ ଏ ପ୍ରକାର ନୂତନ ଧର୍ମନୀତି ପ୍ରବର୍ତ୍ତନ ଫଳରେ କଳିଙ୍ଗରେ ଜୈନଧର୍ମର ପ୍ରତିଷ୍ଠିତ ସ୍ତମ୍ଭ, ବିହାର ଓ ବୁଧମୂର୍ତ୍ତିଗୁଡ଼ିକ ପ୍ରତି  ଅଧିକ ଶ୍ରଦ୍ଧାବାନ ହୋଇଉଠିଲେ । ଅଶୋକଙ୍କ ନୂତନ ଧର୍ମନୀତି ଶାସନ ନୀତିରେ  ପର୍ଯ୍ୟବେସିତ ହୋଇଥିବାରୁ ତାହାର ବିରୁଧାଚରଣ କରିବାଲାଗି କେହି ସାହସର ସହିତ ଅଗ୍ରଣୀ ହେଲେନାହିଁ । ଜୈନସନ୍ନ୍ୟାସୀମାନେ ମଧ ପୂର୍ବପରି ଉନ୍ମୁକ୍ତ ଭାବରେ ଜୈନଧର୍ମ ଓଡ଼ିଶାରେ ଲୋକଧର୍ମର ଆସନରେ ଅଧିଷ୍ଠିତ ହୋଇପାରିଲାନାହିଁ । ଗୋଟିଏ ଦିଗରେ ଦେବାନାଂ ପ୍ରିୟ ପ୍ରିୟଦର୍ଶୀମାନଙ୍କ ନୂତନ ଧର୍ମଚକ୍ର ପ୍ରତି ପ୍ରଜାବୃନ୍ଦଙ୍କ ଅଶେଷ ଶ୍ରଦ୍ଧା, ଅନ୍ୟ ଦିଗରେ ଧର୍ମନୀତି ସହିତ ଶାସନନୀତର ଅଙ୍ଗାଙ୍ଗୀଭାବ ସଂପର୍କ ଥିବାରୁ କଳିଙ୍ଗରେ ଜୈନଧର୍ମ ପର୍ବତକନ୍ଦର, ଗୁହା, ନିର୍ଜନ ଅରଣ୍ୟାନୀ ମଧରେ ଆତ୍ମଗୋପନ କଲା । ଦୀର୍ଘ ପ୍ରାୟ ୫୦୦ ବର୍ଷ ଧରି ଯେଉଁ ଜୈନଧର୍ମ ତୀର୍ଥଙ୍କରମାନଙ୍କର ଧର୍ମନୀତିପୂର୍ଣ୍ଣ ବାଣୀ କଳିଙ୍ଗର ଜନସାଧାରଣଙ୍କୁ ଉଦ୍‌ବୁଧ୍ କରିଆସିଥିଲା, ତାହା ପ୍ରିୟଦର୍ଶୀଙ୍କ ଶାସନକାଳରେ ବିଶେଷ ବାଧାପ୍ରାପ୍ତ ହୋଇଥିଲା । ତେଣୁ ଜୈନଧର୍ମ ବ୍ୟକ୍ତିବିଶେଷର ଆଚରଣରେ ପର୍ଯ୍ୟବେସିତ ହୋଇ ରହିଲା । ଅବଶ୍ୟ ବୌଧଧର୍ମ ଓ ଜୈନ ଧର୍ମର ମୌଳିକନୀତି ମଧରେ ବିଶେଷ ପାର୍ଥକ୍ୟ ନଥିବାରୁ ଜୈନଧର୍ମର ଫଲ୍‌ଗୁଧାରି ମାତ୍ର ବଞ୍ଚିରହିଲା ।

ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ କଳିଙ୍ଗର ଶାସନକ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନର ସୂତ୍ରପାତ ହେଲା । ସେତେବେଳକୁ ସମଗ୍ର ଭାରତରେ ମୌର୍ଯ୍ୟ ସାମ୍ରାଜ୍ୟର ଆଧିପତ୍ୟ ହ୍ରାସ ପାଇଆସୁଥିଲା । ଫଳରେ ଧୀରେ ଧୀରେ ବହୁ ରାଜା ଓ ରାଜ୍ୟର ପୁନରୁତ୍‌ଥାନ ଉତ୍ତର ଭାରତରେ ଦେଖାଦେଲା । ସେହି ସମୟରେ କଳିଙ୍ଗରେ ମଧ ଚେଦିବଂଶ ନାମରେ ଏକ ରାଜବଂଶ ଜନସାଧାରଣଙ୍କ ସମର୍ଥନକ୍ରମେ ଉଦୟ ଲାଭ କରିଥିଲା । ଏହି ବଂଶର ତୃତୀୟ ନରପତିଭାବେ ମହାପରାକ୍ରମୀ ଖାରବେଳ ୨୪ ବର୍ଷ ବୟସରେ କଳିଙ୍ଗ

ରାଜସିଂହାସନରେ ଅଭିଷିକ୍ତ ହୋଇଥିଲେ । ମାତ୍ର ୧୩ ବର୍ଷର ରାଜତ୍ୱକାଳ ମଧ୍ୟରେ ସେ କଳିଙ୍ଗର ଉତ୍ତର ଓ ଦକ୍ଷିଣରେ ଥିବା ସମସ୍ତ ରାଜ୍ୟ ଜୟ କରିଥିଲେ । (୧୫) ଜନ୍ମଭୂମିର ହୃତଗୌରବ ଫେରାଇ ଆଣିବା ନିମିତ୍ ଖାରବେଳ, ସାତକର୍ଣ୍ଣିଙ୍କଙ୍କ ସହିତ ସୁଦୂର ଦକ୍ଷିଣର ପାଣ୍ଡ୍ୟ (ଆଧୁନିକ କେରଳ) ଓ ଉତ୍ତରଭାରତର ଗୋରଥଗିରି (ମଥୁରା) ପର୍ଯ୍ୟନ୍ତ ସମସ୍ତ ରାଜ୍ୟ ଜୟ କରିଥିଲେ । ଦ୍ୱିତୀୟବାର ଉତ୍ତରଭାରତର ଅଭିଯାନରେ ଯାଇ ଖାରବେଳ ମଗଧରାଜ ବୃହସ୍ପତି ମିତ୍ରଙ୍କୁ ପରାଜିତ କରି ଅଙ୍ଗ ଓ ମଗଧର ସର୍ମସ୍ୱ ସହିତ କଳିଙ୍ଗବାସୀଙ୍କ ଆରାଧ ଦେବତା କଳିଙ୍ଗଜିନଙ୍କୁ ଦୀର୍ଘ ୨୦୦ ବର୍ଷ ପରେ ନିଜ ରାଜଧାନୀକୁ ଫେରାଇ ଆଣିଥିଲେ । ଜିନାସନ ପ୍ରତି କଳିଙ୍ଗ ଜନତାର ଅଶେଷ ଶ୍ରଧା ଓ ଭକ୍ତି ଥିବାରୁ ପ୍ରଜାର ପ୍ରତିନିଧିରୂପେ ସମ୍ରାଟ୍ ଖାରବେଳ ଖୁବ୍ ଆଡ଼ମ୍ବର ସହକାରେ ତାହାର ପ୍ରତ୍ୟାବର୍ତ୍ତନ ଯାତ୍ରା କରାଇଥିବା ଖଣ୍ଡଗିରି ହାତୀଗୁମ୍ଫା ଶିଳାଲେଖରେ ବର୍ଣ୍ଣିତ ହୋଇଛି ।(୧୬) ସେହି ଧର୍ମ ବିଜୟ ଉପଲକ୍ଷେ ଖାରବେଳ ବହୁ ଦାନଧର୍ମାଦି ଅନୁଷ୍ଠାନ ସହିତ ଧର୍ମମତ ନିର୍ବିଶେଷରେ ବ୍ରାହ୍ମଣ, ଶ୍ରମଣ, ଅର୍ହତମାନଭ୍‌କୁ ପାନ ଭୋଜନରେ ଆପ୍ୟାୟିତ କରାଇଥିଲେ । ସମ୍ରାଟ୍ ଖାରବେଳ ରାଜତ୍ୱର ତ୍ରୟୋଦଶ ବର୍ଷ ଅର୍ଥାତ୍ ଶେଷବର୍ଷ ଧର୍ମକାର୍ଯ୍ୟରେ କାଳ ଅତିବାହିତ କରିଥିବା ଜଣାଯାଏ । ଖୁବ୍ ସମ୍ଭବତଃ ଏହାପରେ ସେ ରାଜପଦ ତ୍ୟାଗ କରି ଜୈନ ସନ୍ନ୍ୟାସ ଗ୍ରହଣ କରିଥିଲେ ।(୧୭)

ସମ୍ରାଟ ଖାରବେଳ ତୋଷାଳୀ ନିକଟବର୍ତ୍ତୀ କୁମାରଗିରି ଓ କୁମାରୀଗିରି ଅର୍ଥାତ୍ ଆଧୁନିକ ଖଣ୍ଡଗିରି ଓ ଉଦୟଗିରିଠାରେ ଧର୍ମମତ ନିର୍ବିଶେଷରେ ବ୍ରାହ୍ମଣ୍ୟ ମତବାଦର ଯୋଗୀ ଋଷିଙ୍କ ସହିତ ଜୈନ ଅର୍ହତମାନଙ୍କ ବ୍ୟବହାର ଉଦ୍ଦେଶ୍ୟରେ ଗୁମ୍ଫାମାନ ନିର୍ମାଣ କରାଇଥିଲେ । ମହାମହିମ ଖାରବେଳଙ୍କ ନିର୍ଦ୍ଦେଶରେ ତାଙ୍କ ରାଜ୍ୟଶାସନର ଦୀର୍ଘ ତେରବର୍ଷର କାର୍ଯ୍ୟବିବରଣୀ ହାତୀଗୁମ୍ଫାର ପ୍ରସ୍ତରଗାତ୍ରରେ ଜୈନ ଅଷ୍ଟମଙ୍ଗଳକ (୧୮) ସହିତ ଲିପିବଧ୍ କରାଯାଇଥିଲା । ଗୁମ୍ଫାଗୁଡ଼ିକର ଦ୍ୱାରଦେଶ ତଥା ଗର୍ଭଗୃହରେ ଚତୁର୍ବିଂଶତି ଜୈନତୀର୍ଥଙ୍କର(୧୯) ଓ ଚତୁର୍ବିଂଶତି ଶାସନଦେବୀଙ୍କ(୨୦) ମୂର୍ତ୍ତିମାନ ଖୋଦିତ ହୋଇଥିଲା । ତଦ୍‌ବ୍ୟତୀତ ଜୈନଶାସ୍ତ୍ର ପୁରାଣସମ୍ମତ ବହୁ ଆଖ୍ୟାୟିକାର ଦୃଶ୍ୟାବଳୀ ତତ୍ରତ୍ୟ ଗୁମ୍ଫାଗୁଡ଼ିକର ରୂପାୟିତ ହୋଇଥିବାର ଦେଖାଯାଏ । ଖାରବେଳଙ୍କ ଶିଳାଲେଖରୁ ତତ୍କାଳୀନ ଓଡ଼ିଶାର ଧାର୍ମିକ, ସାମାଜିକ ଓ ପ୍ରଶାସନିକ ଅବସ୍ଥା, ସ୍ଥାପତ୍ୟ, ଶିଳ୍ପକଳା ସହିତ ଲୋକହିତକର କାର୍ଯ୍ୟାବଳୀ ସମ୍ପର୍କରେ ଯଥେଷ୍ଟ ସୂଚନା ମିଳେ । ଖାରବେଳଙ୍କ ସମୟକୁ କଳିଙ୍ଗ ଜୈନଧର୍ମର ସ୍ୱର୍ଣ୍ଣଯୁଗରୂପେ ଅଭିହିତ କରାଯାଇପାରେ ।

ସମଗ୍ର ବିଶ୍ୱରେ ଜୈନଧର୍ମର ପ୍ରତିଷ୍ଠା କ୍ଷେତ୍ରରେ ଓଡ଼ିଶାର ଦାନ ଅତୁଳନୀୟ । କାରଣ ସମ୍ରାଟ ଖାରବେଳଙ୍କ ପର୍ଯ୍ୟନ୍ତ ଜୈନଧର୍ମର କୌଣସି ଗ୍ରନ୍ଥ ପ୍ରଣୀତ ହୋଇନଥିଲା । ତତ୍‌ପୂର୍ବରୁ ଜୈନମତବାଦର ମୁଖ୍ୟ ତତ୍ତ୍ୱ ।(୨୧) ଉପରେ ଶ୍ୱେତାମ୍ବର ଓ ଦିଗମ୍ବର ଗୋଷ୍ଠୀ ମଧ୍ୟରେ ନାନା ମତଭେଦ ଦେଖାଯାଇଥିଲା । ତେଣୁ ଜୈନ ସାଧୁଗଣ ବୌଧ୍ ପାଲିଗ୍ରନ୍ଥ ଭଳି ସ୍ୱମତବାଦକୁ ଲିପିବଧ୍ କରିବାରେ ଆଗ୍ରହୀ ଓ ଉଦ୍ୟମୀ ହୋଇଥିଲେ । ଏହି ଉଦ୍ୟମର ସଫଳତା ନିମିତ୍ କାରବେଳ କୁମାରଗିରିଠାରେ ଏକ ଜୈନ ପରିଷଦ ଡ଼କାଇଥିଲେ ଏବଂ ଉକ୍ତ ମହାସଭାରେ ହିଁ ବହୁ ଆଲୋଚନା ଓ ପ୍ରତ୍ୟାଲୋଚନା ପରେ ତୀର୍ଥଙ୍କରମାନଙ୍କ ମୁଖ ନିସୃତ ଜୈନ ସୁଖ ବା

ଶାନ୍ତିର ଦ୍ୱାଦଶ ଅଙ୍ଗର ନିରୂପଣ କରାଗଲା । ସେହି ସମୟଠାରୁ ଯେଉଁ ଜୈନ ସରସ୍ୱତୀ ଆନ୍ଦୋଳନର ଅୟମାରମ୍ଭ ହୋଲା, ତାହାଦ୍ୱାରା ପରବର୍ତ୍ତୀ କାଳରେ ଜୈନ ଧର୍ମ ଓ ଦର୍ଶନ ତଥା ସାମାଜିକ ଓ ସାଂସ୍କୃତିକ ବିଚାରଧାରା ଉପରେ ବହୁଗ୍ରନ୍ଥ ପ୍ରଣୀତ ହୋଇଥିଲା । ଏହି ଆନ୍ଦୋଳନ ସ୍ମାରକୀରୂପେ ନିର୍ଗ୍ରନ୍ଥବାଦୀ ଜୈନମାନେ ବିଦ୍ୟାଦାତ୍ରୀ ବୀଣା ପୁସ୍ତକଧାରିଣୀ ସରସ୍ୱତୀଙ୍କ ଉପାସନା ପ୍ରଚଳନ କରାଇଥିଲେ ।(୨୨)

ଜୈନ ଦର୍ଶନତତ୍ତ୍ୱ ମଧରେ ପ୍ରଥମ ହେଉଛି ଜୀବ । ଜୈନ ଦାର୍ଶନିକଗଣ ଜୀବକୁ ଜୀବନ, ଶକ୍ତି, ଆତ୍ମା ଓ ଜ୍ଞାନ ରୂପେ ବର୍ଣ୍ଣନା କରିଛନ୍ତି । ଏହି ଜୀବନ ଯେତେବେଳେ ଇଚ୍ଛା, ଘୃଣା ଓ ଅକର୍ମଣ୍ୟାଦି ସ୍ୱାଭାବିକ ଗୁଣ ଅନୁଭବ କରେ ଓ କର୍ମଜନିତ ପ୍ରେରଣା ପାଏ, ସେତେବେଳେ ନୂଆ ନୂଆ ରୂପରେ ଜନ୍ମ ନିଏ । ଜୀବ ଦେହରେ ଯେଉଁ ଦୈହିକ ଶକ୍ତି ସୃଷ୍ଟି ହୁଏ, ତାହା "ପ୍ରାଣ" ନାମରେ ଅଭିହିତ । ତ୍ୱକ୍, ଜିହ୍ୱା, ନାସିକା, ଚକ୍ଷୁ, କର୍ଣ୍ଣ, କାୟବଳ, ବାକ୍ୟବଳ, ମନୋବଳ, ଶ୍ୱାସୋଚ୍ଛ୍ୱାସ ଓ ଆୟୁ ନାମରେ ପ୍ରାଣ ଦଶଭାଗରେ ବିଭକ୍ତ ।

ଏହି ଜୀବ ସିଦ୍ଧ ଓ ସଂସାରୀ ଭାବେ ଦୁଇ ପ୍ରକାର ସଂସାରୀଜୀବ ପୁରୁଷ, ସ୍ତ୍ରୀ ଓ କ୍ଲୀବ ରୂପେ ତ୍ରିଧା ବିଭକ୍ତ । ଏତଦ୍‌ବ୍ୟତିତ ସୃଷ୍ଟିନାମାନୁଯାୟୀ ଜୀବ ପୁଣି ନାରକୀ (ନରକଜାତ), ତୀର୍ଯ୍ୟକ୍ (ତୃଣ, କୀଟପତଙ୍ଗ, ପଶୁ ପ୍ରଭୃତି) ମନୁଷ୍ୟ ଓ ଦେବତା (ଆଲୌକିକ ଶକ୍ତିସଂପନ୍ନ) ରୂପେ ଚାରିଭାଗରେ ବିଭକ୍ତ । ଚତୁର୍ଥ ବିଭାଗରେ ଜୀବ ଏକେନ୍ଦ୍ରିୟ, ଦ୍ୱିଇନ୍ଦ୍ରିୟ, ତ୍ରିଇନ୍ଦ୍ରିୟ, ଚତୁରିନ୍ଦ୍ରିୟ ଓ ପଞ୍ଚେନ୍ଦ୍ରିୟ ରୂପେ ପାଞ୍ଚପ୍ରକାର । ଜୀବକୁ ପୁଣି ପୃଥିବୀକାୟ, ଆପକାୟ ତେଜୋକାୟ, ବାୟୁକାୟ, ବନସ୍ପତିକାୟ ଓ ତ୍ରସକାୟରୂପେ ଛ' ଭାଗରେ ବିଭକ୍ତ କରାଯାଇଛି । ଷଷ୍ଠ ବିଭାଗରେ ନାରକୀ ଜୀବ ଏକପ୍ରକାର (କ୍ଲୀକ) ତିର୍ଯ୍ୟକ୍ ମନୁଷ୍ୟ ଓ ଦେବତା ପ୍ରତ୍ୟେକ ସ୍ତ୍ରୀ ଓ ପୁରୁଷ ଭେଦରେ ଛ' ପ୍ରକାର । ଏପରି ସାତଭାଗରେ ଜୀବବିଭାଗ କରିଛନ୍ତି । ଜୈନମାନେ ସ୍ୱଚ୍ଛ, କୃଷ୍ଣ, ନୀଳ, କପୋତ, ତେଜ (ରକ୍ତ), ପଦ୍ମ (ହରିଦ୍ରା) ଶୁକ୍ଳ ଓ ଅଲେଖ (ବର୍ଣ୍ଣହୀନ ଅବସ୍ଥା) ଆଦି ବର୍ଣ୍ଣଭେଦରେ ଜୀବକୁ ଆଠଭାଗରେ ବିଭକ୍ତ କରିଛନ୍ତି । ଜୀବକୁ ପୁଣି ପଞ୍ଚକାୟ ଓ ଚତୁରିନ୍ଦ୍ରିୟ (ଏକେନ୍ଦ୍ରିୟଦ୍ୱ ବ୍ୟତୀତ) ନଅ ଭାଗରେ, ଏକେନ୍ଦ୍ରିୟ ଅନ୍ତର୍ଗତ ପଞ୍ଚକାୟକୁ ପର୍ଯ୍ୟାପ୍ତ ଓ ଅପରିର୍ଯ୍ୟାପ୍ତ ଭେଦରେ ଦଶଭାଗରେ, ଚତୁରିନ୍ଦ୍ରିୟ, ନାରକୀ, ତିର୍ଯ୍ୟକ୍ ମନୁଷ୍ୟ ଓ ଚତୁର୍ଦେବ (ଭବନପତି ବ୍ୟନ୍ତର ଜ୍ୟୋତିଷୀ ଓ ବୈମାନିକ) ଭେଦରେ ଏକାଦଶ ଭାଗରେ ବିଭକ୍ତ କରାଯାଇଛି । ଏତଦ୍‌ବ୍ୟତୀତ ଜୈନମାନେ ପର୍ଯ୍ୟାପ୍ତ ଓ ଅପର୍ଯ୍ୟାପ୍ତ ଭେଦରେ ଷଟ୍‌କାୟ ଦ୍ୱାଦଶ ପ୍ରକାର, ଅଲେଖୀ ସହିତ ବର୍ଣ୍ଣ ତ୍ରୟୋଦଶ ପ୍ରକାର ଏବଂ ସୂକ୍ଷ୍ମ, ବାଦର, ସଂଜ୍ଞୀ, ଅସଙ୍ଗୀ ସହିତ ପଞ୍ଚେନ୍ଦ୍ରିୟକୁ ନେଇ ଚତୁର୍ଦ୍ଦଶ ପ୍ରକାର - ଏପରି ମୋଟ ୧୦୪ ଭାଗରେ ଜୀବବିଭାଗ କରିଛନ୍ତି ।

ଅଜୀବ ହେଲା ଦ୍ୱିତୀୟ ତତ୍ତ୍ୱ । ଜୀବର ବିପରୀତ ଭାବରୂପେ ଅଜୀବ ପ୍ରଥମେ ଅରୂପୀ ଓ ରୂପୀ ଏବଂ ଅରୂପୀ ଅଜୀବନ ଧର୍ମାସ୍ତିକାୟ, ଅଧର୍ମୀକାୟ, ଆକାଶାସ୍ତିକାୟ ଓ କାଳ ଏପରି ଚାରିଭାଗରେ ବିଭକ୍ତ । କାଳ ବ୍ୟତିତ କାୟତ୍ରୟ ସ୍କନ୍ଧ, ଦେଶ ଓ ପ୍ରଶେଦ ଭେଦରେ ନଅ ପ୍ରକାର ଏବଂ କାଳ ସହିତ୍ୟ ଦ୍ରବ୍ୟ, କ୍ଷେତ୍ର, କାଳ, ଭାବ ଓ ଗୁଣ ଭେଦରେ କୋଡ଼ିଏ ଭାଗରେ ବିଭକ୍ତ । ରୂପୀ ଅଜୀବ ପୁଦ୍‌ଗଳାସ୍ତିକାୟ ରୂପେ ଏକପ୍ରକାର

ଏବଂ ରୂପ, ରସ, ଗନ୍ଧ, ସ୍ପର୍ଶ ଓ ବର୍ଣ୍ଣ ଏହାର ଅନ୍ତର୍ଗତ । ଜୈନମାନେ ରୂପ, ରସ ଓ ବର୍ଣ୍ଣ ପ୍ରତ୍ୟେ ପାଞ୍ଚପ୍ରକାର, ଗନ୍ଧ ଦୁଇ ପ୍ରକାର, ସ୍ପର୍ଶ ଆଠପ୍ରକାର ଭେଦ ସହିତ ପରସ୍ପରରେ କୃତିମଭେଦକୁ ନେଇ ପୁଦ୍‌ଗଳର ୫୬୦ ପ୍ରକାର ଭେଦର ଉଲ୍ଲେଖ କରିଛନ୍ତି ।

ଜୈନଦର୍ଶନର ତୃତୀୟ ତତ୍ୱ ହେଲା ପୁଣ୍ୟ ବା ଯୋଗ୍ୟତା । ପ୍ରଥମେ ପୁଣ୍ୟ ଅନ୍ନ, ପାନ, ବସ୍ତ୍ର, ଲୟନ (ଆସନ), ଶୟନ, ମନ, କାୟ, ବଚନ ଓ ନମସ୍କାର ଭେଦରେ ନଅପ୍ରକାର । ଏପ୍ରକାର ପୁଣ୍ୟାଚରଣଦ୍ୱାରା ବ୍ୟକ୍ତିବିଶେଷ ବୟାଳିଶ ପ୍ରକାରେ ଫଳ ପାଇବା ସଂଗେ ସଂଗେ ପରିଶେଷରେ ତୀର୍ଥଙ୍କର ହୋଇପାରିବ ବୋଲି ଜୈନମାନେ ବିଶ୍ୱାସ କରନ୍ତି । ଯଥାକ୍ରମେ ସେଗୁଡ଼ିକ ହେଲା - ଶତବେଦନୀୟ, ଉଚ୍ଚଗୋତ୍ର, ମନୁଷ୍ୟଗତି, ମନୁଷ୍ୟ ଅନୁପୂର୍ବୀ, ଦେବତା ଗତି, ଦେବତା ଅନୁପୁର୍ବୀ, ପଞ୍ଚେନ୍ଦ୍ରିୟ ପଶୁ, ଔଦାରିକ ଶରୀର, ବୈତ୍ରେୟ ଶାରୀର, ଆହାରକ ଶାରୀର, ଔଦାରିକ ଅଙ୍ଗୋପାଙ୍ଗ, ବାଦର, ପର୍ଯ୍ୟାପ୍ତି, ସ୍ଥିର, ପ୍ରତ୍ୟେକ, ଶୁଭ, ଶୁଭର ଶୁଭର, ଆଦେୟ ଓ ଯଶୋକିର୍ତ୍ତୀ, ଦେବତା ଆୟୁଷ, ମନୁଷ୍ୟ ଓ ତୀର୍ଯ୍ୟକ୍ ଏବଂ ତୀର୍ଥଙ୍କର ନାମକର୍ମ ।

ଜୈନମାନେ ଚତୁର୍ଥ ତତ୍ୱ ରୂପେ ପାପର ଆକାର ପ୍ରକାର ଓ ଫଳାଫଳ ବିଷୟ ବର୍ଣ୍ଣନା କରିଛନ୍ତି । ଜୀବହିଂସା (ଦ୍ରବ୍ୟ ଓ ଭାବ ସହିତ), ଅସତ୍ୟବାଦ, ଅଦତ୍‌ଦାନ, ଅବ୍ରହ୍ମଚର୍ଯ୍ୟ, ପରିଗ୍ରହ, କ୍ରୋଧ୍, ମାନ, ମାୟା, ଲୋଭ, ରାଗ (ଆସକ୍ତି), ଦ୍ୱେଷ, କ୍ଲେଶ ଅଭ୍ୟାଖ୍ୟାନ, ପୈଶୁନ୍ୟ, ନିନ୍ଦା, ଗତି, ମାୟାମୃଷା, ମିଥ୍ୟାଦର୍ଶନ ଓ ଶଲ୍ୟ - ଏପରି ମୁଖ୍ୟତଃ ଅଠର ଭାଗରେ ବିଭକ୍ତ କରାଯାଇଛି । ମିଥ୍ୟାଦର୍ଶନର ପଚିଶ ପ୍ରକାର ଭେଦ ମଧରେ ଲୌକିକ, ଲୋକୋତ୍‌ର, ଅଭିଗ୍ରହିକ, ଅଜ୍ଞାନ, ଅଭିନୟ, ଆଶାତନ ଓ ଅନଭିଗ୍ରହିକ ପ୍ରଭୃତି ମୁଖ୍ୟ ।

ପାପଜନିତ ବୟାଳିଶୀ ପ୍ରକାର ଫଳକୁ ମୁଖ୍ୟତଃ ଏଗାର ଭାଗରେ ବିଭକ୍ତ କରାଯାଇଛି । ତନ୍ମଧରୁ ପ୍ରଥମ ହେଲା ଜ୍ଞାନବରଣୀୟ । ଏହାଦ୍ୱାରା ମାନବର ଜ୍ଞାନ କଳୁଷିତ ହୁଏ । ଏହା ମତି, ଶ୍ରୁତି, ଅବଧି, ମନଃପର୍ଯ୍ୟାୟ  ଓ କେବଳ ଜ୍ଞାନବରଣୀୟ ଭାବେ ପାଞ୍ଚପ୍ରକାର । ମୁଖକୁ କଳୁଷିତ କରୁଥିବା 'ଅନ୍ତରୟ ଫଳ' ଦାନ, ଲାଭ, ଭୋଗ, ଉପଭୋଗ ଓ ବୀର୍ଯ୍ୟାନ୍ତରାୟ ଭାବେ ପାଞ୍ଚପ୍ରକାର । ଭୌତିକଜ୍ଞାନର ଅନ୍ତରାୟ ସ୍ୱରୂପ ଦର୍ଶନାବରଣୀୟ ଚକ୍ଷୁ, ଅଚକ୍ଷୁ, ଅବଧି ଓ କେବଳ ଦର୍ଶନାବରଣୀୟ ରୁପେ ଚାରିପ୍ରକାର । ସାଧନା ଓ ପ୍ରାର୍ଥନାର ଅତ୍ୟତ ଅନ୍ତରାୟ ଭାବେ ନିଦ୍ରା, ମଧନିଦ୍ରା, ନିଦ୍ରାନିଦ୍ରା, ପ୍ରଚଳା, ପ୍ରଚଳାପ୍ରଚଳା ଓ ସ୍ତ୍ୟାବର୍ଧି ରୁପେ ପାଞ୍ଚପ୍ରକାର । ଜୈନମାନେ ପାପଫଳର ପଞ୍ଚମ ବିଭାଗରେ ନୀଚଗୋତ୍ର, ନରକଗତି, ଅଶାତବେଦନୀୟ, ନରକାନୁପୁର୍ବୀ ଓ ନରକାୟୁ ଆଦି ପାଞ୍ଚପ୍ରକାର ଫଳର ବର୍ଣ୍ଣନା କରିଛନ୍ତି ।

ଏତଦ୍‌ବ୍ୟତୀତ ପଚିତଶ ପ୍ରକାର କଷାୟ ମଧରେ କ୍ରୋଧ୍, ମାନ, ମାୟା ଓ ଲୋଭ ପ୍ରତ୍ୟେକ କାଳକ୍ରମେ ଅଚିନ୍ତାନୁବନ୍ଧୀ, ପ୍ରତ୍ୟାଖ୍ୟାନ ଓ ସ୍ୱଂଜ୍ୱଳନ ଭେଦରେ ଷୋହଳ ପ୍ରକାର ଏବଂ ହାସ୍ୟ, ରତି, ଅରତି, ଭୟ, ଶୋକ, ଦୁଗଞ୍ଛା, ପୁରୁଷଭେଦ, ସ୍ତ୍ରୀଭଦେ ଓ ନପୁଂସକଭେଦରୂପେ ନଅପ୍ରକାର କ୍ଷୁଦ୍ରକଷାୟର

ବର୍ଣ୍ଣନା କରାଯାଇଛି । ଜୀବର ଶ୍ରେଣୀ ଅନୁସାରେ ପାପଫଳ ତୀର୍ଯ୍ୟକଅନୁପୂର୍ବୀ, ତିର୍ଯ୍ୟକ୍‌ଗତି, ଏକେନ୍ଦ୍ରିୟ, ଦ୍ୱୀଇନ୍ଦ୍ରିୟ, ତ୍ରିଇନ୍ଦ୍ରିୟ ଓ ଚତୁରିନ୍ଦ୍ରିୟ ନାମଭେଦରେ 'ଛ' ପ୍ରକାର ଦୈହିକ ବା ଆକୃତିଜନିତ ଫଳଭାବେ ଅଶୁଭବିହାୟୋଗତି, ୁପଘାତନାମ, ଅଶୁଭବର୍ଣ୍ଣ, ଅଶୁଭଗନ୍ଧ, ଅଶୁଭରସ ଓ ଅଶୁଭସ୍ପର୍ଶ ଭେଦରେ 'ଛ' ପ୍ରକାର, ସଂଘେଣ ବା ଅସ୍ଥିସନ୍ଧିବ୍ୟାପ୍ତ ଫଳରେ ଋଷଭନାରାଚସଂଘୋଣ, ନାରାଚସଂଘେଣ, ସଂସ୍ଥାନଜନିତ ଦେଶଠ ମଧ୍ୟରେ ନ୍ୟାଗ୍ରୋଧ ପରିମଣ୍ଡଳ ସଂସ୍ଥାନ, ଯାଦି ସଂସ୍ଥାନ, କୁବ୍‌ଜକ, ବାମନ ଓ ହୁଣ୍ଡସଂସ୍ଥାନ ରୂପେ ପାଞ୍ଚପ୍ରକାର ଏବଂ ସ୍ଥାବର ଦଶକମଧ୍ୟରେ ସ୍ଥାବର, ସୂକ୍ଷ୍ମ, ଅପର୍ଯ୍ୟାପ୍ତି, ସାଧାରଣ, ଅସ୍ଥିର, ଅଶୁଭ, ଦୁର୍ଭଗ, ସୁସ୍ୱର, ଅନାଦେୟ, ଅଯଶ ଓ ମିଥ୍ୟାତ୍ୱ ମୋହନୀୟରୂପେ ଏଗାର ପ୍ରକାର - ଏପରି ବୟାଳିଶୀ ପ୍ରକାର ପାପଫଳରେ ଜୈନମାନେ ବିଶ୍ୱାସ କରିଥାନ୍ତି ।

ନବତତ୍ୱ ମଧ୍ୟରେ ଆଶ୍ରବ ହେଲା ପଞ୍ଚମ । ଜୈନଦର୍ଶନରେ କର୍ମଫଳର ଗୁରୁତ୍ୱ ଅଧିକ । ଆଶ୍ରମ (କ୍ଳେଶ)ର ବୟାଳିଶୀ ପ୍ରକାରରୁ ମୁଖ୍ୟ ସତରଟି ଦ୍ୱାରା କର୍ମ ଜୀବରେ ପ୍ରବେଶ କରେ । ସେମାନେ ହେଲେ ବର୍ଣ୍ଣ, ଅକ୍ଷ, ନାସା, ଜିହ୍ୱା ଓ ସ୍ପର୍ଶ (ପଞ୍ଚଜ୍ଞାନେନ୍ଦ୍ରିୟ); କ୍ରୋଧ୍, ମାନ, ମାୟା, ଲୋଭ (ଚତୁଷ୍କଷାୟ); ହତ୍ୟା, ମିଥ୍ୟାଭାଷଣ, ଚୌର୍ଯ୍ୟ, ଲୋଭ ଓ ବ୍ୟଭିଚାର (ପଞ୍ଚଅବ୍ରତ) ଏବଂ କାୟ, ମନ ଓ ବଚନ (ତ୍ରିଯୋଗ) । ଅପର ପଚିଶ ପ୍ରକାର ଆଶ୍ରବ ମଧ୍ୟରେ କାୟିକୀ, ଅଧିକର୍ଣ୍ଣୀଙ୍କ, ପ୍ରଦେଶିକୀ, ପରିତାପନିକୀ, ପ୍ରଣାତିପାତିକୀ, ଆରମ୍ଭୀକୀ, ପାରିଗ୍ରହିକୀ, ମାୟାପ୍ରତ୍ୟାୟିକୀ, ମିଧ୍ୟାଦର୍ଶନପ୍ରତ୍ୟାୟିକୀ, ଅପ୍ରତ୍ୟାଖାନିକୀ, ଦୃଷ୍ଟିକୀ, ସୁପୃଷ୍ଟିକୀ, ପ୍ରାତିୟକୀ, ସମନ୍ତୋପନିପାତିକୀ, ନୈଶସ୍ତ୍ରିକୀ, ସ୍ୱହସ୍ତିକୀ, ଆଜ୍ଞାପନିକୀ, ବୈଦାରଣିକୀ, ଅନାଭୋଗିକୀ, ଅନବକାଙ୍‌କ୍ଷାପ୍ରତ୍ୟାୟିକୀ, ପ୍ରୟୋଗିକୀ, ସାମୁଦାୟିକୀ, ପ୍ରେମିକୀ, ଦ୍ୱେଷିକୀ ଓ ଇର୍ଯାପଥିକୀ ନାମ ଉଲ୍ଲେଖଯୋଗ୍ୟ ।

କର୍ମଜନିତ ସମ୍ବର ହେଉଛି ଷଷ୍ଠ ତତ୍ୱ । ଏହାକୁ ମୁଖ୍ୟତଃ ସମିତି, ଗୁପ୍ତି, ପରୀଷହ, ଦଶଯତିଧର୍ମ, ଚରିତ୍ର ଓ ଭାବନାରୂପେ 'ଛ' ଭାଗରେ ବିଭକ୍ତ କରାଯାଇଛି । ଇର୍ଯ୍ୟା, ଭାଷା, ଏଷଣା, ଆଦାନିନିକ୍ଷେପଣା ଓ ପରିଥାପଣିକା ନାମରେ ସମିତି ପାଞ୍ଚପ୍ରକାର, ମନୋଗୁପ୍ତି (ଅସକ୍‌କ୍ଳନାବିଯୋଗୀ) ସମତାଭାବିନୀ, ଆତ୍ମରାମତା) ବଚନଗୁପ୍ତି (ମୌନାବଲମ୍ବୀ, ବାକ୍‌ନିୟମ) ଓ କାୟୁଗୁପ୍ତି (ଯଥାସ୍ୱତ୍ରଶ୍ଚେଷ୍ଟାନିୟମୀ, ଚେଷ୍ଟାନିବୃତ୍ତି) ଭେଦରେ ତିନି ପ୍ରକାର, ପରିଷହ - କ୍ଷୁଧା, ତୃଷା, ଶୀତ, ଉଷ୍ଣ, ଦଂଶ, ବସ୍ତ୍ର, ଅଗତି, ସ୍ତ୍ରୀ ଚର୍ଯ୍ୟା, ନୈଷିଧିକୀ, ଶକ୍ଷ୍ୟା, ଅକ୍ରୋଶ, ବଧ୍, ଯାବଞ୍ଚା, ଅଲାଭ, ରୋଗ, ତ୍ରିଣସ୍ପର୍ଶ, ମେଳା, ସତ୍କାର, ପ୍ରଜ୍ଞା, ଅଜ୍ଞାନ ଓ ସମ୍ୟକ୍‌ତ୍ୱ ଭେଦରେ ବାଇଶି ପ୍ରକାର; ଦଶଯତିଧର୍ମ - କ୍ଷମା. ମାର୍ଦ୍ଦକ, ଆର୍ଜବ, ନିର୍ଲୋଭତା, ତପ, ସଂଯମ, ସତ୍ୟ, ଶୌଚ, ଅକିଞ୍ଚନତ୍ୱ ଓ ବ୍ରହ୍ମଚର୍ଯ୍ୟରୂପେ ଦଶ ପ୍ରକାର; ସାମୟିକ, ଛେଦୋପସ୍ଥାପନୀୟ, ପରିହାରବିଶୁଧ୍, ସୁକ୍ଷ୍ମସମ୍ପରାୟ ଓ ଯଥାଖ୍ୟାତରୂପେ ଚରିତ୍ର ପାଞ୍ଚପ୍ରକାର ଏବଂ ଭାବନା - ଅନିତ୍ୟ, ଅଶରଣ, ସଂସାର, ଏକତ୍ୱ, ଅନ୍ୟତ୍ୱ, ଅଶୌଚ, ଆଶ୍ରବ, ସମ୍ବର, ନିର୍ଜରା, ଲୋକ, ବୋଧିବୀଜ ଓ ଧର୍ମ ରୂପେ ବାର ପ୍ରକାର- ଏପରି ସତାବନ ପ୍ରକାର ସମ୍ବରର ଉଲ୍ଲେଖ ଅଛି ।

ଜୈନ ଦର୍ଶନର ସପ୍ତମ ତତ୍ୱ ହେଲା ବନ୍ଧ । ଜୀବ ବା ଆତ୍ମା ଓ କର୍ମର ପରସ୍ପର ସହଯୋଗକୁ ଜୈନମାନେ ବନ୍ଧ ବୋଲି କହିଥାଆନ୍ତି । ଏହା ପ୍ରକୃତି, ସ୍ଥିତି, ଅନୁଭାଗ ଓ ପ୍ରଦେଶଭେଦରେ ଚାରିପ୍ରକାର ।

ନବତତ୍ୱବାଦରେ ନିର୍ଜର ହେଲା ଅଷ୍ଟମ ତତ୍ୱ । କର୍ମର ବିନାଶକୁ ହିଁ ନିର୍ଜର କହନ୍ତି । ବାହ୍ୟ ଓ ଆଭ୍ୟନ୍ତର ଭେଦରେ ଏହା ଦୁଇପ୍ରକାର । ବାହ୍ୟନିର୍ଜର, ଅନଶନ (ଇତ୍ୱର, ଯାବତଥିକ) ଉଣୋଦରୀ, ବୃତ୍‌ିସଂକ୍ଷେପ (ଦ୍ରବ୍ୟ, କ୍ଷେତ୍ର, କାଳ, ଭାବ) ରସତ୍ୟାଗ, କାୟକ୍ଲେଶ ସଂଲୀନତା (ଇନ୍ଦ୍ରିୟ, କଷାୟ, ଯୋଗ ବିବିକ୍ତଚର୍ଯ୍ୟା) ଭେଦରେ ଛ' ପଅକାର ଏବଂ ଆଭ୍ୟନ୍ତର, ନିର୍ଜର, ପ୍ରାୟଶ୍ଚିତ୍, ବିନୟ (ଜ୍ଞାନ ଦର୍ଶନ, ଚରିତ୍ର, ମନ, ବଚନ, କାୟ, କଳ୍ପ) ବୈୟାବୃତ୍, ସ୍ୱାଧ୍ୟାୟ, ଧାନ (ଆର୍ତ୍ତ, ରୌଦ୍ର, ଧର୍ମ, ଶୁକ୍ଳ) ଓ ଉତ୍ସର୍ଗ ଭେଦରେ ଛ' ପ୍ରକାର ବୋଲି ବର୍ଣ୍ଣନା କରାଯାଇଛି ।

ଜୈନଦର୍ଶନର ଶେଷ ତତ୍ୱ ହେଲା ମୋକ୍ଷ । ଆତ୍ମା ଯେତେବେଳେ କର୍ମ ଓ ପୁନର୍ଜନ୍ମ ସମ୍ଭାବନାରୁ ମୁକ୍ତ ହୁଏ ସେତେବେଳେ ମୋକ୍ଷ ଲାଭକରେ । ବ୍ୟକ୍ତି ମୋକ୍ଷଲାଭ କରିବା ପାରେ ସିଧିରୂପେ ଅଭିହିତ ହୁଏ ଏବଂ ଗନ୍ଧ, ରସ, କ୍ଷୁଧା, ଦୁଃଖ, କଷ୍ଟ, ଆନନ୍ଦ, ଜନ୍ମ, ମୃତ୍ୟୁ, ଦେହ ଓ କର୍ମ ଅନୁଭୂତି ନିର୍ବିଶେଷରେ ଅଖଣ୍ଡ ଆନନ୍ଦ ଓ ଶାନ୍ତି ସିଧିଠାରେ ପ୍ରକାଶ ପାଏ । ମୋକ୍ଷ ଜୈନମାନେ ଜିନ, ଅଜୀ, ତୀର୍ଥ, ଅତୀର୍ଥ, ଗୃହଲିଙ୍ଗ, ଅନ୍ୟଲିଙ୍ଗ, ସ୍ୱଲିଙ୍ଗ, ପୁଲିଙ୍ଗ, ସ୍ତ୍ରୀଲିଙ୍ଗ, ନପୁଂସକ, ବୁଧ୍‌ବୋଧି, ପ୍ରତ୍ୟେକବୃଧି, ସ୍ୱୟଂବୁଧି, ଏକସିଧି ଓ ଅନେକ ସିଧିରୂପେ ପନ୍ଦରଭାଗରେ ବିଭକ୍ତ କରିଛନ୍ତି । ଏହାହିଁ ଜୈନଦର୍ଶନର ନବତତ୍ୱବାଦ ।

ଭାରତରର ଅନ୍ୟାନ ଦାର୍ଶନିକ ଚିନ୍ତାଧାରା ଭଳି ଜୈନଭାବଧାରାରେ କର୍ମବାଦର ଅନୁରୂପ ଗୁରୁତ୍ୱ ପ୍ରତିଫଳିତ ହୋଇଛି । ଜୈନଦର୍ଶନର ନବତତ୍ୱମଧରୁ ଜୀବ, ଅଜୀବ, ପୁଣ୍ୟ, ପାପ ଓ ଆଶ୍ରବ ମୁଖ୍ୟ ଭାବରେ ଏବଂ ସମ୍ବର ଓ ବନ୍ଧ ଗୌଣ ଭାବରେ କର୍ମ ସହିତ ସଂପୃକ୍ତ । କୃଧାତୁରୁ ମନିନ୍ ପ୍ରତ୍ୟୟ ହୋଇ ଯତ୍ କ୍ରିୟତେ ତତ୍ କର୍ମ ଶବ୍ଦ ନିଷ୍ପନ୍ନ । ଏହାର ଅର୍ଥ ଯାହା କରାଯାଏ ବା କର୍ତ୍ତା । କାର୍ଯ୍ୟର ଫଳହିଁ କର୍ମ । ଜୈନମାନେ କାର୍ଯ୍ୟର ମୌଳିକ ଉତ୍ସକୁ ଅବିରତି, କଷାୟ, ଯୋଗ ଓ ମିଥ୍ୟାତ୍ୱ ଭେଦରେ ଚାରିଭାଗରେ ବିଭକ୍ତ କରିଛନ୍ତି ।

ବିଷୟାସକ୍ତିକୁ 'ଅବିରତି' କହନ୍ତି । ଇହକାଳର ପାର୍ଥିବବସ୍ତୁ ଅର୍ଥାତ୍ ଖାଦ୍ୟ, ବାସ, ସ୍ତ୍ରୀ ଓ ଅର୍ଥ ହେଲା ବିଷୟ ଏବଂ ଏଗୁଡ଼ିକର ଯଥେଚ୍ଛା ବ୍ୟବହାର ଓ ତଜ୍ଜନିତ ଆନନ୍ଦରୁ କର୍ମରୁ ସମୁତ୍ପତି ଓ କର୍ମ ବୈକଲ୍ୟ ଜାତ ହୁଏ । କର୍ମର ଅନ୍ୟତମ କ୍ଷେତ୍ର ହେଲା 'କଷାୟ' । ପଞ୍ଚବିଂଶତି ପ୍ରକାର କଷାୟର ମୂଳ ଉତ୍ସ ରୂପେ ପରିଚିତ କ୍ରୋଧ୍, ମାନ, ମାୟା ଓ ଲୋଭରୁ ବିଭିନ୍ନ କର୍ମର ସୂତ୍ରପାତ ହୁଏ । କାୟମନୋବାକ୍ୟରେ ପାର୍ଥିବ ବସ୍ତୁ ସହିତ ଯୋଗରୁ ଏବଂ ମିଥ୍ୟାତ୍ୱ ବା ମିଥ୍ୟାବିଶ୍ୱାସକୁ କର୍ମ ଉତ୍ପତି ଲାଭ କରିଥାଏ ।

କ୍ଷୀର ସହିତ ନୀରର କିମ୍ବା ଲୌହ ସହିତ ଉତ୍ତାପର ଐକାନ୍ତିକ ସମ୍ପର୍କ ପରି ଆତ୍ମା ସହିତ କର୍ମର ଅବିଚ୍ଛେଦ୍ୟ ସମ୍ବନ୍ଧ ବିଦ୍ୟମାନ । କୁକର୍ମପାଇଁ ଈଶ୍ୱରଦଣ୍ଡ ବି ଅଛି - ହିନ୍ଦୁଧର୍ମର ଏହି ବିଶ୍ୱାସକୁ ଜୈନମାନେ

ଗ୍ରହଣ କରନ୍ତିନାହିଁ; ତେଣୁ ସେମାନଙ୍କ ମତରେ ଭଲ ବା ମନ୍ଦ କର୍ମର ସ୍ୱାଭାବିକ ପ୍ରତିକ୍ରିୟା ଅଛି ଏବଂ ଏହି ପ୍ରତିକ୍ରିୟାଜନିତ ଫଳ ସ୍ୱତଃ ପ୍ରତିଫଳିତ ହୋଇଥାଏ ।

ହିନ୍ଦୁ ଧର୍ମରେ କର୍ମକୁ ଆକାରହୀନ ବା ଅମୂର୍ତ୍ତଭାବେ କଳ୍ପନା କରାଯାଇଥିବାସ୍ଥଳେ ଜୈନମାନେ କର୍ମକୁ ସାକାରରୂପେ ଗ୍ରହଣ କରିଛନ୍ତି, କାରଣ ଆକାରହୀନ କର୍ମ କୌଣସି ପ୍ରକାର ଲାଭ ବା କ୍ଷତି କରିପାରେନାହିଁ । ତେଣୁ ବନରେ ଦାବାଗ୍ନି, ସର୍ଷପରେ ତୈଳ, କ୍ଷୀରରେ ଥିବା ଘୃତପରି କର୍ମର ସତ୍ତା ସମସ୍ତ କାର୍ଯ୍ୟରେ ବିଦ୍ୟମାନ । ହିନ୍ଦୁ ଯାହାକୁ ମାୟାପ୍ରସୁତ ସୂଚନାନୁଯାୟୀ ଜୈନମତରେ କର୍ମର ଆଠପ୍ରକାର ବିଭାଜନ କରାଯାଇଛି । ତନ୍ମଧ୍ୟରୁ ଜ୍ଞାନାବରଣୀୟ, ଦର୍ଶନାବରଣୀୟ, ମୋହନୀୟ ଓ ଅନ୍ତରାୟ କର୍ମ, ଘାତିନ୍ କର୍ମ ଓ ବେଦନୀୟ, ଆୟୁ, ନାମ ଓ ଗୋତ୍ରକର୍ମ ଆଘତିକ୍ କର୍ମରୂପେ ପରିଚିତ ।

ଜ୍ଞାନବରଣୀୟ କର୍ମଦ୍ୱାରା ମତି, ଉତ୍ପାତିକୀ, ବୈନାୟିକୀ, ପାରିଣାମିକୀ, କାମିକୀ, ଶ୍ରୁତି, ମନଃପର୍ଯ୍ୟାୟ, ଅବଧି, କେବଳ, ସହିତ ମତି ଅଜ୍ଞାନ, ଶ୍ରୁତ ଅଜ୍ଞାନ ଓ ବିଭଙ୍ଗ ଅଜ୍ଞାନକୁ ପ୍ରଭାବିତ ହେଉଥିବାରୁ ମୌଳିକବଧି ଓ ଗଭୀର ଶିକ୍ଷାରେ ବାଧାସୃଷ୍ଟି ହେବା ସଂଗେ ସଂଗେ ଅଳୀକ ଧାରଣାଜନିତ ଜ୍ଞାନ ଜାତ ହୋଇଥାଏ । ଦର୍ଶନାବରଣୀୟ କର୍ମଦ୍ୱାରା ପ୍ରକୃତ ସତ୍ୟଦର୍ଶନରେ ପ୍ରତିବନ୍ଧକ ସୃଷ୍ଟି କରେ । ମୋହନୀୟ କର୍ମଦ୍ୱାରା ମିଥ୍ୟା ଦୃଷ୍ଟି, ମିଶ୍ର ଦୃଷ୍ଟି, ସମ୍ୟକ ଦୃଷ୍ଟି, ଧର୍ମ ଦୃଷ୍ଟି, ଚାରିତ୍ରିକ ଦୃଷ୍ଟିରୁ ଅଭ୍ୟୁଦୟ ହେତୁ ବ୍ୟକ୍ତି ସତ୍‌ଚିନ୍ତା ଓ  ସତ୍ୟ ଭାଷଣରୁ ଦୁରେଇଯାଏ । ଅନ୍ତରାୟ କର୍ମଦ୍ୱାରା ସମାଜରେ ସବୁଠାରୁ ସୁଖସ୍ୱାଚ୍ଛନ୍ଦ୍ୟ ମଧ୍ୟରେ ବୁଡ଼ି ରହିଥିବା ବ୍ୟକ୍ତିବିଶେଷଠାରେ ପାଶବିକ ଭାବନା ପ୍ରକାଶ ପାଇଥାଏ । ବେଦନୀୟ କର୍ମ ଦ୍ୱିବିଧ । ଶତବେଦନୀୟ କର୍ମରୁ ସୁଖଜନିତ ଆନନ୍ଦ ଏବଂ ଆଶାତବେଦନୀୟ କର୍ମରୁ ଦୁଃଖଜନିତ ବିଷାଦ ଜାତହୁଏ । ଆୟୁକର୍ମଦ୍ୱାରା ଜୀବନର ଜୀବନକାଳ ସୂଚିତ ହୁଏ । ଏହା ମୁଖ୍ୟତଃ, ଚତୁର୍ବିଧ; ଯଥା -ଦେବ, ମନୁଷ୍ୟ, ତିର୍ଯ୍ୟକ୍ ଓ ନରକ । ଜ୍ୟୋତିଷଆୟୁ, ବ୍ୟନ୍ତରଆୟୁ, ବୈମାନିକୀ ଆୟୁ ଓ ଭବନପତି ଆୟୁକୁ ଦେବଆୟୁ କର୍ମରୂପେ ଏବଂ ଅକର୍ମଭୂମି ଓ କର୍ମଭୂମିକୁ ମନୁଷ୍ୟ ଆୟୁକର୍ମରୂପେ ଚିହ୍ନିତ କରାଯାଇଛି । ନାମକର୍ମ ଶହେତିନିଭାଗରେ ବିଭକ୍ତ ଏବଂ ଏହାଦ୍ୱାରା ଜୀବର ଗତି ଜଣାଯାଏ । ଗୋତ୍ରକର୍ମଦ୍ୱାରା ଜୀବର ଜାତି ଓ ପରିକାଳୀନ ଜୀବନଧାରା ସୂଚିତ ହୁଏ ।

ଜୈନଦର୍ଶନରେ କର୍ମକୁ କାଳ ଅନୁସାରେ ସତ୍ତା, ବଧି, ଓ ଉଦୟକର୍ମ ରୂପେ ତିନିଭାଗରେ ବିଭକ୍ତ କରାଯାଇଛି । ପୂର୍ବଜନ୍ମାର୍ଜିତ କର୍ମର ସତ୍ତା, ବର୍ତମାନ ଜୀବନର ପ୍ରତିଫଳିତ । ବର୍ତ୍ମାନ କର୍ମ ଭାବୀ ଜୀବନରେ ଯେଉଁ ଫଳ ପ୍ରଦାନକରିବ, ତାହା ବନ୍ଧ ଏବଂ ବର୍ତ୍ମାନ ଭଲ ଓ ମନ୍ଦର ଯେଉଁ ଫଳାଫଳ ଅନୁଭୂତ ହେଉଛି, ତାହା ଉଦୟକର୍ମ ରୂପେ ଅଭିହିତ । ଏତଦ୍‌ବ୍ୟତୀତ ନିକାଚିତ କର୍ମରୁ ବର୍ତ୍ମାନର ଫଳ ଏବଂ ଶିଥିଳକର୍ମରୁ ଅଦୃଶ୍ୟ ଭବିଷ୍ୟତର ଫଳ ଅନୁଭୂତ ହୁଏ ।

ଏହି କର୍ମବନ୍ଧନରୁ ମୁକ୍ତିପାଇବା ନିମିତ୍ ଜୈନଦର୍ଶନରେ ଚତୁର୍ଦ୍ଦଶ ଗୁଣସ୍ଥାନକ ବା ସୋପାନର ନିର୍ଦ୍ଦେଶ କରାଯାଇଛି । ମିଥ୍ୟାତ୍ୱଗୁଣ ସ୍ଥାନକ (ବ୍ୟକ୍ତ ଓ ଅବ୍ୟକ୍ତ) ସାଶ୍ୱାସଦନ, ମିଶ୍ର, ଅବିରତିସମ୍ୟକ୍ ଦୃଷ୍ଟି, ଦେଶବିରତି (ଜଘନ୍ୟ, ମଧମ ଓ ଉତ୍କୃଷ୍ଟ), ପ୍ରମତ୍, ଅପ୍ରମତ୍, ନିୟତିବାଦର, ଅନିୟତିବାଦର ସୂକ୍ଷ୍ମସମ୍ପରାୟ, ଉପଶାନ୍ତିମୋହ, କ୍ଷୀଣମୋହ ଓ ଅଯୋଗୀକେବଳୀ ଆଦି ଚଉଦ ପ୍ରକାର ଉପାୟରେ ଜୀବ କର୍ମବନ୍ଧନରୁ ମୁକ୍ତିଲାଭ କରିଥାଏ । ବିଭିନ୍ନ ସ୍ତର ଅତିକ୍ରମ କରିବାବେଳେ ଜୀବ ପ୍ରକୃତଜ୍ଞାନ, ବିଶ୍ୱା ଓ ଚରିତ୍ରରୂପ ତ୍ରିରତ୍ନର ଅଧିକାରୀ ହୁଏ, କିନ୍ତୁ ଦୁର୍ଭାଗ୍ୟର କଥା ଓଡ଼ିଶାର ରଚିତ ହୋଇଥିବା ଜୈନଦର୍ଶନ ସମ୍ବନ୍ଧୀୟ କୌଣସି ଗ୍ରନ୍ଥ ଅଦ୍ୟାବଧି ଆଲୋଚକମାନଙ୍କର ହସ୍ତଗତ ହୋଇନାହିଁ । ତାହାର କାରଣ ବ୍ୟାଖ୍ୟାନ ଅନାବଶ୍ୟକ ମନେହୁଏ ।

ଖାରବେଳଙ୍କ ପରେ ୨୭୬-୩୦୪ ଖ୍ରୀଷ୍ଟାବ୍ଦ ମଧରେ ବୌଧିଧର୍ମର ପୁନରୁତ୍ଥାନ ହୋଇଥିଲା, କିନ୍ତୁ ଓଡ଼ିଶାର କୁଶାଣ ରାଜତ୍ୱକାଳରେ (୩ୟ ଶତାବ୍ଦୀ) ଜୈନଧର୍ମ ରାଜକୀୟ ପୃଷ୍ଠପୋଷକତା ଲାଭକରିଥିଲା । ଗୁପ୍ତ ସାମ୍ରାଜ୍ୟକାଳରେ ଜୈନଧର୍ମର 'ଆଜୀବକ' ସମ୍ପ୍ରଦାୟ ସୃଷ୍ଟି ଲାଭ କରିଥିବା ସିଧାର୍ଥ ଗ୍ରାମ ବା ସିଧାର୍ଥ ଗ୍ରାମକୁ ପ୍ରାଚୀନ ଓଡ଼ିଶା ବା ଆଧୁନିକ ଆନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲା ଅନ୍ତର୍ଗତ ଶ୍ରୀକୂର୍ମ ନିକଟବର୍ତ୍ତୀ ଏକ ଗ୍ରାମ ସହିତ ଚିହ୍ନିତ (୬୯୪ ଖ୍ରୀ.ଅ.) ବ୍ରାହ୍ମଣମାନଙ୍କୁ ଭୂମିଦାନ କରିଥିଲେ ।(୨୪) ଗୁପ୍ତ ସାମ୍ରାଜ୍ୟର ରାଜନୈତିକ ଓ ସାଂସ୍କୃତି ପ୍ରଭାବ ହ୍ରାସ ପାଇବାରେ କଳିଙ୍ଗରେ ଗଙ୍ଗବଂଶ, କଙ୍ଗୋଦରେ ଶୈଳୋଦ୍ଭବବଂଶ, ତୋଷାଳୀରେ ଭୌମବଂଶ, ଖିଞ୍ଜଳୀ ମଣ୍ଡଳରେ ଭଞ୍ଜବଂଶ ଏବଂ କୋଶଳ ଓ ଉତ୍କଳରେ ସୋମବଂଶର ଅଭ୍ୟୁତ୍ଥାନ ସହିତ ଏହି ସମସ୍ତ ରାଜବଂଶର ରାଜଧର୍ମ ରୂପେ ବ୍ରାହ୍ମଣ୍ୟ ଧର୍ମ ସହିତ ଶୈବ, ଶାକ୍ତ, ସୌର, ଗାଣପତ୍ୟ ଓ ବୈଷ୍ଣବଧର୍ମ ମତବାଦ ମାଠର ତଥା ପ୍ରାଚୀନ ଗଙ୍ଗବଂଶୀୟ ରାଜାଗଣ ରାଜତ୍ୱର ପ୍ରାରମ୍ଭରେ ଜୈନ ଥିଲେ ମଧ ପରେ ଯଥାକ୍ରମେ ବୈଷ୍ଣବ ଓ ଶୈବ ଧର୍ମର ପୃଷ୍ଠପୋଷଣ କରିଥିଲେ । ଆଲୋଚ୍ୟ କାଳରେ (୭ମ ଶତାବ୍ଦୀ) କେନ୍ଦୁଝରର ବଉଳା ପାହାଡ଼ରେ ନିର୍ମିତ ହୋଇଥିବା ମନ୍ଦିର ଭଳି ଅନ୍ୟ ଏକ ମନ୍ଦିର ରାମତୀର୍ଥ ପର୍ବତରେ ନିର୍ମିତ ହୋଇଥିଲା ।(୨୬) ଏହାପରେ ଲଲାଟେନ୍ଦୁ କେଶରୀ ଓ ଉଦ୍ୟୋତକେଶରୀ (୧୦୪୦-୧୦୬୫ ଖ୍ରୀ.ଅ.) ଶୈବମତବାଦର ଉପାସକ ଥିଲେ ମଧ ଜୈନଧର୍ମର ପୃଷ୍ଠପୋଷଣ କରିଥିଲେ । ତାଙ୍କରି ସମୟରେ ପ୍ରସିଧି ଖଣ୍ଡଗିରିରେ ପୁନର୍ବାର ଜୈନ ବିହାର ତଥା ଜୈନ ସାଧୁମାନଙ୍କ ଉପାସନା ଓ ବିଶ୍ରାମ ନିମିତ୍ ଗୁମ୍ଫାମାନ ନିର୍ମିତ ହୋଇଥିଲା ।(୨୭) କଙ୍ଗବଂଶୀୟ ଦ୍ୱିତୀୟ ରାଜରାଜଙ୍କ (୧୧୭୮ ଖ୍ରୀ.ଅ) ସମୟରେ ତାଙ୍କର ସାମନ୍ତରାଜା କନ୍ନମନାୟକ ରାମତୀର୍ଥସ୍ଥିତ ଶାସନଦେବୀ ଅମ୍ବିକା ମଧ ପ୍ରତିଷ୍ଠିତ ହୋଇଥିବାର ଦେଖାଯାଏ ।(୨୮) କିନ୍ତୁ ଓଡ଼ିଶାରେ ବ୍ରାହ୍ମଣ୍ୟ ଧର୍ମର ଦ୍ରୁତ ଅଭ୍ୟୁତ୍ଥାନ ଫଳରେ ବୌଧିଧର୍ମ ପରି ଜୈନଧର୍ମଧାରା ପ୍ରତିହତ ହୋଇଥିଲେ ମଧ ତାହା ଅନ୍ତଃସଲିଳା ଫଲ୍‌ଗୁ ଭଳି ପ୍ରାୟ ପଞ୍ଚଦଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରବାହିତ ହେଉଥିଲା ।(୨୯)

ଏହା ଫଳରେ ଓଡ଼ିଶାର ସାହିତ୍ୟ ଓ ସଂସ୍କୃତି ବହୁଭାବରେ ଜୈନମତବାଦଦ୍ୱାରା ପ୍ରଭାବିତ ହୋଇଥିଲା । ଅଦ୍ୟାବଧି ଜୈନସଂସ୍କୃତିର 'ବିପୁଳା' ସହିତ କେନ୍ଦୁଝରର ପୋଡ଼ାସିଙ୍ଗସ୍ଥିତ 'ବଉଳା'

ପର୍ବତଶ୍ରେଣୀକୁ ଚିହ୍ନିତ କରାଯାଏ । ଜୈନହରିବଂଶବର୍ଣ୍ଣିତ 'ରାଧାଚକ୍ର' ସହିତ ସାରଳାଦାସ ମହାଭାରତର 'ରାଧାଚକ୍ର' ଓ ଜଗନ୍ନାଥ ଦାଶଙ୍କ ଓଡ଼ିଆ ଭାଗବତର ପଞ୍ଚମ ସ୍କନ୍ଧ ପଞ୍ଚମ ଅଧ୍ୟାୟବର୍ଣ୍ଣିତ ଋଷଭଙ୍କ ଶିକ୍ଷାରେ ଜୈନମତବାଦର ସୁସ୍ପଷ୍ଟ ପ୍ରଭାବ ପ୍ରତିଫଳିତ ହୋଇଥିବାର ଦେଖାଯାଏ ।

ଏତଦ୍‌ବ୍ୟତୀତ କଳ୍ପବଟ ବା କଳ୍ପବୃକ୍ଷର ଧାରଣା, ଶିବଚତୁର୍ଦ୍ଦଶୀ, ଚୈତ୍ର ଶୁକ୍ଳ ଅଷ୍ଟମୀରେ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା ରଥଯାତ୍ରା, ଶ୍ରୀଜଗନ୍ନାଥଙ୍କ ସ୍ନାନଯାତ୍ରା, ନବଯୌବନ, ରଥଯାତ୍ରା ଓ କୈବଲ୍ୟାଦି ସହିତ ଓଡ଼ିଶାର ଲୋକସାଧାରଣରେ ବହୁପ୍ରଚାରିତ "ବଉଳା ଉପାଖ୍ୟାନ' ବିଷୟ ଅନୁଧାନ କଲେ ଏ ଦେଶର ସଂସ୍କୃତିରେ ଜୈନଧର୍ମର ଗଭୀର ଓ ସ୍ପଷ୍ଟ ପ୍ରଭାବ ଅନୁଭୂତ ହୁଏ ।

ଚଳିତ ଶତାବ୍ଦୀରେ ଆବିଷ୍କୃତ ହୋଇଥିବା ଜୈନମୂର୍ତ୍ତିଗୁଡ଼ିକର ଅବସ୍ଥିତିରୁ ଆଧୁନିକ ଓଡ଼ିଶାର ମୟୁରଭଞ୍ଜ ଅନ୍ତର୍ଗତ ଖିଚିଂ, ବାରିପଦା, ଗୋଣ୍ଡାଲ, ବଡ଼ସାହି, ବାଲେଶ୍ୱର ଜିଲ୍ଲାର କଲେଶ୍ୱର, ବାଲେଶ୍ୱର, ଚରମ୍ପା (୧୦ମ-୧୧ଶ ଶତାବ୍ଦୀ) ଅଯୋଧା; କଟକ ଜିଲ୍ଲାର କଟକ, ଚୌଦ୍ୱାର, ଅଡ଼ସପୁର, ନରସିଂହପୁର, ପ୍ରତାପନଗରୀ, ଯାଜପୁର, ପୁରୀ ଜିଲ୍ଲା ଅନ୍ତର୍ଗତ କାକଟପୁର, ଭୁବନେଶ୍ୱର, ପୁରୀ, ବାଣପୁର, ଶିଶୁପାଳଗଡ଼, ଗଞ୍ଜାମର ଘୁମୁସର, କେନ୍ଦୁଝର ଜିଲ୍ଲାର ଆନନ୍ଦପୁର, ପୋଡ଼ାସିଙ୍ଗ (୮ମ ଶତାବ୍ଦୀ) ବୈଦାଖିଆ; କୋରାପୁଟ ଜିଲ୍ଲାର ନନ୍ଦପୁର, ଜୟପୁର, ଭୈରବସିଙ୍ଗପୁର, ନବରଙ୍ଗପୁର ପ୍ରଭୃତି ଅଞ୍ଚଳ ଜୈନଧର୍ମାବଲମ୍ବୀମାନଙ୍କର ପ୍ରଚାରକେନ୍ଦ୍ର ଥିବା ବିଶ୍ୱାସ କରାଯାଏ । (୩୦) ଓଡ଼ିଶାରେ ମିଳିଥିବା ଜୈନତୀର୍ଥଙ୍କର ମୂର୍ତ୍ତିଗୁଡ଼ିକ ମଧରେ ଋଷଭନାଥ, ଅଜିତନାଥ, ପଦ୍ମପ୍ରଭ, ଚନ୍ଦ୍ରପ୍ରଭା, ଶାନ୍ତିନାଥ, ନେମିନାଥ, ପାର୍ଶ୍ୱନାଥ ଓ ମହାବୀରଙ୍କ ନାମ ଉଲ୍ଲେଖଯୋଗ୍ୟ । ତନ୍ମଧରେ ଋଷଭନାଥ ଓ ପାର୍ଶ୍ୱନାଥଙ୍କ ବହୁମୂର୍ତ୍ତି ଉପଲବ୍ଧ ହୋଇଥିବାର ଦେଖାଯାଏ ।

✓ ✓ ✓

## ତୃତୀୟ ଅଧ୍ୟାୟ

# ଜୈନ ଧର୍ମ

ଜୈନଧର୍ମ ପୃଥିବୀ ସର୍ବପ୍ରାଚୀନ ସଂସ୍କାରବାଦୀ ଧର୍ମ । ବିଶାଳ ଭାରତୀୟ ଭୂଖଣ୍ଡରେ ଆର୍ଯ୍ୟେତର ଜାତିମାନଙ୍କ ଦ୍ୱାରା ସୃଷ୍ଟ ଶାକ୍ତ ବା ଶୈବଧର୍ମ ଆର୍ଯ୍ୟାୟିତ ହୋଇ ଆର୍ଯ୍ୟ ପରମ୍ପରା ମଧରେ ବଳିଷ୍ଠ ହୋଇଥିଲା । କିନ୍ତୁ ଜୈନଧର୍ମର ସୃଷ୍ଟି ଥିଲା ସମ୍ପୂର୍ଣ୍ଣ ଅଭିନବ । ଆର୍ଯ୍ୟ ତଥା ପ୍ରାଚୀନ ଦ୍ରାବିଡ ସଭ୍ୟତାର ସମନ୍ୱୟ ଯୋଗୁଁ ଏହି ସଂସ୍କାରବାଦୀ ଧର୍ମର ସୃଷ୍ଟି ହୋଇଢଥିଲା । ଆର୍ଯ୍ୟ ଅପେକ୍ଷା ଦ୍ରାବିଡ ସମ୍ପ୍ରଦାୟର ଏହା ଥିଲା ଅଧିକ ନିକଟବର୍ତ୍ତୀ । ସତ୍ୟ, ଅହିଂସା, ଅଚୌର୍ଯ୍ୟ,ଅନଧିକାର ଓ ବ୍ରହ୍ମଚର୍ଯ୍ୟ ପରି ମାନବିକ ଦିଗ ଉପରେ ଏହି ଧର୍ମ ଗୁରୁତ୍ୱ ଦେଇଥିଲା । ଯୁଗଯୁଗର ପରୀକ୍ଷା ପରେ ସଚେତନ ଭାରତୀୟ ମନୀଷୀ ଉପଲବ୍ଧି କରିଥିଲା ମଣିଷର ସର୍ବାଶେଷ ଲକ୍ଷ୍ୟ ହେଉଛି ମୋକ୍ଷ ବା କେବଲ୍ୟ ।ଏହା ଅନ୍ୟକୁ ଦୁଃଖ ଦେଇ ନୁହେଁ; ସର୍ବଜନହିତାୟ ଓ ସର୍ବଜନ ସୁଖାୟ ନୀତି ଉପରେ ପର୍ଯ୍ୟବେଶିତ ହେବା ଉଚିତ । ସେଥପାଇଁ ଲୋଡା ସତ୍ୟ-ଅହିଂସା ବା ଅଚୌର୍ଯ୍ୟ ପରି ନୀତିଚୟ । ପ୍ରକୃତି ପରିଚାଳିତ ମଣିଷ ନିଜର ଇନ୍ଦ୍ରିୟମାନଙ୍କ ଆହ୍ୱାନ ଏଡି ଏହିସବୁ ନୀତିକୁ ଜୀବନ କାଳ ମଧରେ ହାସଲ କରିବା ସହଜ ନୁହେଁ । ସେଥିପାଇଁ ଲୋଡା ସାଧନା । ଏକାନ୍ତ କୁଚ୍ଛ ସାଧନା ।ସାଧନାରେ ସିଧି ଲାଭ କଲେ ସାଧକ ଜୀନତ୍ୱ ବା ଜିତେନ୍ଦ୍ରିୟତା ପ୍ରାପ୍ତ ହୁଏ । ଜୀନତ୍ୱ ପ୍ରାପ୍ତ ସାଧକ ହିଁ କୈବଲ୍ୟ ବା ମୋକ୍ଷର ଅଧିକାରୀ ହୋଇପାରେ । ଏଥିପାଇଁ ସହସ୍ର ଅଶ୍ୱମେଧ କରିବାକୁ ପଡେନା, ବୃଷକୁ ହତ୍ୟାକରି ଶୂଳଗବ ହୋମ କରିବାକୁ ହୁଏନା କିମ୍ବା ଆପଣାର ସୁଖ ଲାଗି ତନ୍ତ୍ରସାଧନା କରି ଦେବୀ ନିକଟରେ ପକ୍ଷୀ-ପଶୁଠାରୁ ଆରମ୍ଭକରି ମଣିଷ ପର୍ଯ୍ୟନ୍ତ ବଳି ଦେବାକୁ ହୁଏନା । ଏଥିପାଇଁ ଦରକାର ହୁଏ ଆତ୍ମବଳି । ଆତ୍ମ ସୁଖବଳି । ଆତ୍ମେନ୍ଦ୍ରିୟ ପରିତୃପ୍ତି ପାଇଁ କାମନା ଓ ବାସନାର ବଳି ।ଯଦି ସୁଖ ପାଇବାକୁ ଇଚ୍ଛା କରୁଛ ତେବେ ନିଜକୁ ଶାସନ କର । ଅନୁରୂପ କର୍ମ କର ।ସାଧନା କର । ଜୀବନର ତତ୍ତ୍ୱ ଉପଲବ୍ଧି କର । ସେଥିପାଇଁ ଈଶ୍ୱରର ସହାୟତା ନେବା ଦରକାର ନାହିଁ। ବ୍ରାହ୍ମଣର ମଧସ୍ଥାତାର ଆବଶ୍ୟକତା ନାହିଁ । ଯାଗ, ଯଜ୍ଞ, ପଶୁବଳି, ଜୀବହିଂସାର କୌଣସି ପ୍ରୟୋଜନୀୟତା ନାହିଁ । ନିଜର ଯେପରି ସୁଖ କାମନା ରହିଛି; ଅନ୍ୟ ସମସ୍ତ ଜୀବଙ୍କର ମଧ ଅନୁରୂପ କାମନା ଅଛି । ନିଜେ ମୋକ୍ଷ ବା କଳ୍ପିତ ବୈକୁଣ୍ଠ ପାଇବା ଲାଗି ଅଶ୍ୱମେଧ, ନରମେଧ, ଗୋମେଧ ବା ରାଜସୂୟ ଯଜ୍ଞ କରିବା, ପଶୁ ଶୋଷରେ ନିଜେ ସେହି ଶୋଷଣର ଶୀକାର ହେବା ଏକାନ୍ତ ମୂର୍ଖତାର ପରିଚୟ । ପବିତ୍ର ଆତ୍ମସଂଯମପୂର୍ଣ୍ଣ ଜୀବନ ହିଁ ମଣିଷକୁ ଦେବ ସୁଖଶାନ୍ତି । ଏକନିଷ୍ଠ ସାଧନା ମଣିଷକୁ ଆଣିଦେବ ଜୀନତ୍ୱ, କୈବଲ୍ୟ ଓ ମୋକ୍ଷ । ଏହି ଜୀନତ୍ୱ ପ୍ରାପ୍ତି ପାଇଁ ସାଧନାମୟ ଧର୍ମ ଜୀବନ ନାମ ଜୈନଧର୍ମ ।

ଜୈନଧର୍ମର ପ୍ରାଚୀନତା :

ଜୈନଧର୍ମ କହିଲେ ଲୋକେ ସହାବୀର ପ୍ରଚାରିତ ଧର୍ମ କଥା ବୁଝନ୍ତି । କିନ୍ତୁ ବୌଧିଧର୍ମରେ ଶାକ୍ୟସିଂହ

ଗୌତମଙ୍କ ପରି ଜୈନ ଧର୍ମରେ ମହାବୀର ପଥାକୃତ ନୁହନ୍ତି । ଜୈନ ଆଚାର, ବିଶ୍ୱାସ ଓ ସାଧନା ଭାରତୀୟ ସଂସ୍କୃତିରେ ବହୁ ପ୍ରାଚୀନ । ମହାବୀର ବର୍ଦ୍ଧମାନ ଥିଲେ ଜୈନ ପରମ୍ପରାର ଶେଶ ବା ଚତୁର୍ବିଂଶତିତମ ତୀର୍ଥଙ୍କର । ତାଙ୍କ ପୂର୍ବରୁ ଅନ୍ୟ ୨୩ଜଣ ତୀର୍ଥଙ୍କର ଜୈନଧର୍ମର ତତ୍ୱ ପ୍ରଚାର କରି ଯାଇଥିଲେ । ଅବଶ୍ୟ ଇତିହାସକାରମାନେ ଶେଷ ଦୁଇ ତୀର୍ଥଙ୍କର 'ପାର୍ଶ୍ୱନାଥ ଓ ମହାବୀର'ଙ୍କ ବ୍ୟତୀତ ଅନ୍ୟମାନଙ୍କୁ ପୌରାଣିକ ବା କାଳ୍ପନିକ ଚରିତ୍ ବୋଲି କହିଥାନ୍ତି ; (୧) କିନ୍ତୁ ପାର୍ଶ୍ୱନାଥ (ଖ୍ରୀ. ପୂ. ଅଷ୍ଟମ ଶତାବ୍ଦୀ)ଙ୍କ ବହୁ ପୂର୍ବରୁ ଭାରତୀୟ ସମାଜରେ ଯେ ଜୈନ ଚେତନା ଥିଲା ଏହା ଅସ୍ୱୀକାର କରାଯାଇ ପାରିବ ନାହିଁ । ଋଭେଦେବଙ୍କୁ ଜୈନମାନଙ୍କର ପ୍ରଥମ ତୀର୍ଥଙ୍କର କୁହାଯାଏ । ଏହି ଋଷଭ ପୁଣି ହେଉଛନ୍ତି ହିନ୍ଦୁମାନଙ୍କ ଚତୁର୍ବିଂଶ ଅବତାର ମଧ୍ୟରୁ ଜଣେ । ପରିଚୟ ତାଙ୍କର ଋଷି ଓ ରାଜା ଭାବରେ । ଜୀବନର ଆଦର୍ଶ ଓ ସାଧନା ଯୋଗୁଁ ସେ ହେଲେ ଅବତାର । ଗବେଷକ ଡାକ୍ତର ଲକ୍ଷ୍ମୀନାରାୟଣ ସାହୁ ଏହି ଆଦିଜୀନ ଋଷଭଙ୍କୁ ପ୍ରାୟ ଖ୍ରୀ. ପୂ. ୩୦୦୦ ବର୍ଷ ତଳର ବୋଲି ଅଭିହିତ କରିଛନ୍ତି । (୨) ଋଷଭ ଜଣେ ଆଦର୍ଶ ରାଜପୁରୁଷ ଥିଲେ । ପିତାଙ୍କର ପୁତ୍ରେଷ୍ଟି ଯଜ୍ଞର ପ୍ରଭାବରୁ ସେ ଜନ୍ମ ହୋଇଥିଲେ । ତାଙ୍କର ମଧ ଅନେକ ପୁତ୍ର/କନ୍ୟା ଥିଲେ । ଭାରତ ଥିଲେ ସେମାନଙ୍କ ମଧ୍ୟରୁ ଅନ୍ୟତମ । ସେହି ଭରତଙ୍କ ନାମାନୁସାରେ ଦେଶର ନାମ ହେଲା ଭାରତ । ଋଷଭ ଥିଲେ ଜଣେ ଆଦର୍ଶ ତଥା ଲୋକ ପ୍ରିୟ ରାଜା । ବହୁ ବର୍ଷର ସୁଶାସନ ପରେ ତାଙ୍କର ବୈରାଗ୍ୟୋଦୟ ହେଲା । ପୁଅମାନଙ୍କୁ ରାଜ୍ୟଭାର ଦେଇ ସେ କ୍ଳେଶପ୍ରଦ ସାଧନା କରି ପ୍ରଥମେ ଜୀନ ହେଲେ । ସମାଜର ସଙ୍ଗଳ ପାଇଁ ଅନେକ ଉପଦେଶ ଦେଇ ଶେଷରେ ମୃତ୍ୟୁବରଣ କଲେ ।ଋଗ୍‌ବେଦର କେତେକ ମନ୍ତ୍ରରେ ଏହି ଋଷଭଙ୍କ ପ୍ରସଙ୍ଗ ରହିଛି । (୩) ଜୈନ ଧର୍ମଗ୍ରନ୍ଥ ଗୁଡିକରେ ଋଷଭଦେବଙ୍କ ସମ୍ପର୍କରେ ଅନେକ ଅଲୌକିକ କଥା ସଂକଳିତ ହୋଇଛି । ହେଲେ ଏସବୁ ଯେ ବହୁ ପରବର୍ତ୍ତୀ ଯୁଗର ଏଥିରେ ସନ୍ଦେହ ନାହିଁ । ଅଧିକନ୍ତୁ ବହୁ ପ୍ରଚୀନ କାଳରେ ଭାରତୀୟ ସମାଜରେ ଯେ ଋଷଭ ବୋଲି ଜଣେ ରାଜା ଥିଲେ, ଯେ କି ପରେ ସାଧୁ ହୋଇଥିଲେ ଏ ସମ୍ପର୍କରେ ଅନେକ ସୂଚନା ଆମର ପୁରାଣ ତଥା ଇତିହାସ ଗ୍ରନ୍ଥରୁ ସିଳିଥାଏ ।

ଋଷଭଙ୍କ ପରେ ଅନ୍ୟ ୨୦ ଜଣ ତୀର୍ଥଙ୍କର ଜୈନତତ୍ୱର ପ୍ରଚାର କରିଥିଲେ । ଦ୍ୱାବିଂଶ ତୀର୍ଥଙ୍କର ଥିଲେ ଅରିଷ୍ଟନେମି ବା ନେମିନାଥ । ଏହି ନେମିନାଥଙ୍କ ନାମରେ ଜୈନ ହରିବଂଶ' ନାମକ ସଂସ୍କୃତ ପୁରାଣ ରଚିତ । ପୁରାଣ ପରମ୍ପରା ଦୃଷ୍ଟିରୁ ଦେଖିଲେ ସେ ଥିଲେ ଦ୍ୱାରକାଧିପତି ଶ୍ରୀକୃଷ୍ଣଙ୍କ ଖୁଡୁତା । ମହାଭାରତ ଯୁଗ (ଆନୁମାନିକ ଖ୍ରୀ. ପୂ. ୧୪୦୦ ଶତାବ୍ଦୀ)ରେ ସେ ଜୈନଧର୍ମର ପ୍ରଚାର କରିଥିଲେ ।(୪) ଏହି ଅରିଷ୍ଟନେମି ଥିଲେ ଯଦୁବଂଶୀ କ୍ଷତ୍ରିୟ । ଅରିଷ୍ଟନେମିଙ୍କ ପରେ ପାର୍ଶ୍ୱନାଥ ଏବଂ ଶେଷରେ ମହାବୀର ଜୈନ ତୀର୍ଥଙ୍କର ରୂପେ ଧର୍ମ ପ୍ରଚାର କରିଥିଲେ ।

ଯଦି ଋଷଭଙ୍କର କାଳକୁ ଖ୍ରୀ. ପୂ. ୩୦୦୦ ବର୍ଷ ବୋଲି ଧରାଯାଏ ଜୈନଧର୍ମ ସେହିକାଳରୁ ସୃଷ୍ଟି ହୋଇଥିଲା ବୋଲି କୁହାଯିବ । କିନ୍ତୁ ଇତିହାସକାରମାନେ ଏହିକାଳକୁ ସ୍ୱୀକୃତି ଦେଇ ନ ଥା'ନ୍ତି । ସେମାନଙ୍କ ମତରେ ଋଷଭ ଏକ ପୌରାଣିକ ଚରିତ୍ର । ତାଙ୍କର ଐତିହାସିକତା ନାହିଁ । ବହୁ କାଳ ପରେ ଖ୍ରୀଷ୍ଟୀୟ

ଶତାବ୍ଦୀମାନଙ୍କରେ ଜୈନଧର୍ମ ଗ୍ରନ୍ଥରେ ଋଷଭଙ୍କ ସମ୍ପର୍କରେ ଅଲୌକିକ ତଥ୍ୟମାନ ରହିଛି । ବୁଧ୍ଜାତକର ଗଳ୍ପମାନଙ୍କ ପରି ଏହିସବୁ ଗଳ୍ପର ସୃଷ୍ଟି । ଅଧିକନ୍ତୁ ବହୁ ଶତାବ୍ଦୀ ପୂର୍ବରୁ ଭାରତୀୟ ସମାଜରେ ଜୈନଚେତନାର ବିକାଶ ଘଟିଥିଲା । ଏପରିକି ଶାନ୍ତି ଓ ସମତା ପାଇଁ ସିନ୍ଧୁ ସଭ୍ୟତାର ଦ୍ରାବିଡମାନଙ୍କ ମଧରେ ସଚେତନତା ଥିଲା ସର୍ବାଧିକ । କାଳକ୍ରମେ ଆର୍ଯ୍ୟମାନଙ୍କ ଆଗମନ ଓ ଦୁଇ ସଭ୍ୟତାର ସିଶ୍ରଣ ଫଳରେ ବିଶ୍ୱବିଖ୍ୟାତ ବୈଦିକ ସଭ୍ୟତାର ସୃଷ୍ଟି ହେଲା । ବେଦର ସନ୍ତ୍ରଦ୍ରଷ୍ଟା ଋଷି ମାନବଜୀବନରେ ଶାନ୍ତି ଓ ପ୍ରଗତି ପାଇଁ ଶତତ ଉଦ୍ୟମ କରୁଥିଲେ । ପବିତ୍ର ତଥା ସୁସଂହତ ଜୀପନଯାପନ ଲାଗି ସେମାନେ କର୍ମ, ପୂଜା, ଉପାସନା ଓ ଯାଗଯଜ୍ଞର ସୂତ୍ରପାତ କଲେ । ଯାଜ୍ଞିକ କର୍ମର ସର୍ଜନା ପ୍ରକାରାନ୍ତରେ ଜାତିଭେଦ ସୃଷ୍ଟି କଲା । ସମାଜରେ ବିଜ୍ଞ ବ୍ରାହ୍ମଣମାନଙ୍କ ହାତରେ ଯଜ୍ଞକର୍ମର ଦାୟିତ୍ୱ ରହିଲା । କ୍ରମେ ଅନ୍ୟ ତିନିବର୍ଣ୍ଣ କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ରମାନେ ଏଥିରୁ ବାଦ ପଡିଗଲେ । ବ୍ରାହ୍ମଣମାନେ ଏହି ତିନି ଜାତି ଉପରେ ଆପଣାର କର୍ତ୍ତୃତ୍ୱ ବିସ୍ତାର କଲେ । କ୍ରମେ ଆରମ୍ଭ ହେଲା ଶୋଷଣ ଓ ଅତ୍ୟାଚାର । ଗୋଟିଏ ଜାତି ଭାଗ ଭାଗ ହୋଇ ଉଚ୍ଚ ଓ ନୀଚ ବର୍ଣ୍ଣରେ ବିଭକ୍ତ ହେଲେ ।ନୀଚ ବର୍ଣ୍ଣର ଲୋକେ ମୁକ୍ତିପାଇଁ ବ୍ରାହ୍ମଣର ସହାୟତା ଲୋଡିଲେ । ଈଶ୍ୱରର ଭ୍ରାନ୍ତ ଧାରଣା ସେମାନଙ୍କ ମନରେ କୌଶଳୀ ବ୍ରାହ୍ମଣ ସମାଜ ଭର୍ତ୍ତି କରିଦେଲେ । ଫଳରେ ଈଶ୍ୱର ନାମରେ ସମାଜ ଯାବତୀୟ ଶୋଷଣ ଓ ଅତ୍ୟାଚାର ରଙ୍ଗଭୂମିରେ ପରିଣତ ହେଲା । ଯଜ୍ଞନାମରେ ପଶୁବଳି ପ୍ରଦତ୍ ହେଲା । ଈଶ୍ୱର ଓ ଧର୍ମ ଜୀବହିଂସା ଉପରେ ପର୍ଯ୍ୟବସିତ ହେଲା । କେତେକ ସଂସ୍କାର ପ୍ରିୟ ଋଷି ଓ କ୍ଷତ୍ରିୟ ରାଜା ବ୍ରାହ୍ମଣ୍ୟ ଧର୍ମର ଏହି ଅବକ୍ଷୟର ପ୍ରତିବାଦ କରିଥିଲେ ।ପ୍ରକାରାନ୍ତରେ ଦେଖିବାକୁ ଗଲେ ଉପନିଷଦଧର୍ମହିଁ ହେଇଛି ଏହି ପ୍ରତିବାଦର ଦାର୍ଶନିକ ପ୍ରତିରୂପ । ଏଥିରେ ବହୁ ଦେବତା ପୂଜା, ଯଗଯଜ୍ଞ, ପଶୁବଳି-ଆଦି ଅପେକ୍ଷା ମାନବିକତାବାଦ ଉପରେ ଅଧିକ ଗୁରୁତ୍ୱ ଆରୋପିତ ହୋଇଛି । ସତକର୍ମ ଓ ଦିବ୍ୟଜ୍ଞାନ ମାଧମରେ ଜୀବକୁ ବ୍ରହ୍ମ ସାକ୍ଷାତକାର ପାଇଁ ଉପଦେଶ ଦିଆଯାଇଛି ।

ଜୈନଧର୍ମ କେତେକାଂଶରେ ଉପନିଷଦ ତତ୍ୱ ଉପରେ ପ୍ରତିଷ୍ଠିତ ହୋଇଥିଲା । ବହୁ ପୂର୍ବରୁ ଦ୍ରାବିଡମାନଙ୍କ ମଧରେ ଥିବା ସମତା ଧର୍ମ, ନୈତିକତା ପୂର୍ଣ୍ଣଜୀବନ ଚର୍ଯ୍ୟା; ସଂସ୍କାରଲିପସୁ ଆର୍ଯ୍ୟମାନଙ୍କ ସଂସ୍ପର୍ଶରେ ଆସି ଶୋଷକ ବ୍ରାହ୍ମଣ୍ୟ ସମାଜ ବିରୁଧ୍ରେ ଏକ ବୈପ୍ଳବିକ ଭୂମିକା ଗ୍ରହଣ କଲା । କର୍ମ, ଉପରେ ବିଶ୍ୱାସ କରି ପ୍ରଥମେ ଈଶ୍ୱରଙ୍କୁ ଅସ୍ୱୀକାର କଲା । ଈଶ୍ୱର ଅପାଙ୍କ୍ତେୟ ହୋଇପଡିବାରୁ ବ୍ରହ୍ମଣର ମଧସ୍ଥତାର ଆବଶ୍ୟକତା ମଧ ପଡିଲା ନାହିଁ । ଇତିହାସ ଅନୁଶୀଳନ କଲେ ଜଣାଯାଏ ଏହି ବିପ୍ଳବରେ ମୁଖ୍ୟତଃ କ୍ଷତ୍ରିୟମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । କାରଣ ବୈଶ୍ୟ ଓ ଶୂଦ୍ରମାନଙ୍କର ଭୂମିକା ଏତେ ହେୟ ହୋଇପଡିଥିଲା ଯେ ସମାଜରେ କୌଣସି ପରିବର୍ତ୍ତନ ନିମିତ୍ ସ୍ୱର ଉତ୍ତୋଳନ କରିବା ପାଇଁ ସେମାନେ ସମସ୍ତ ସାହସ ଓ ଉତ୍ସାହ ହରେଇ ବସିଥିଲେ । କେବଳ କ୍ଷତ୍ରିୟ ରାଜପୁତ୍ରଗଣ ପ୍ରଥମ କରି ବ୍ରହ୍ମଣ୍ୟ ସମାଜର ଅତ୍ୟାଚାର ବିରୁଧ୍ରେ ବିପ୍ଳବ କଲେ । ଜୈନଧର୍ମ ଏହିଭଳି ଏକ ବିପ୍ଳବର ରୂପାନ୍ତର ମାତ୍ର ।ଜୈନଶାସ୍ତ୍ରମାନଢଙ୍କରେ ଋଷଭଙ୍କଠାରୁ ଆରମ୍ଭ କରି ମହାବୀରଙ୍କ ପର୍ଯ୍ୟନ୍ତ ୨୪ ତୀର୍ଥଙ୍କର ଯେଉଁ ବିସ୍ତୃତ ବର୍ଣ୍ଣନା ରହିଛି ସମସ୍ତେ ପ୍ରାୟ

ରାଜପୁତ୍ର ବା କ୍ଷତ୍ରିୟ ଭାବରେ ବର୍ଣ୍ଣିତ । ଅଯୋଧ୍ୟା, ମିଥିଳା, ଶ୍ରାବସ୍ତୀ, କାଶୀ, କୌଶାମ୍ବି, ଚନ୍ଦ୍ରପୁରୀ, କାକନ୍ଦୀ ନଗର ଚମ୍ପା, ସିଂହପୁରୀ, ରାଜଗୃହ, ବାରାଣସୀ ଓ କୁଣ୍ଡଗ୍ରାମ ଆଦି ରାଜ୍ୟରେ ପ୍ରତିପତ୍ତିଶାଳୀ ପରିବାରମାନଙ୍କରେ ଏମାନେ ଜନ୍ମଲାଭ କରିଥିଲେ । ପ୍ରାୟ ସମସ୍ତ ସିଦ୍ଧି ସେମାନଙ୍କର ପ୍ରଥମ ଜୀବନ ଗୃହସ୍ଥାଶ୍ରମରେ କଟାଇଥିଲେ । ଗୃହସ୍ଥାଶ୍ରମର ଅନୁଭବ ସେମାନଙ୍କୁ ଜୀବନ ପ୍ରତି ବୀତସ୍ପୃହ କରିଥିଲା । ସମାଜର ଶୋଷଣ ଓ ଅତ୍ୟାଚାର ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ପ୍ରଦାନ କରିଥିଲା । ରାଜ୍ୟ ଛାଡି, ସୁଖଛାଡି ସେମାନେ ସାଧନା କରିଥିଲେ । ସାଧନାରୁ ସିଦ୍ଧି । ଜୀନତ୍ୱ ପ୍ରାପ୍ତି ଶେଷରେ ତୀର୍ଥଙ୍କାର ରୂପେ ପରିଣତ । ଶାନ୍ତି, ସୌହାର୍ଦ୍ଦ୍ୟ, ପ୍ରୀତି, ଅହିଂସା, ସଂଯମ ଓ ମାଧୁର୍ଯ୍ୟ ଆଦିର ପ୍ରଚାର କରି ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହିଁ ଥିଲା ଏମାନଙ୍କ ଜୀବନର ଅନ୍ୟତମ ଲକ୍ଷ୍ୟ । ଜୈନ ତୀର୍ଥଙ୍କରମାନେ ପ୍ରଚାର କରୁଥିଲେ ଈଶ୍ୱର ବୋଲି କେହି ନାହିଁ । ମଣିଷ ନିଜେ ହିଁ ନିଜର ମୁକ୍ତିଦାତା । ସେମାନେ ମୂଳରୁ କହୁଥିଲେ- "ମୁଁ ତ ମୁଁ -ମୋ ଦ୍ୱାରା ମୋହର ସୁକ୍ତି ହେବ ଅନ୍ୟଦ୍ୱାରାନୁହେଁ । ଆଉ କେହି ଶକ୍ତି ନାହିଁ । ଆଉ କାହାରି ଠାରେ ମୁକ୍ତି ନାହିଁ । ଅତଏବ ଅନ୍ୟର ଅବଲମ୍ବନ କରିବାକୁ ହେବନାହିଁ । ମୁଁ ହିଁ ମୋର ଅବଲମ୍ବନ । ମୁଁ ହିଁ ମୋର ମୁକ୍ତି । ମୁଁ ହିଁ ମୋର ବନ୍ଧନ ।" ଏହି ତତ୍ତ୍ୱ ଉପରେ ଗଭୀର ସାଧନା କରି ସେମାନେ ହେଉଥିଲେ କେବଳୀ । କୈବଲ୍ୟ ଜ୍ଞାନର ଅଧିକାରୀ । ଦିବ୍ୟଦର୍ଶୀ ତୀର୍ଥଙ୍କର । ତା'ପରେ ସେମାନେ ସମାଜର ମୁକ୍ତ ପାଇଁ ଜୀବନକୁ ଉତ୍ସର୍ଗ କରୁଥିଲେ । ନିଜେ ଖାଲି ମୁକ୍ତି ପାଇଗଲେ ତ ହେବନାହିଁ । ଆପଣାକୁ ଜୟକରି ସାରି ଜଗତର ସେବାରେ ଲାଗିବାକୁ ହେବ । ଦୁଃସ୍ଥ, ଅବହେଳିତ, ଅଜ୍ଞମାନଙ୍କୁ ହାତ ଧରି ସଂସାର ସ୍ରୋତସ୍ୱତୀକୁ ପାରି କରାଇବାକୁ ପଡିବ । ସେମାନଙ୍କୁ ଠିକ ବାଟ ଦେଖାଇବାକୁ ପଡିବ ।

ଜୈନ ପରମ୍ପରାରେ ବର୍ଣ୍ଣିତ ୨୪ ତୀର୍ଥଙ୍କରଙ୍କ ମଧ୍ୟରୁ ଇତିହାସକାରଗଣ ଶେଷ ଦୁଇ ତୀର୍ଥଙ୍କର ପାର୍ଶ୍ୱନାଥ ଓ ମହାବୀରଙ୍କୁ ସ୍ୱୀକାର କରିଥା'ନ୍ତି । ଏହାର ମୁଖ୍ୟ କାରଣ ହେଲା ଏହି ଦୁଇ ତୀର୍ଥଙ୍କରଙ୍କ ସମ୍ପର୍କରେ ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ତଥ୍ୟମାନ ମିଳୁଛି । ପୁନଶ୍ଚ ଏ ଦୁହେଁ ଜୈନ ମତକୁ ଅଧିକ ବୈଜ୍ଞାନିକ ଓ ଲୋକପ୍ରିୟ କରିବାକୁ ଚେଷ୍ଟା କରିଥିଲେ । ଏମାନଙ୍କ ଜୀବନ ଓ କାର୍ଯ୍ୟାବଳୀର ସ୍ୱତନ୍ତ୍ର ଆଲୋଚନାରୁ ଏହା ସ୍ପଷ୍ଟ ହେବ ।

ପାର୍ଶ୍ୱନାଥ :

ପାର୍ଶ୍ୱନାଥ ଆନୁମାନିକ ଖ୍ରୀ. ପୂ. ନବମ ଶତାବ୍ଦୀରେ ବାରାଣସୀର ରାଜପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପିତା ଥିଲେ ପୁରାଣ ପ୍ରସିଦ୍ଧ ନାଗବଂଶୀୟ ରାଜା ଅଶ୍ୱସେନ ଓ ମାତା ବାମାଦେବୀ ।ପ୍ରାୟ ତିରିଶ ବର୍ଷ ଗୃହସ୍ଥାଶ୍ରମ ପରେ ପାର୍ଶ୍ୱନାଥ ସନ୍ନ୍ୟାସୀ ହେଲେ । ବାରାଣସୀରେ ୮୪ ଦିନ ଧ୍ୟାନସ୍ଥ ହୋଇ ସେ 'କେବଳ' ଜ୍ଞାନଲାଭ କଲେ । ସମଗ୍ର ଉତ୍ତର ପୂର୍ବ ଭାରତରେ ଆପାଣାର ଧର୍ମମତ ପ୍ରଚାର କରି ପାର୍ଶ୍ୱ ୧୦୦ ବର୍ଷ ବୟସରେ ସମୀତା ପର୍ବତରେ ଦେହତ୍ୟାଗ କଲେ ।(୫) ଭବଦେବଶ୍ୱରୀଙ୍କ 'ପାର୍ଶ୍ୱନାଥ

ଚରିତ୍ର' ଗ୍ରନ୍ଥରେ ଜୈନ ଧର୍ମର ଏହି ତ୍ରୟୋବିଂଶତିତମ ତୀର୍ଥଙ୍କର ପାର୍ଶ୍ୱନାଥଙ୍କ ଜୀବନୀର ବ୍ୟାପକ ବର୍ଣ୍ଣନା ଦେଖିବାକୁ ମିଳେ । କିନ୍ତୁ ଭଗବାନ ପାର୍ଶ୍ୱଙ୍କ ଦେହାବସାନର ପ୍ରାୟ ଦୁଇହଜାର ବର୍ଷ ପରେ ଲେଖାଯାଇଥିବାରୁ ଏହି ଗ୍ରନ୍ଥର ଐତିହାସିକତା ନେଇ ସନ୍ଦେହ ଉପୁଜିଥାଏ । ଏଥିରେ କୋଶଳର ନରପତି ପ୍ରସେନଜିତ୍‌ଙ୍କ କନ୍ୟା ପ୍ରଭାବତୀ ସହିତ ପାର୍ଶ୍ୱଙ୍କର ବିବାହ ସ୍ଥିର ହେବା, କଳିଙ୍ଗର ଯବନ ରାଜା ସେହି କନ୍ୟାକୁ ବଳାତ୍କାରରେ ହରି ଅଣିବା, ପାର୍ଶ୍ୱକଳିଙ୍ଗ ରାଜାଙ୍କ ବିରୁଧ୍‌ରେ ଧର୍ମ ଅଭିଯାନ କରି ପ୍ରଭାବତୀଙ୍କୁ ବିବାହ କରିବା ଆଦି ଘଟଣା ସଂପୂର୍ଣ୍ଣ କଳ୍ପନା ଉପରେ ପର୍ଯ୍ୟବସିତ । ପାର୍ଶ୍ୱଙ୍କ ବହୁ ପୂର୍ବରୁ କଳିଙ୍ଗ ଦେଶରେ ଜୈନଧର୍ମର ପ୍ରସାର ଘଟିସାରିଥିଲା । ତେଣୁ ଜଣେ ଜୈନ ତୀର୍ଥଙ୍କର ଏ ଦେଶକୁ ଧର୍ମ ଅଭିଯାନ କରିବା ତଥା ସେ ଦେଶର ରାଜାଙ୍କୁ ଯବନ କହିବା ସମ୍ପୂର୍ଣ୍ଣ ଅପ୍ରାସଙ୍ଗିକ ମନେହୁଏ । ପାର୍ଶ୍ୱନାଥ ଜୈନଧର୍ମକୁ ଏକ ସ୍ପଷ୍ଟ ରୂପ ପ୍ରଦାନ କରିଥିଲେ । ସେ ସାଧାରଣତଃ ସମାଜରେ ଶାନ୍ତିମୟ ନୀତିନିଷ୍ଠ ଜୀବନ ଯାପନ ପାଇଁ ଚାରିଗୋଟି ତତ୍ତ୍ୱ ଆବିଷ୍କାର କରିଥିଲେ । ଏହାକୁ ଐତିହାସିକଗଣ ଚତୁର୍ଯ୍ୟାମ ଧର୍ମ ମଧ କହିଥାଆନ୍ତି । ଅହିଂସା, ଅଚୌର୍ଯ୍ୟ, ଅନୃତ ଓ ଅସ୍ତେୟ ଉପରେ ସେ ବିଶେଷ ଗୁରୁତ୍ୱ ଦେଉଥିଲେ । ତାଙ୍କର ଅନୁଗାମୀମାନଙ୍କୁ ଏହି ନୀତି ଅବଲମ୍ବନ କରିବାକୁ ପ୍ରେରଣା ଦେଉଥିଲେ ।

ମହାବୀର :

ପାର୍ଶ୍ୱନାଥଙ୍କ ପ୍ରାୟ ଦୁଇଶହ ପଚାଶ ବର୍ଷ ପରେ ଭଗବାନ ମହାବୀର ଜନ୍ମ ହୋଇଥିଲେ ।ଏହି ମହାବୀର ଥିଲେ ଜୈନ ଧର୍ମର ଶେଷ ତଥା ଚତୁର୍ବିଂଶତିତମ ତୀର୍ଥଙ୍କର । ତାଙ୍କର କାଳ ନିର୍ଣ୍ଣୟ କରିବାକୁ ଯାଇ ଇତିହାସକାରମାନେ ଜୈନ ପରମ୍ପରା ଓ ସାହିତ୍ୟକୁ ଅନୁସରଣ କରିଥା'ନ୍ତି । ଜୈନ ପରମ୍ପରାନୁସାରେ ରାଜା ବିକ୍ରମ ଜନ୍ମର ୪୭୦ ବର୍ଷ ପୂର୍ବରୁ ୭୨ ବର୍ଷ ବୟସରେ ମହାବୀରଙ୍କର ଦେହାନ୍ତ ହୋଇଥିଲା । ବିକ୍ରମଙ୍କ କାଳକୁ ଅନୁମାନିକ ଖ୍ରୀ: ପୂ: ୭୬ ଧାରାଗଲେ ମହାବୀରଙ୍କ ଜନ୍ମକାଳ ଥିଲା (୪୭୦+୭୬+୭୨)=ଖ୍ରୀ. ପୂ. ୬୧୮ ଓ ୫୪୬ ଖ୍ରୀ. ପୂ. ରେ ହୋଇଥିଲା। (୬) ଅନ୍ୟ କେତେକ ତାଙ୍କୁ ଖ୍ରୀ: ପୂ: ୫୯୯ ରେ ଜନ୍ମହୋଇ ୫୨୭ରେ ମୃତ୍ୟୁବରଣ କରିଥିବା ପ୍ରମାଣ କରିଛନ୍ତି । (୭) ବୁଧ୍‌ଙ୍କ ପରେ ତାଙ୍କ ପ୍ରସିଧ୍‌କୁ ଭିତ୍ କରି ଯେପରି ବୌଧ ଜାତକ ସବୁର ସୃଷ୍ଟି ହୋଇଥିଲା ; ସେହିପରି ମହାବୀରଙ୍କ ପରବତ୍ତୀ ସମୟରେ ତାଙ୍କର ଜନ୍ମ, ବାଲ୍ୟ ଓ ସନ୍ୟାସ ଜୀବନ ସମ୍ପର୍କରେ ଅନେକ ଅଲୌକିକ କଥା ବର୍ଣ୍ଣନାମୂଳକ ଗ୍ରନ୍ଥ ସୃଷ୍ଟି ହୋଇଛି ।

ମହାବୀରଙ୍କ ବାଲ୍ୟକାଳର ନାମ ଥିଲା ବର୍ଦ୍ଧମାନ । ସେ ବଜ୍ଜିମାନଙ୍କ ଶାସିତ ବୈଶାଳୀ ନଗର ନଗର ଉପକଣ୍ଠରେ ଥିବା କୁନ୍ଦ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ସିଧ୍ୱାର୍ଥ ଥିଲେ ଜ୍ଞାତିକ କୂଳର ରାଜା ଓ ମାତା ତ୍ରିଶିଳା ଲିଚ୍ଛାବୀ ରାଜା ଚେତକଙ୍କ ଭଗିନୀ ଥିଲେ । ଜୈନ ସାହିତ୍ୟର ବର୍ଣ୍ଣନାରୁ ଜଣାଯାଏ ମହାବୀର ଦେବ ଅଂଶରେ ଜନ୍ମଲାଭ କରିଥିଲେ । ତାଙ୍କର ଜନ୍ମ ପରେ ବୈଶାଳୀ ନଗରୀ ସକଳ କ୍ଷେତ୍ରରେ ଅଭିବୃଧି

ଲାଭ କରିଥିଲା । ମାନବୀୟ ସ୍ନେହ ସୌହାର୍ଦ୍ଦ୍ୟ ଦୃଢ଼ୀଭୂତ ହୋଇଥିଲା । ଧନ, ଜନ, ଗୋପଲକ୍ଷ୍ମୀର ପରିବଧ୍ନ କରିଥିବାରୁ ପଣ୍ଡିତଗଣ ତାଙ୍କର ନାମ ରଖିଥିଲେ 'ବର୍ଧ୍ମାନ' । ପୂର୍ବଜନ୍ମର ସାଧନା ଯୋଗୁଁ ବର୍ଧ୍ମାନ କ୍ରମେ ସକଳ କ୍ଷେତ୍ରରେ ପାରଦର୍ଶୀ ହୋଇଉଠିଲେ । ଶକ୍ତି ଓ ଜ୍ଞାନ ଉଭୟର ବିଚିତ୍ର ସମାବେଶ ତାଙ୍କଠାରେ ହୋଇଥିଲା । ଯୌବନ କାଳରେ ମହାବୀର ପିତା/ମାତାଙ୍କ ଇଚ୍ଛାରେ ଯଶୋଦା ନାମ୍ନୀ ସୁନ୍ଦରୀ ରାଜକନ୍ୟାଙ୍କୁ ବିବାହ କରିଥିଲେ । ତାଙ୍କର ଅନୋଜ୍ଞା ବା ପ୍ରିୟଦର୍ଶନା ନାମକ କନ୍ୟା ଜାତ ହୋଇଥିଲା । କିନ୍ତୁ ସଂସାର ମଧରେ ଲିପ୍ତ ରହି ମଧ ମହାବୀରଙ୍କୁ ସଂସାରର ମୋହ ଆବଧ୍ କରିପାରୁ ନ ଥିଲା। ସମାଜର ଅସମାନତା, ଦୁଃଖ, ଅନ୍ଧବିଶ୍ୱାସ, ମଣିଷର କର୍ତ୍ତବ୍ୟ-ଅକର୍ତ୍ତବ୍ୟ, ତଥା ମଣିଷ ଜୀବନର ଦୁର୍ଲଭତା ବିଷୟରେ ଚିନ୍ତାକରି ସେ ବିହ୍ୱଳ ହୋଇ ପଡୁଥିଲେ । କେବଳ ପିତାମାତାଙ୍କ ପରିତୃପ୍ତି ନିମିତ୍ ସେ ସଂସାରରେ ବାନ୍ଧି ହୋଇଥିଲେ । ପିତାମାତାଙ୍କ ମୃତ୍ୟୁପରେ ପ୍ରାୟ ତିରିଶ ବର୍ଷ ବୟସରେ ଜ୍ୟେଷ୍ଠ ଭ୍ରାତା ନନ୍ଦୀବର୍ଧ୍ନଙ୍କ ପରାମର୍ଶ କ୍ରମେ ସନ୍ନ୍ୟାସ ଦୀକ୍ଷା ଗ୍ରହଣ କଲେ ।

ଦୀର୍ଘଦିନ ସଂସାର ଭିତରେ ରହି ବର୍ଧ୍ମାନଙ୍କର ଏକରକମ ସଂସାର ପ୍ରତି ବିରକ୍ତି ଆସିଯାଇଥିଲା । ଏପରିକିସେ ଆପଣା ଶରୀର ପ୍ରତି ମଧ ଯତ୍ନ ନେଉନଥିଲେ । ସ୍ନାନ-ଦନ୍ତମାର୍ଜନ ଆଦି ଶୌଚ କର୍ମ କରୁ ନ ଥିଲେ । ଶୀତଦିନେ ଛାୟା ତଳେ ଓ ଗ୍ରୀଷ୍ମଋତୁରେ ପ୍ରବଳ ରୌଦ୍ରତାପରେ ତପସ୍ୟା କରୁଥିଲେ । ସନ୍ନ୍ୟାସ ଗ୍ରହଣର ୧୩ ମାସପରେ ସେ ସମସ୍ତ ପରିଧେୟ ବିସର୍ଜନ କରି ଦିଗମ୍ବର ହୋଇଯାଇଥିଲେ ।(୮) ଜୃମ୍ଭିକା ଗ୍ରାମର ଋଜୁ ପାଳିକା ନଦୀତୀରରେ ନଦୀତୀରରେ ଏକ ଶାଳତରୁ ମୂଳରେ କଠୋର ତପସ୍ୟା କରି ବାରବର୍ଷ ପରେ କେବଳ ଜ୍ଞାନ ଲାଭ କଲେ । ଇନ୍ଦ୍ରିୟ ଉପରେ ଆପଣାର ବିଜୟ ଘୋଷଣା କରି ସେ ହେଲେ ଜୀନ । ଅତିରିକ୍ତ ଦୈହିକ କ୍ଳେଶ ଦ୍ୱାରା ପ୍ରବୃତି୍ମାନଙ୍କୁ ଦମନ କରି ଜୀନତ୍ୱ ଲାଭ କରିଥିବାରୁ ତାଙ୍କୁ 'ମହାବୀର ବର୍ଧ୍ମାନ' କୁହାଗଲା ।

ଜୀନତ୍ୱ ପ୍ରାପ୍ତିପରେ ମହାବୀତ ହେଲେ ତୀର୍ଥଙ୍କର । ସମଗ୍ର ଉତ୍ର, ପୂର୍ବ ଓ ପଶ୍ଚିମ ଭାରତ ବୁଲି ସେ ଆପଣାର ଲବ୍ଧ ଜ୍ଞାନକୁ ପ୍ରଚାର କଲେ । ବର୍ଷର ଆଠମାସ କାଳ ବୁଲି ବୁଲି ଧର୍ମୋପଦେଶ ପ୍ରଦାନ କଲେ । ବର୍ଷା ଚାରିମାସ କୌଣସି ରାଜନଗର ଉପାନ୍ତରେ ଉପବନ, ଗୁମ୍ଫା ଆଦିରେ ବର୍ଷାବାସ ବିତାଉଥିଲେ । ଧର୍ମପ୍ରଚାର ଉଦ୍ଦେଶ୍ୟରେ ସେ ଚମ୍ପା, ବୈଶାଳୀ, ରାଜଗୃହ, ଶ୍ରାବସ୍ତୀ, ମିଥିଳା, ନାଳନ୍ଦା, ପାୱା ଓ କୁମାରୀ ପର୍ବତ ପ୍ରଭୃତି ସ୍ଥାନକୁ ପଦବ୍ରଜରେ ଭ୍ରମଣ କରିଥିଲେ । ଏହି ସମୟରେ ତାଙ୍କୁ ଅନେକ କାୟକ୍ଳେଶ ସହ୍ୟ କରିବାକୁ ପଡିଥିଲା । ରାଢ଼ ଦେଶର ଲୋକେ ତାଙ୍କ ପଛରେ କୁକୁର ଲଗାଇ ଦେଉଥିବାର ବର୍ଣ୍ଣନା ରହିଛି । ଏସବୁ ସତ୍ତ୍ୱେ ସେ ଅବିଚଳିତ ଭାବେ ଆପଣାର ଧର୍ମମତ ପ୍ରଚାର କରୁଥିଲେ । କ୍ରମେ ଅନେକ ରାଜା ଓ ସାମନ୍ତ ମହାବୀତଙ୍କ ମତରେ ବିଶ୍ୱାସୀ ହୋଇ ତାଙ୍କର ପ୍ରିୟ ହେଲେ । ରାଜପୃଷ୍ଠପୋଷକତା ଲାଭ କରିବାରୁ ଉତ୍ରା ପଥରେ ଏହି ଧର୍ମ ପ୍ରଚାର କରି ବହୁ ଶିଷ୍ୟ ଓ ଅନୁଗତ ଗୋଷ୍ଠୀ ସଂଗ୍ରହ କରି ଶେଷରେ ମହାବୀତ ୭୨ ବର୍ଷ ବୟସରେ ମଲ୍ଲଗଣ ରାଜ୍ୟର ପାଞ୍ଚାପୁରୀଠାରେ ରାଜା ହସ୍ତୀପାଳଙ୍କ ଗୃହରେ ଦେହତ୍ୟାଗ

କଲେ । ସେଦିନ ଥାଏ କାର୍ତ୍ତିକ ମାସର କୃଷ୍ଣ ଅମାବାସ୍ୟା ତିଥି । ମହାବୀରଙ୍କ ଅମର ଆତ୍ମାର ଉଦ୍ଦେଶ୍ୟରେ ଲିଚ୍ଛାବୀ ପ୍ରଭୃତି ୩୬ଟି ଗଣରାଜ୍ୟର ଲୋକେ ଦୀପାବଳୀ ଉତ୍ସବ ପାଳନ କରିଥିଲେ । ଆଜି ମଧ ଦୀପାବଳୀ ଜୈନମାନଙ୍କର ଏକ ଶ୍ରେଷ୍ଠ ଉତ୍ସବ ଭାବେ ପାଳିତ ହେଉଛି ।

ଜୈନଧର୍ମ ଓ ଦର୍ଶନ :

ପୂର୍ବରୁ ଆଲୋଚିତ ହୋଇଛି ମହାବୀର ଜୈନଧର୍ମରେ ପଥୀକୃତ ନୁହନ୍ତି । ତାଙ୍କ ବହୁ ପୁର୍ବ ପୁର୍ବରୁ ଜୈନଧର୍ମର ନୀତି ସ ତତ୍ତ୍ୱ ସମାଜରେ ପ୍ରସିଧି ହୋଇସାରିଥିଲା । ଦ୍ରାବିଡ ସଭ୍ୟତା ଠାରୁ ଆରମ୍ଭ କରି ଋଷଭଙ୍କ ଦେଇ ନେମିନାଥଙ୍କ ପର୍ଯ୍ୟନ୍ତ ବିଭିନ୍ନ ସମୟରେ ବିକଶିତ ହୋଇଥିବା ଜୈନଧର୍ମ ପ୍ରଥମ କରି ପାର୍ଶ୍ୱନାଥଙ୍କ ଦ୍ୱାରା ଏକ ନିଶ୍ଚିତ ତତ୍ତ୍ୱ ଉପରେ ପର୍ଯ୍ୟବସିତ ହେଲା । ପାର୍ଶ୍ୱନାତ ଅହିଂସା, ଅଚୌର୍ଯ୍ୟ, ଅନୃତ ଓ ଅସ୍ତେୟ ଆଦି ଚାତୁର୍ଯ୍ୟାମ ବ୍ରତ ବିଷୟରେ ଉଲ୍ଲେଖ କରିଥିଲେ । ମହାବୀର ଏଥିରେ ଆତ୍ମସଂଯମ ନାମକ ପଞ୍ଚମନୀତକୁ ଯୋଗକରି ପଞ୍ଚଯାମର ପ୍ରଚଳନ କରିଥିଲେ ।

ଜୈନଧର୍ମ ଥିଲା ସମାଜରୁ ବ୍ରାହ୍ମଣ୍ୟ ଶୋଷଣ ଓ ସୁବିଧାବାଦ ବିରୁଧରେ ଏକ ସାଂସ୍କୃତିକ ବିପ୍ଳବ । ବ୍ରାହ୍ମଣ୍ୟ ସମାଜ ଯେପରି ଭାବରେ ସରଳ-ଆମାୟିକ ଜନତାକୁ ଶୋଷଣ କରୁଥିଲେ, ସଂସ୍କାରବାଦୀ ଜୈନମାନେ ତା'ର ପ୍ରତିବାଦ କଲେ । ବ୍ରାହ୍ମଣ୍ୟ ଧର୍ମର ମୂଳତତ୍ତ୍ୱ ଈଶ୍ୱରକୁ ସେମାନେ ଅବିଶ୍ୱାସ କଲେ । ମଣିଷ ସଂସାରର ଦୁଃଖ ଯନ୍ତ୍ରଣାରୁ ମୁକ୍ତି ପାଇବାକୁ ହେଲେ ଈଶ୍ୱରଙ୍କ ଦୟା ବା ଆଶୀର୍ବାଦ ଉପରେ ନିର୍ଭର କରିବାକୁ ପଡିବ ନାହିଁ ବୋଲି ସେମାନେ ପ୍ରଚାର କଲେ । ଜୈନ ମତରେ ମଣିଷ ନିଜେ ହିଁ ନିଜର ଭାଗ୍ୟ ବିଧାତା । ମଣିଷକୁ ତା'ର ଧର୍ମଫଳ ଭୋଗ କରିବାକୁ ପଡିବ । ସମ୍ୟକ୍ ଦର୍ଶନ, ସମ୍ୟକ୍ ଜ୍ଞାନ ଓ ସମ୍ୟକ୍ ଚରିତ୍ର ଅନୁସରଣରେ ସାଧକ କର୍ମଫଳ ଜନିତ ପୁନର୍ଜନ୍ମରୁ ମୁକ୍ତ ହୋଇ ମୋକ୍ଷ ଲାଭ କରିପାରିବ । ପୁନର୍ଜନ୍ମ ଓ ପରଲୋକ ସମ୍ପର୍କରେ କହିବାକୁ ଯାଇ ଜୈନଶାସ୍ତ୍ରକାରମାନେ କହନ୍ତି - "ଯଦି ତୁମେ ପୂର୍ବଜନ୍ମରେ ନଥିଲ ଏବଂ ପରବର୍ତ୍ତୀ ଜନ୍ମରେ ରହିବ ନାହିଁ, ତା'ହେଲେ ବର୍ତ୍ତମାନ ଜୀବନରେ ତୁମର ଅସ୍ତିତ୍ୱ ସମ୍ଭବ କିପରି ? ବର୍ତ୍ତମାନ କାଳରେ ଯାହାର ସ୍ଥିତି ଅଛି, ତାହାର ଅସ୍ତିତ୍ୱ ଅତୀତରେ ନିଶ୍ଚିତ ଥିଲା ଏବଂ ଭବିଷ୍ୟତରେ ମଧ ନିଶ୍ଚିୟ ରହିବ । ଅସ୍ତିତ୍ୱ ତ୍ରୈକାଳିକ । ଅସ୍ତିତ୍ୱର ପ୍ରଭାବରେ ପରଲୋକ ବା ପୁନର୍ଜନ୍ମ ସ୍ୱତଃ ପ୍ରାପ୍ତ ।"(୯)

ଜୈନଧର୍ମର ତ୍ରିରତ୍ନ ସାମ୍ୟକ ଦର୍ଶନ, ସମ୍ୟକ ଜ୍ଞାନ ଓ ସମ୍ୟକ ଚରିତ୍ର ଉପରେ ପ୍ରତିଷ୍ଠିତ । ବିନୟ ଏହାର ଭିତ୍ତିଭୂମି । ଧର୍ମ ସମ୍ବନ୍ଧୀୟ ସମସ୍ତ ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂରକରି ଜ୍ଞାନ ବା କୁଳ ଜନିତ ଅଭିମାନ ତ୍ୟାଗ କରିଥିବା ସାଧୁ ହିଁ କେବଳ ସମ୍ୟକ ଦର୍ଶନ କରିପାରିବ । ପୁଣ୍ୟପାଇଁ ପବିତ୍ର ନଦୀ ସମୁଦ୍ରାଦିରେ ସ୍ନାନ କରିବା, ସ୍ୱାର୍ଥ ସାଧନ ପାଇଁ ଦେବଦେବୀଙ୍କୁ ସନ୍ତୁଷ୍ଟ କରିବା, ସେମାନଙ୍କ ଉଦ୍ଦେଶ୍ୟରେ ପୂଜା ନୈବେଦ୍ୟ ଦେବା, ଯଜ୍ଞ କରିବା ଆଦିକୁ ଏଥିରେ ବାରଣ କରାଯାଇଛି ।କେବଳ ଜ୍ଞାନଲାଭ କରିଥିବା ବ୍ୟକ୍ତିଙ୍କ

ଠାରୁ ଜ୍ଞାନ ଆହରଣ କରିବାକୁ ପରାମର୍ଶ ଦିଆଯାଇଛି । ସମ୍ୟକ ଦର୍ଶନ ପରି ସପ୍ତତତ୍ୱ ସମ୍ପର୍କରେ ଜ୍ଞାନ ହେଲା ସମ୍ୟକ ଜ୍ଞାନ । ଜୈନମାନେ ସଂସାରକୁ ଜୀବ ଓ ଅଜୀବ ଭେଦରେ ଦ୍ୱିଧା ବିଭକ୍ତ କରିଥା'ନ୍ତି । ଏମାନେ ପରସ୍ପର ସମ୍ପର୍କରେ ଆସି ଯେଉଁ ଶକ୍ତି ସଞ୍ଚାର କରନ୍ତି ତାହା ଜନ୍ମ ମୃତ୍ୟୁର କାରଣ ହୁଏ । ଏହି ଧାରାର ନିରୋଧରେ ହିଁ ମୋକ୍ଷ ପ୍ରାପ୍ତି ହୁଏ । ଏଥିପାଇଁ ଜୀବ ଅଜୀବ ସମ୍ପର୍କୀୟ ସପ୍ତତତ୍ୱକୁ ହୃଦୟଙ୍ଗମ କରିବା ଉଚିତ । ଏହି ସପ୍ତତତ୍ୱ ହେଲା -ଜୀବତତ୍ୱ, ଅଜୀବତତ୍ୱ, ଜୀବ ଓ ଅଜୀବ ପରସ୍ପର ସଂସ୍ପର୍ଶିତ, ଏହି ସଂସ୍ପର୍ଶ ଶକ୍ତିର ଜନକ, ସଂସ୍ପର୍ଶ ଅନିରୁଧ୍ ସଂଜାତ ତେଜ ବା ଶକ୍ତିକୁ ଧ୍ୱଂସ କରିବା ଏବଂ ଏହିପରି ଆଚରଣ କଲେ ମୋକ୍ଷ ପ୍ରାପ୍ତି । ସମ୍ୟକ ଦର୍ଶନ ଓ ସମ୍ୟକ୍ ଜ୍ଞାନ ଅପେକ୍ଷା ସମ୍ୟକ ଚରିତ୍ର, ସାଧନାର ଅଧିକ ନିକଟବର୍ତ୍ତୀ । ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ ଆଦି ପଞ୍ଚବ୍ରତ ପାଳନ ଭିତ୍ତିରେ ଏହା ସମ୍ପାଦିତ ହୁଏ । ଜୈନଧର୍ମ ପୂର୍ଣ୍ଣ ଅହିଂସା ବ୍ରତ ପାଳନ ଉପରେ ଗୁରୁତ୍ୱ ଦେଇଥାଏ । ଜୀବମାନଙ୍କୁ ହତ୍ୟା କରିବା, କଷ୍ଟ ଦେବା ଓ ପ୍ରହାର କରିବା ହେଉଛି ହିଂସା । ଅନ୍ୟର ହିଂସା ଚିନ୍ତନକୁ ମଧ ବର୍ଜନ କରିବାକୁ ପଡିବ । ମିଥ୍ୟା ନ କହିବା, ଅନ୍ୟକୁ ଠକିବା ପାଇଁ ମିଥ୍ୟାର ଆଶ୍ରୟ ନ ନେବା, ମିଥ୍ୟାପ୍ରଚାର ନ କରିବା, ପରନିନ୍ଦା ଓ କୁତ୍ସାରଟନା ନକରିବା, ସତକର୍ମ ବା ସତ୍ୟର ଅନ୍ତର୍ଭୁକ୍ତ। ସେହିପରି ଚୋରି କରିବା, ଚୋରି କରିବାକୁ ପ୍ରବର୍ତ୍ତାଇବା, ଯୁଧ୍ ସମୟରେ ଧନସମ୍ପଦ ଅପହରଣ କରିବା ଏବଂ ଚୋରି ଦ୍ରବ୍ୟ ଗ୍ରହଣ କରିବା ଆଦିର ପରିପୂର୍ଣ୍ଣ ବାରଣ ହେଉଛି ଅସ୍ତେୟ ବା ଅଚୌର୍ଯ୍ୟ । ଜୈନଧର୍ମ ବ୍ରହ୍ମଚର୍ଯ୍ୟ, ଆତ୍ମସମୀକ୍ଷା, ବାକ୍ସଂଯମ ଓ ଚିତ୍ତଶୁଧି ଉପରେ ଗୁରୁତ୍ୱ ଦିଏ । କାୟମନୋବାକ୍ୟରେ ପବିତ୍ର ଜୀବନଯାପନ ଜୈନ ଧର୍ମର ସର୍ବପ୍ରଧାନ ଲକ୍ଷ୍ୟ । ପଞ୍ଚମବ୍ରତ ହେଉଛି ଅପରିଗ୍ରହ ବା ପରିମିତ ପରିଗ୍ରହ । ଧନ ସମ୍ପଦ ପ୍ରତି ଲାଳାୟିତ ହେଲେ ପ୍ରକୃତ ସୁଖ ମିଳିବ ନାହିଁ । ତେଣୁ ନିଜର କାମନାକୁ ନିୟନ୍ତ୍ରିତ କରିବାକୁ ପଡିବ । ଧନସମ୍ପଦକୁ ସୀମିତ ରଖିବାକୁ ହେବ । ଏହି ବ୍ରତକୁ ଗୃହସ୍ଥମାନେ ଅଣୁବ୍ରତ ଓ ସନ୍ନ୍ୟାସୀମାନେ ମହାବ୍ରତ ଭାବରେ ପାଳନ କରିଥା'ନ୍ତି ।

ଜୈନଧର୍ମ ଥିଲା ଏକ ସମତା ଧର୍ମ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏଥିରେ ସବୁ ସମ୍ପ୍ରଦାୟର ଲୋକଙ୍କୁ ଦୀକ୍ଷୀତ କରାଯାଉଥିଲା । ଉପନିଷଦକୁ ଉଧାର କରି ଭଗବାନ ମହାବୀର କହୁଥିଲେ - "ମନୁଷ୍ୟର ଜାତି ବିଭାଗ ଜନ୍ମାନୁସାରୀ ନହୋଇ କର୍ମାନୁସାରୀ ହେବା ଚାହି ।"ଜାତିଗତ ଅଭିମାନଙ୍କୁ ସେ ସାପର କାତି ସହିତ ତୁଳନା କରୁଥିଲେ।ସର୍ପ ଯେପରି ଆପଣାର କାତି ତ୍ୟାଗ କଲେ ଜ୍ୟୋତିଷ୍ମନ୍ତ ହୁଏ, ମଣିଷ ସେହିପରି ଆପଣାର ଜାତିଗତ ମନକୁ ଦୂରକଲେ କେବଳ ଜ୍ଞାନର ଅଧିକାରୀ ହୋଇପାରିବ । ପୁନଶ୍ଚ ଧନୀ ନିର୍ଦ୍ଧନ ସମ୍ପର୍କରେ ମଧ ମହାବୀର ଅନୁରୂପ ମତପୋଷଣ କରିଥିଲେ । ଏଥିପାଇଁ ସେ ରାଜା ଓ ସେବକକୁ ଦୃଷ୍ଟାନ୍ତ ରୂପେ ଗ୍ରହଣ କରି କହିଥିଲେ- "ସାମାଜିକ ବ୍ୟବସ୍ଥାରେ କିଏ ରାଜା, କିଏ ରାଜାର ସେବକ ବା କେହି ସେବକର ସେବକ ହୋଇଥାଇପାରେ । କିନ୍ତୁ ମୋ ଧର୍ମରେ ଦୀକ୍ଷିତ ହେଲାପରେ ସମସ୍ତେ ସମାନ ହୋଇଯାଆନ୍ତି । ବ୍ୟାବହାରିକ ଉପାଧିରୁ ମୁକ୍ତ ନହେଲେ ବା ବିଷମ ଗୁଣମାନ ବିସ୍ମୃତ ହେଲେ ଆତ୍ମାରେ ସମତା ପ୍ରତିଷ୍ଠିତ ହୋଇପାରିବ ନାହିଁ ।"

ଆତ୍ମାରେ ସମତା ପାଇଁ ଜୈନଧର୍ମ ସଂଯମ ସାଧନା ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଥିଲା । ଯେ ପର୍ଯ୍ୟନ୍ତ ବାର୍ଦ୍ଧକ୍ୟ ଆସିନାହିଁ, ରୋଗ ଆକ୍ରମଣ କରିନାହିଁ, ଇନ୍ଦ୍ରିୟଗଣ ଶିଥିଳ ହୋଇନାହାନ୍ତି, ସେ ପର୍ଯ୍ୟନ୍ତ ପ୍ରତ୍ୟେକ ସନ୍ନ୍ୟାସୀଙ୍କୁ ସାଧନା କରିବାକୁ ଉପଦେଶ ଦିଆଯାଉଥିଲା । ଜୀବନବ୍ୟାପୀ ସତ୍ୟ, ଅହିଂସାର ପଥରେ ପରିଚାଳିତ ହୋଇ ଆତ୍ମାର ସମତା ତଥା ମୁକ୍ତିପାଇଁ ପରାମର୍ଶ ଦିଆଯାଉଥିଲା । ଭଗବାନ ମହାବୀର ଆତ୍ମାକୁ ହିଁ ସମସ୍ତ ସିଦ୍ଧିର କାରଣ ବୋଲି ମନେ କରିଥିଲେ । ପୁରୁଷକାର ଉପରେ ଆସ୍ଥା ସ୍ଥାପନ କରି ସେ କହୁଥିଲେ - "ମନୁଷ୍ୟ ନିଜେ ନିଜର ଭାଗ୍ୟ ନିୟନ୍ତ୍ରଣ କରିପାରିବ । ନିଜେ ନିଜର ସୁଖ, ଦୁଃଖର କର୍ତ୍ତା ହୋଇପାରିବ । ମଣିଷକୁ ଛାଡ଼ି ବାହାର ଦୁନିଆରେ ଈଶ୍ୱର ବୋଲି କେହି ନାହାନ୍ତି । ତେଣୁ ଈଶ୍ୱରଙ୍କୁ ପାଇବା ଆଶାନେଇ ମାନବିକତାକୁ ଲୁଣ୍ଠିତ କରିବା ହେଉଛି ମଣିଷ ପକ୍ଷେ ସର୍ବଶ୍ରେଷ୍ଠ ପାପ । ସଂଯମ ସାଧନା ବଳରେ ସତ୍ୟ, ଅହିଂସା, ଅଚୌର୍ଯ୍ୟ ଅସ୍ତେୟକୁ ଭିତ୍‌କରି ପ୍ରତ୍ୟେକ ମଣିଷ ମାନବିକତା ପରି ମହନୀୟ ଗୁଣର ଅଧିକାରୀ ହୋଇପାରିବ । ତେବେ ଯାଇ ମୋକ୍ଷତାର ସହଜ ଲଭ୍ୟ ହେବ । କୈବଲ୍ୟ ନିକଟ ହୋଇଆସିବ ।

ଧର୍ମ ନାମରେ, ଈଶ୍ୱର ଆରାଧନା ନାମରେ ସମାଜର ଯେଉଁ କୁସଂସ୍କାର ବିଜଡ଼ିତ ବାହ୍ୟାଚାରର ପ୍ରଧାନ୍ୟ ଦେଖା ଦେଇଥିଲା ତୀର୍ଥଙ୍କରମାନେ ଏହାର ଘୋର ବିରୋଧ କରିଥିଲେ । ସାଧୁତାର ଆବରଣ ତଳେ, ସାମାଜିକ ସ୍ୱୀକୃତି ପାଇ ଯେଉଁ ଶୋଷଣ ଓ ଅତ୍ୟାଚାର ଚାଲିଥିଲା ତାକୁ ପ୍ରତିବାଦ କରି ଏକ ସୁସ୍ଥ ସମାଜ ଗଠନ ଲାଗି ଜୈନ ମୁନିଗଣ ଉଦ୍ୟମ କରିଥିଲେ । ମହାବୀର କହୁଥିଲେ 'ଲଣ୍ଡିତ ମସ୍ତକ ହେବାଦ୍ୱାରା ଜଣେ ଶ୍ରମଣ ହୋଇଯାଏ ନାହିଁ । ଓଁକାର ଜପ କରିବା ଦ୍ୱାରା କେହି ବ୍ରାହ୍ମଣ ହୋଇଯାଏ ନାହିଁ । ଅରଣ୍ୟ ବାସ କରି କେହି ସନ୍ନ୍ୟାସୀ ହୁଏ ନାହିଁ ବା ବଲ୍‌କଳ ପରିଧାନରେ ତପସ୍ୱୀ ହୋଇଯାଏ ନାହିଁ । ସମତା ପରିପାଳନରେ ସରାଧୁ ଶ୍ରମଣ ହୁଏ । ସେହିପରି ବ୍ରହ୍ମଚର୍ଯ୍ୟ ପରିପାଳନରେ ବ୍ରାହ୍ମଣ, ଜ୍ଞାନ ଅହରଣରେ ସାଧୁ ଓ ତପସ୍ୟା ଆଚରଣରେ ତପସ୍ୱୀ ହୋଇଥାଏ ।' ଏପରିକି ସଂଯମ ସାଧନ ବଳରେ ଜଣେ ଗୃହକର୍ମ ଲିପ୍ତ ସାଧାରଣ ଗୃହସ୍ଥ ମଧ ଦୁର୍ଲଭ କୈବଲ୍ୟର ଅଧିକାରୀ ହୋଇପାରିବ ବୋଲି ମହାବୀର କହୁଥିଲେ ।

ଜୈନଧର୍ମର ସର୍ବଶ୍ରେଷ୍ଠ ସିଦ୍ଧି ଥିଲା ଅହିଂସା । ଋଷଭଙ୍କ ଠାରୁ ଆରମ୍ଭ କରି ମହାବୀରଙ୍କ ପର୍ଯ୍ୟନ୍ତ ସମସ୍ତ ତୀର୍ଥଙ୍କର ଅହିଂସା ଉପରେ ଗୁରୁତ୍ୱ ଦେଇଥିଲେ । ଅନାଦିକାଳରୁ ହିଂସା ମଣିଷକ ଦାସ କରି ରଖିଛି । ପ୍ରାଣୀ ମାତ୍ରେ ଇ ତା'ଠାରେ ହିଂସାଭାବ ରହିଛି । ଏହି ଭାବକୁ ଦମନ କରିବା ପାଇଁ ଶେଷ ତୀର୍ଥଙ୍କର ମହାବୀର ଜୀବନବ୍ୟାପୀ ସାଧନ କରିଥିଲେ । ହିଂସାଭାବ ଲୋପପାଇଁ ସେ ଆତ୍ମସଂଯମ ଓ କଠୋର ତପସ୍ୟା ଆଚରଣ କରିଥିଲେ । ତପସ୍ୟାରେ ସିଦ୍ଧି ହେବାପରେ ସେ ଯେତେବେଳେ ହିଂସା ଉପରେ ବିଜୟ ହାସଲ କଲେ ସେତେବେଳେ କେବଳ ଜ୍ଞାନର ଅଧିକାର ହେଲେ । ପରବର୍ତ୍ତୀ ପର୍ଯ୍ୟାୟରେ ଖଳଲୋକେ ତାଙ୍କ ଉପରେ ଯାବତୀୟ ଅତ୍ୟାଚାର କରିଥିଲେ ମଧ, ସେ କେତେବେଳେ ହିଂସା ଆଚରଣ କରି ନଥିଲେ । କ୍ରୁଧ୍ ମଧ ହୋଇନଥିଲେ । ଏହି ବିଜୟ ହିଁ ଯଥାର୍ଥରେ ତାଙ୍କୁ ବିଶ୍ୱର ସର୍ବଶ୍ରେଷ୍ଠ ଶ୍ରମଣରେ ପରିଣତ କରିଥିଲା ।

ସମସ୍ତ ଧର୍ମର ଦର୍ଶନ ପରି ଜୈନ ଦର୍ଶନ ମଧ କେତେକାଂଶରେ କ୍ଲିଷ୍ଟ । ସାଧାରଣ ଲୋକଙ୍କ ଜୀବନ ଉପରେ ଏହାର ବିଶେଷ କିଛି ପ୍ରଭାବ ପଡ଼ିନଥାଏ । କର୍ମ, ପୁନର୍ଜନ୍ମ ଓ ଈଶ୍ୱରଙ୍କ ନେଇ ଏହି ଦର୍ଶନର ସୂତ୍ର ଲମ୍ବିଯାଇଛି । ନୟବାଦ ଓ ସ୍ୟାଦ୍‌ବାଦ ଭିତ୍‌ରେ ଜୈନତତ୍ୱ ପ୍ରତିଷ୍ଠିତ ହୋଇଛି । ଜୈନ ଦର୍ଶନ ପୁଣି ଅନେକାନ୍ତବାଦକୁ ସୃଷ୍ଟି କରିଛି । ବୌଧ୍ ଶୂନ୍ୟବାଦ ପରି ଏଥିରେ ମଧ ସ୍ୟାତ୍‌ଅସ୍ତି, ସ୍ୟାତ୍, ନ୍ୟାସ୍ତି, ସ୍ୟାତ୍ ଅସ୍ତିଚ ନାସ୍ତିଚ, ସ୍ୟାତ୍ ଅବ୍ୟକ୍ତବ୍ୟମ୍, ସ୍ୟାତ୍ ଅସ୍ତିବ, ଅବକ୍ତବ୍ୟଂଚ ଆଦି ସପ୍ତଭଙ୍ଗୀନୟର ପ୍ରୟୋଗ ରହିଛି ।(୧୦) ଏତଦ୍‌ବ୍ୟତୀତ ଜୈନ ଜ୍ଞାନ ମୀମାଂସାରେ ଦର୍ଶନ ଓ ଜ୍ଞାନ ମଧରେ ପ୍ରଭେଦ ଦର୍ଶାଯାଇଛି । ଏହି ପର୍ଯ୍ୟାୟରେ ମତିଜ୍ଞାନ, ଶ୍ରୁତଜ୍ଞାନ, ମନଃପର୍ଯ୍ୟାୟ ଜ୍ଞାନ, ଅବଧି ଜ୍ଞାନ, ଅବଧି ଏବଂ ମନଃପର୍ଯ୍ୟାୟ ଓ କେବଳ ଜ୍ଞାନ ସମ୍ପର୍କରେ ଆଲୋଚନା କରାଯାଇଛି । ସମସ୍ତ ଜ୍ଞାନ ମଧରୁ କେବଳ ଜ୍ଞାନକୁ ଶ୍ରେଷ୍ଠସ୍ଥାନ ପ୍ରଦାନ କରାଯାଇଛି ।

ଜୈନ ସାହିତ୍ୟ :

ମହାବୀର ବା ତାଙ୍କ ପୂର୍ବରୁ ତୀର୍ଥଙ୍କରମାନେ କୌଣସି ଗ୍ରନ୍ଥ ରଚନା କରି ନଥିଲେ । ମହାବୀରଙ୍କ ଉପଦେଶାବଳୀକୁ ତାଙ୍କର ଗଣଧର (ପ୍ରଧାନ ଶିଷ୍ୟ) ଓ ଅନ୍ୟଶିଷ୍ୟମାନେ ଲିପିବଧ୍ କରି ରଖିଥିଲେ । ଗଣଧରମାନେ ଯେଉଁ ସଂକଳନମାନ ପ୍ରସ୍ତୁତ କରିଥିଲେ ତାଙ୍କୁ ଅଙ୍ଗ କୁହାଯାଉଥିଲା । ମହାବୀରଙ୍କ ନିର୍ବାଣର ଶହେ ଷାଠିଏ ବର୍ଷ ପରେ ଏହି ଅଙ୍ଗଗୁଡ଼ିକୁ ସଂକଳନ କରିବା ପାଇଁ ପାଟଳୀପୁତ୍ରଠାରେ ଏକ ଶ୍ରମଣ ସଂଘ ଆହୂତ ହୋଇଥିଲା । ଏଥିରେ ଜୈନଧର୍ମର ବାରଗୋଟି ଅଙ୍ଗ ମଧରୁ ଏଗାରଟି ଅଙ୍ଗକୁ ସଂକଳିତ କରାଯାଇଥିଲା । ଭଦ୍ରବାହୁ ନାମକ ତପସ୍ୟାରତ ଶ୍ରମଣ 'ଦୃଷ୍ଟିବାଦ' ଅଙ୍ଗର ଜ୍ଞାତା ହୋଇଥିବାରୁ ତାହା ସଂକଳିତ ହୋଇ ପାରିନଥିଲା । ଯେଉଁ ଅଙ୍ଗଗୁଡ଼ିକ ସଂକଳିତ ହୋଇଥିଲା ସେଗୁଡ଼ି ହେଲା ଆଚାର ଅଙ୍ଗ, ସୂତ୍ରକୃତାଙ୍ଗ, ସ୍ଥାନାଙ୍ଗ, ସମବାୟାଙ୍ଗ, ବ୍ୟାଖ୍ୟାପ୍ରଜ୍ଞପ୍ତି, ଜ୍ଞାତାଧର୍ମ କଥା, ଉପାସକ ଦଶା, ଅନ୍ତକୃତ ଦଶା, ଅନୁତ୍ରୌପପାତିକ ଦଶା, ପ୍ରଶ୍ନ ବ୍ୟାକରଣ ଓ ବିପାକଶ୍ରୁତ । ଏତଦ୍‌ବ୍ୟତୀତ ବହୁ ଉପାଙ୍ଗ, ପୁତ୍ର ପ୍ରକୀର୍ଣ୍ଣକ, ଚନ୍ଦ୍ରିକା, ଆଗମିକ ବ୍ୟାଖ୍ୟା ଓ ଆଗମିକ ପ୍ରକରଣ ପ୍ରଭୃତି ବିଶାଳ ଜୈନ ସାହିତ୍ୟ ରହିଛି । ମୂଳ ସୂତ୍ର ମାନଙ୍କ ମଧରୁ ଉତ୍‌ରାଧୟନ, ଆବଶ୍ୟକ, ଦଶବୈକାଳିକ ଓ ପିଣ୍ଡନିର୍ଯୁକ୍ତି ଆଦି ସୂତ୍ର ପ୍ରଧାନ । ଅନ୍ୟ ଏକ ପ୍ରଖ୍ୟାତ ଜୈନ ସାହିତ୍ୟ ଭାବରେ 'ପୂର୍ବ' ଗ୍ରନ୍ଥଗୁଡ଼ିକର ପ୍ରସିଧି ରହିଛି । କିନ୍ତୁ ଏହି ଗ୍ରନ୍ଥଗୁଡ଼ିକ ପ୍ରାୟ ବିଲୁପ୍ତ । ଗବେଷକମାନଙ୍କ ମତରେ ମହାବୀରଙ୍କ ପୂର୍ବବର୍ତ୍ତୀ ତୀର୍ଥଙ୍କରମାନେ ଏହି ଗ୍ରନ୍ଥ ରଚନା କରିଥିଲେ । ବିଶିଷ୍ଟ ଗବେଷକ ଚାର୍‌ପେଣ୍ଟିୟର' କହନ୍ତି ପ୍ରଥମ ତୀର୍ଥଙ୍କର ଋଷଭଦେବ ହିଁ ଏସବୁ ଗ୍ରନ୍ଥ ରଚନା କରିଥିଲେ । ତେବେ ଚତୁର୍ଥ ଅଙ୍ଗ ଓ ନନ୍ଦୀ ସୂତ୍ରରେ ଯେଉଁ ପୂର୍ବ ଗ୍ରନ୍ଥ ଗୁଡ଼ିକର ନାମ ରହିଛି ସେମାନେ ହେଲେ - ଉତ୍ପାଦ, ଅଗ୍ରାୟଣୀୟ, ବୀର୍ଯ୍ୟାନୁବାଦ, ଅସ୍ତି ନାସ୍ତିପ୍ରବାଦ, ଜ୍ଞାନ, ପ୍ରବାଦ, ସତ୍ୟ ପ୍ରବାଦ, ଆତ୍ମପ୍ରବାଦ, କର୍ମପ୍ରବାଦ, ପ୍ରତ୍ୟାଖ୍ୟାନ, ବିଦ୍ୟାନୁବାଦ, ଆବନ୍ଧ୍ୟ, ପ୍ରାଣାୟୁଃ, କିମ୍ବା ବିଶାଳ ଏବଂ ଲୋକବିନ୍ଦୁସାର । ଏତଦ୍‌ବ୍ୟତୀତ ହରିବଂଶ ଜୈନ ପୁରାଣ ସାହିତ୍ୟ ମଧ ଏକ ଏକ ବିଶିଷ୍ଟ ଜୈନ ସାହିତ୍ୟ ଗ୍ରନ୍ଥ ଭାବରେ ପରିଗଣିତ ।

ଜୈନଧର୍ମର ପରିଣତି :

ମହାବୀର ଥିଲେ ଜୈନଧର୍ମର ସର୍ବଶେଷ ତୀର୍ଥଙ୍କର । ତାଙ୍କ ପରେ ଆଉ କେହି ଜୈନ ଶ୍ରମଣ ତୀର୍ଥଙ୍କର ହୋଇଥିବାର ପ୍ରମାଣ ଜୈନ ଗ୍ରନ୍ଥରୁ ମିଳେ ନାହିଁ । ତେବେ ଏହାର ଅନ୍ୟତମ କାରଣ ହେଉଛି - ମହାବୀରଙ୍କ ଅନ୍ତେ ସେ ସମ୍ପ୍ରଦାୟ ମଧ୍ୟରେ ତାଙ୍କ ଠାରୁ ଅଧିକ ବ୍ୟକ୍ତିତ୍ୱ ସମ୍ପନ୍ନ ସନ୍ନ୍ୟାସୀଙ୍କର ଆବିର୍ଭାବ ହୋଇନାହିଁ । ଜୈନଧର୍ମ ଗ୍ରନ୍ଥମାନଙ୍କରୁ ଯାହା ଜଣାଯାଏ ମହାବୀରଙ୍କ ଦେହାବସାନ ପରେ ତାଙ୍କର ପ୍ରିୟ ଶିଷ୍ୟ ଗୌତମ କେବଳ ଜ୍ଞାନୀ ହୋଇଥିଲେ । କେବଳ ଜ୍ଞାନ ଲାଭ କରିବାରୁ ସେ ଆଉ ମହାବୀରଙ୍କ ଶିଷ୍ୟତ୍ୱରେ ରହିଲେ ନାହିଁ । କାରଣ ଜୈନ ଧର୍ମର ପରମ୍ପରାନୁଯାୟୀ ତୀର୍ଥଙ୍କରମାନେ କାହାର ଶିଷ୍ୟ ନୁହଁନ୍ତି ବା ତାଙ୍କ ଶିଷ୍ୟମାନେ ମଧ୍ୟ ତୀର୍ଥଙ୍କର ହୁଅନ୍ତି ନାହିଁ । ପୁଣି କେବଳ ଜ୍ଞାନୀ ମଧ୍ୟ ଧର୍ମଚାର୍ଯ୍ୟଙ୍କ ଅନୁଶରଣ କରେ ନାହିଁ । 'ଯେହେତୁ ମୋ ଧର୍ମାଚାର୍ଯ୍ୟ ଏପରି କହିଛନ୍ତି, ତେଣୁ ମୁଁ ଏହା କହୁଛି' - ସେ ଏପରି କହନ୍ତି ନାହିଁ । ଏହିସବୁ ଦୃଷ୍ଟିରୁ ବିଚାର କରି ମହାବୀରଙ୍କ ପରେ ଗଣଧର ସୁଧର୍ମ ଜୈନସଂଘର ଆଚାଯର୍ଯ୍ୟ ପଦରେ ଅଧିଷ୍ଠିତ ହୋଇଥିଲେ ।(୧୧) କିନ୍ତୁ ମହାବୀରଙ୍କ ପରେ ଜୈନଧର୍ମ ଶ୍ୱେତାମ୍ବର ଓ ଦିଗମ୍ବର ଭେଦରେ ଦ୍ୱିଧା ବିଭକ୍ତ ହେଲା । ଦୁଇଧର୍ମ ସମ୍ପ୍ରଦାୟ ଗୋଟିଏ ଲକ୍ଷ୍ୟରେ ଆଗଇେ ଯାଉଥିଲେ ହେଁ ଆଚରଣ ଓ ସାଧନା ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଭୟଙ୍କର ମତଭେଦ ଦେଖାଦେଲା । କେତେକ ମହାବୀରଙ୍କ ଜୀବଦ୍ଦଶାରେ ଏପରି ଘଟିଥିଲା ବୋଲି କହୁଥିବାବେଳେ ଅନ୍ୟ କେତେକ ଏହାକୁ ଚନ୍ଦ୍ରଗୁପ୍ତ ମୌର୍ଯ୍ୟଙ୍କ କାଳରେ ଘଟିଥିଲା ବୋଲି କହନ୍ତି । ଶ୍ୱେତାମ୍ବରମାନେ ପବିତ୍ର ଶୁଭ୍ରଶ୍ୱେତ ବସ୍ତ୍ର ପରିଧାନ କରୁଥିବାବେଳେ ଦିଗମ୍ବରମାନେ ସମ୍ପୂର୍ଣ୍ଣ ଉଲଗ୍ନ ରହୁଥିଲେ । ଏ ସମ୍ପର୍କରେ ଏକ ସୁନ୍ଦର କାହାଣୀ ଅଛି । ମଗଧ ରାଜ୍ୟରେ ଥରେ ଘୋର ଦୁର୍ଭିକ୍ଷ ପଡିଲା । ସେତେବେଳେ ଶ୍ରମଣ ଭଦ୍ରବାହୁ ଜୈନ ସଂଘର ଆଚାର୍ଯ୍ୟ ଥିଲେ । ଦୁର୍ଭିକ୍ଷରୁ ରକ୍ଷା ପାଇବା ପାଇଁ ସେ ବାରଶହ ଶିଷ୍ୟଙ୍କୁ ନେଇ ଦାକ୍ଷିଣାତ୍ୟ ଚାଲିଗଲେ । ସେମାନେ ଥିଲେ ଦିଗମ୍ବର ଓ କଠୋରପନ୍ଥୀ । କିନ୍ତୁ ଭଦ୍ରବାହୁଙ୍କ ପରେ ସ୍ଥୁଳଭଦ୍ର ସଂଘର ଆଚାର୍ଯ୍ୟ ହେଲେ । ସେ ଶ୍ରମଣମାନଙ୍କ ଆଚରଣ ପାଇଁ କେତେକ କୋହଳ ନୀତି ଅବଲମ୍ବନ କଲେ । ସେମାନଙ୍କୁ ଶ୍ୱେତବସ୍ତ୍ର ପରିଧାନ କରିବାକୁ ପରାମର୍ଶ ହେଲେ । କିନ୍ତୁ ଭଦ୍ରବାହୁ ଦାକ୍ଷିଣାତ୍ୟକୁ ଫେରି ଶ୍ୱେତବସ୍ତ୍ରଧାରୀମାନଙ୍କୁ ପୁନଶ୍ଚ ଉଲଗ୍ନ ହେବାକୁ ବାଧ ହେଲା ସେ ପରସ୍ପର ପରସ୍ପରର ଅଚାରଣ, କ୍ରିୟା ଓ ସାଧନାକୁ ନ୍ୟୁନ ବୋଲି ପ୍ରମାଣିତ କରିବାକୁ ଲାଗିଲେ ଏବଂ ଆପଣା ଆପଣାର ସମ୍ପ୍ରଦାୟକୁ ପ୍ରାଚୀନତର ବୋଲି ଯୁକ୍ତି କଲେ । ପୁଣି ପରେ ପରେ ଆଚାରଗତ ପାର୍ଥକ୍ୟରୁ ସେମାନେ ୮୪ଟି ଶାଖା ବା ଗଛରେ ବିଭକ୍ତ ହୋଇଥିଲେ ।

ମହାବୀରଙ୍କ ବ୍ୟକ୍ତିତ୍ୱରେ ମୁଗ୍ଧ ହୋଇ ବହୁ ରାଜ ଜୈନଧର୍ମକୁ ପୃଷ୍ଠପୋଷକତା କରିଥିଲେ । ପ୍ରସେନଜିତ୍ ଓ ବିମ୍ବିସାର ପ୍ରଭୃତି ରାଜାଗଣ ମହାବୀରଙ୍କ ବର୍ଷାବସର ଆୟୋଜନ କରିଥିଲେ । ପରବର୍ତ୍ତୀ ସମୟରେ ପ୍ରବଳପ୍ରତାପୀ ଚନ୍ଦ୍ରଗୁପ୍ତ ମୌର୍ଯ୍ୟ ମଧ୍ୟ ଅନ୍ତିମ ଜୀବନକୁ ଜୈନଧର୍ମରେ ଦୀକ୍ଷିତ କରାଇଥିଲେ । ଜୈନଧର୍ମ ଗ୍ରହଣ ଓ ଜୈନଧର୍ମକୁ ପୃଷ୍ଠପୋଷକତା କରିଥିବା ସବୁଠାରୁ ଶକ୍ତିଶାଳୀ ସମ୍ରାଟ ଥିଲେ

ମହାମେଘବାହନ ଐର ଶ୍ରୀ ଖାରବେଳ । ତାଙ୍କର ବହସ୍ମୃତି ଆଜି ସୁଧ୍ା ଦେଖିବାକୁ ମିଳେ ।

ନିଷ୍ଠୁର କ୍ଲିଷ୍ଟ ଆଚରଣ ପଧ୍ତି, ରାଜପୃଷ୍ଠପୋଷକତାର ଅଭାବ ହେତୁ ଜୈନଧର୍ମ ଭାରତ ବାହାରକୁ ଯାଇପାରିଲା ନାହିଁ । କିନ୍ତୁ ଏହି ଦେଶରେ ତାହା କରିଥିବା ବିଷୟ ଆବଶ୍ୟକ ସୂତ୍ରରେ ବର୍ଣ୍ଣିତ ଅଛି ।(୧୬) ପ୍ରଫେସର ଜୟସ୍ୱାଲ ମଧ ହାତୀଗୁମ୍ଫା ଶିଳାଲେଖକୁ ଅନୁଶୀଳନ କରି ଏହାର ଚତୁର୍ଦ୍ଦଶ ଧାଡ଼ିରେ ମହାବୀରଙ୍କ ବିଜୟଚକ୍ର ପ୍ରବର୍ତ୍ତନ ବିଷୟ ଉଲ୍ଲେଖ ଅଛି ବୋଲି କହନ୍ତି ।(୧୭) ଜୈନ ଉତ୍ରାଧୟନ ସୂତ୍ରରେ ମହାବୀରକାଳୀନ କଳିଙ୍ଗକୁ ଏକ ଜୈନଭୂମି ଭାବରେ ବର୍ଣ୍ଣନା କରାଯାଇଛି । ଏହି ଦେଶର ପିଥୁଣ୍ଡ ନାମକ ବନ୍ଦର ନଗରୀ ଜୈନମାନଙ୍କର ଏକ ପ୍ରସିଧ୍ କ୍ଷେତ୍ରଥିଲା । ତୀର୍ଥ ଦର୍ଶନ ବାଣିଜ୍ୟ କରିବାର ଉଦ୍ଧେଶ୍ୟ ନେଇ ସମଗ୍ର ଭାରତରୁ ବହୁଯାତ୍ରୀ ଏଠାକୁ ଆସୁଥିଲେ ।(୧୮) ଏହି ପିଥୁଣ୍ଡ (ପିହୁଣ୍ଡ) ନଗରୀରେ ଆଦିନାଥ ଋଷଭଙ୍କ ପ୍ରତିମା ସ୍ଥାପିତ ହୋଇ ପୂଜିତ ହେଉଥିବାର ବର୍ଣ୍ଣନା ମଧ ରହିଛି ।

ପାର୍ଶ୍ୱନାଥ ଓ ମହାବୀରଙ୍କ ପ୍ରଭାବରେ କଳିଙ୍ଗ ଦେଶରେ ଜୈନଧର୍ମର ଉତ୍କଳ ପ୍ଲାବନ ଦେଖା ଦେଇଥିଲା । ଉଦାରପନ୍ଥୀ କଷ୍ଟ ସହିଷ୍ଣୁ କଳିଙ୍ଗ ଜନତା ଆଦର୍ଶ ଓ ନୀତିନିଷ୍ଠ ଜୀବନଯାପନ କରି ସୁଖ/ଶାନ୍ତିରେ କାଳାତିପାତ କରୁଥିଲେ । ଏପରି ମହାବୀରଙ୍କ ସମସାମୟିକ ଗୌତମବୁଧ୍ ଙ୍କ ବୌଧ୍ ଧର୍ମ ପ୍ରଚାରର କୌଣସି ପ୍ରତ୍ୟକ୍ଷ ପ୍ରଭାବ କଳିଙ୍ଗ ଦେଶ ଉପରେ ପଡ଼ିନଥିଲା । ବୌଧ୍ ଧର୍ମ ଓ ଜୈନଧର୍ମର ନୀତି ପ୍ରାୟ ଏକ ହୋଇଥିଲେ ହେଁ ପ୍ରାରମ୍ଭିକ ଯୁଗରେ ଏ ଦୁଇ ସମ୍ପ୍ରଦାୟ ମଧରେ ସେପରି ସୁସମ୍ପର୍କ ନଥିଲା । ତେଣେ ବୌଧ୍ଧର୍ମାବଲମ୍ବୀ ମଗଧର ନନ୍ଦରାଜାଗଣ କଳିଙ୍ଗବାସୀଙ୍କ ଧର୍ମଜୀବନ ପ୍ରତି ଈର୍ଷାନ୍ୱିତ ଥିଲେ । ଏହାର ପରିଣତି ସ୍ୱରୂପ ପରାକ୍ରମୀ ମହାପଦ୍ମନନ୍ଦ କଳିଙ୍ଗ ସାମ୍ରାଜ୍ୟ ଆକ୍ରମଣ କଲେ । କଳିଙ୍ଗ ପରାସ୍ତ ହେବାରୁ ଧର୍ମ ବିଦ୍ୱେଷୀ ନନ୍ଦସମ୍ରାଟ କଳିଙ୍ଗବାସୀଙ୍କ ଧର୍ମଜୀବନର ପ୍ରାଣକେନ୍ଦ୍ର କଳିଙ୍ଗଜୀନ ବା ଜୀନାସନକୁ ମଗଧ ନେଇଯାଇଥିଲେ ।

ନନ୍ଦବଂଶର ପତନ ପରେ ମଗଧରେ ମହାପରାକ୍ରମୀ ମୌର୍ଯ୍ୟବଂଶର ଉତ୍ଥାନ ହେଲା । ମୌର୍ଯ୍ୟବଂଶର ପ୍ରତିଷ୍ଠାତା ଚନ୍ଦ୍ରଗୁପ୍ତ ଥିଲେ ଜୈନ ଧର୍ମର ପୃଷ୍ଠପୋଷକ । ଶେଶ ଜୀବନରେ ସେ ବିଶିଷ୍ଟ ଜୈନ ସନ୍ନ୍ୟାସୀ ଶ୍ରୁତ କେବଳୀ ଭଦ୍ରବାହୁଙ୍କ ଶିଷ୍ୟତ୍ୱ । ଗ୍ରହଣ କରିଥିଲେ । କିନ୍ତୁ ତାଙ୍କ ପୌତ୍ର ଅଶୋକ ସାମ୍ରାଜ୍ୟବାଦର ଲାଳସା ନେଇ କଳିଙ୍ଗ ଆକ୍ରମଣ କଲେ । କଳିଙ୍ଗର ରାଜଧାନୀ ତୋଷାଳୀ ନଗର ଉପକଣ୍ଠରେ ଭୟଙ୍କର ଯୁଧ୍ହେଲା । ଏହି ଯୁଧ୍ ଥିଲା ସେ କାଳର ସବୁଠାରୁ ଭୟଙ୍କର ଯୁଧ୍ । କଳିଙ୍ଗର ପତନ ହେଲା । ଅଶୋକ ବୌଧ୍ ଧର୍ମ ଗ୍ରହଣ କଲେ । କଳିଙ୍ଗରେ ମଧ ବୌଧ୍ଧର୍ମର ପ୍ରଚାରିତ ହେଲା । ଏହି ଯୁଧ୍ରେ ବହୁ ବ୍ରାହ୍ମଣ ଓ ଶ୍ରମଣ ଦୁଃଖ ଭୋଗ କରିଥିଲେ ବୋଲି ଅଶୋକ ତାଙ୍କର ଶିଳାଲେଖରେ ଉଲ୍ଲେଖ କରିଛନ୍ତି । କଳିଙ୍ଗ ଯୁଧ୍ ସମୟରେ ଜୈନ କଳିଙ୍ଗର ରାଷ୍ଟ୍ରଧର୍ମ ଥିଲା । ଯୁଧ୍ରେ କଳିଙ୍ଗ ପରାଜିତ ହେବାକୁ ଅଶେକଙ୍କ ନୂତନ ଧର୍ମ ବୌଧ୍ଧର୍ମ କଳିଙ୍ଗ ଦେଶରେ ପ୍ରଚାରିତ ହେଲା । କିନ୍ତୁ ପରମ୍ପରାଶୀଳ କଳିଙ୍ଗବାସୀ ତାଙ୍କର ପ୍ରାଚୀନ ଧର୍ମ ପରମ୍ପରାକୁ ଭୂଲିପାରିଲେ ନାହିଁ । କଳିଙ୍ଗ ଯୁଧ୍ର ମାତ୍ର ଗୋଟିଏ ଶତାବ୍ଦୀ ପରେ କଳିଙ୍ଗବାସୀଙ୍କ ମଧରେ ନବ ଉନ୍ମାଦନାର

ସଂଚାର ହେଲା । ଚେଦୀବଂଶର ରାଜା ମହାମେଘବାହନ ଖାରବେଳ ପ୍ରବଳ ପ୍ରତାପୀ ହୋଇ ଏକ ବିଶାଳ କଳିଙ୍ଗଦେଶ ଗଠନ କଲେ । ଖାରବେଳ ଥିଲେ ଜୈନଧର୍ମର ଉପାସକ । ମଗଧ ଅଭିଯାନ କରି ସେ ପ୍ରଥମ ପଦକ୍ଷେପ ସ୍ୱରୂପ କଳିଙ୍ଗଜିନଙ୍କୁ ସ୍ୱଦେଶକୁ ଫେରାଇ ଆଣିଲେ । ମହାସମାରୋହରେ ଏହି ପ୍ରତ୍ୟାବର୍ତ୍ତନ ଯାତ୍ରାର ଆୟୋଜନ କରାଯାଇଥିଲା । ରାଜା ସ୍ୱହସ୍ତରେ ଗଧମାନଙ୍କ ସହାର୍ଯ୍ୟରେ ହଳ କରି ସ୍ଥାନ ପ୍ରତିଷ୍ଠ କଲେ ଓ ପିହୁଣ୍ଡ ନଗରୀରେ କଳିଙ୍ଗ ଜୀନଙ୍କୁପୂଜା ପ୍ରତିଷ୍ଠିତ କଲେ । ଖାରବେଳ ଥବଲେ ଯଥାର୍ଥରେ ଓଡ଼ିଶାରେ ଜୈନଧର୍ମର ପ୍ରସାରର ସର୍ବପ୍ରଧାନ ନରପତି । କେବଳ ଖଣ୍ଡଗିର ଓ ଉଦୟଗିରି ପାହଡ଼ାର ଅଭିଲେଖ ନୁହେଁ, ସେ ଅହିତମାନଙ୍କ ଉଦ୍ଦେଶ୍ୟରେ ବହୁ ଗୁମ୍ଫା, ସାଧନା ମନ୍ଦିର ନିର୍ମାଣ କରିଥିଲେ । ଜୈନ ଧର୍ମ ପ୍ରସାର ପାଇଁ ରାଜ୍ୟରେ ଚୈତ୍ୟ, ସ୍ତୁପ, ଜଳାଶୟ, ଗୁମ୍ଫା ଓ ପ୍ରାକାରମାନ ନିର୍ମାଣ କରିଥିଲେ । ଦୁଇ ମୁଖ୍ୟ ସମ୍ପ୍ରଦାୟ ଶ୍ୱେତାମ୍ବର ଓ ଦିଗାମ୍ବରମାନଙ୍କ ମଧରେ ସମନ୍ୱୟ ପାଇଁ ଉଦ୍ୟମ କରିଥିଲେ । ଜୈନଗ୍ରନ୍ଥମାନଙ୍କର ସଂକଳନ ନିମିତ୍ କୁମାରଗିରିଠାରେ ଏକ ଜୈନପରିଷଦ ଡ଼କାଇଥିଲେ । ଗବେଷକମାନଙ୍କ ମତରେ ସେହି ଖାରବେଳଙ୍କଠାରେ ଏକ ଜୈନ ପରିଷଦ ଡ଼କାଇଥିଲେ । ଗବେଷକମାନଙ୍କ ମତରେ ସେହି ଖାରବେଳଙ୍କଠାରୁ ହିଁ ଜୈନ ଧର୍ମରେ ସରସ୍ୱତୀ ଉପାସନାର ସୂତ୍ରପାତ ହୋଇଥିଲା ।(୧୯)

ଖାରବେଳ ଉଦାରବାଦୀ ଜୈନ ଧର୍ମର ପ୍ରସାର ପାଇଁ ସବୁମନ୍ତେ ଉଦ୍ୟମ କରିଥିଲେ । ଅସମ୍ଭବ ସାମ୍ରାଜ୍ୟଲିପ୍ସା ଓ ପ୍ରଚଣ୍ଡ ଜିଜ୍ଞାଷା ସତ୍ତ୍ୱେ ତାଙ୍କର ଅହିଂସା ସତ୍ୟ ଓ ବ୍ରହ୍ମଚର୍ଯ୍ୟ ନୀତି ଉପରେ ପର୍ଯ୍ୟବସିତ ଜୈନଧର୍ମ ପ୍ରତି ବିଶେଷ ଆସକ୍ତି ଥିଲା । ଏକ ସୁଖମୟ ଜୀବନଯାପନ ନିମିତ୍ ଯେ ଏହିଭଳି ଆଦର୍ଶ ଧର୍ମର ନିତ୍ୟାନ୍ତ ପ୍ରୟୋଜନୀୟତା ରହିଛି, ତାହା ଖାରବେଳ ବୁଝିପାରି ନଥିଲେ । ତେଣୁ ଜୈନଧର୍ମର ପ୍ରସାର ଓ ପ୍ରଚାର ପାଇଁ ସେ ବିଶେଷ ଉଦ୍ୟମ କରିଥିଲେ । ମଗଧର ବୃହସ୍ପତି ମିତ୍ରଙ୍କୁ ପରାସ୍ତ କରି ସେ ହୁଏତ ମଗଧ ଲୁଣ୍ଠନ କରିପାରିଥାନ୍ତେ । କିନ୍ତୁ ତା ପରିବର୍ତ୍ତେ ସେ ନନ୍ଦ ସମ୍ରାଟ ନେଇଯାଇଥିବା କଳିଙ୍ଗ ଜୀନଙ୍କୁ ମହାସମାରୋହରେ କଳିଙ୍ଗ ଫେରାଇ ଆଣିଲେ । ଖାରବେଳଙ୍କ ସମଗ୍ର ପରିବାର ଜୈନଧର୍ମର ଦୀକ୍ଷିତ ହୋଇଥିଲେ । ନିଜେ ଖାରବେଳ ମଧ ଥିଲେ ଗୃହୀ ଜୈନ ଉପାସକ । ଜୈନଧର୍ମ ପ୍ରତି ତାଙ୍କର ବିଶେଷ ଆସକ୍ତିର ପରିଚୟ ମିଳେ ହାତୀଗୁମ୍ଫା ଶିଳାଲେଖରୁ । ଲେଖର ଆଦ୍ୟ ଓ ପ୍ରାନ୍ତରେ ବଧ୍ ମଙ୍ଗଳ, ସ୍ୱସ୍ତିକ, ନନ୍ଦିପଦ ଓ ଚୈତ୍ୟ ବୃକ୍ଷର ସଂକେତ ସହ ପ୍ରଥମେ ଅର୍ହତ ଓ ସିଧ୍ମାନଙ୍କୁ ନମସ୍କାର କରାଯାଇ ଲେଖ ଆରମ୍ଭ ହୋଇଛି ।(୨୦) ଜୈନ ସାଧମାନଙ୍କ ନିମିତ୍ ଖଣ୍ଡଗିରି-ଉଦୟଗିରି ପାହାଡ଼ରେ ସେ ୧୧୭ଟି ଗୁମ୍ଫା ନିର୍ମାଣ କରିଥିବା ବିଷୟ ଉଲ୍ଲେଖ  କରିଛନ୍ତି ।(୨୧) ଏପରିକି ଜୈନ ଧର୍ମର ପ୍ରସିଧ୍ କ୍ଷେତ୍ରସ୍ଥଳ ମଥୁରାକୁ ଯବନମାନଙ୍କ ଆକ୍ରମଣରୁ ରକ୍ଷା କରିବା ପାଇଁ ସେ ପାଟଳିପୁତ୍ରରୁ ମଥୁରାକୁ ଯାତ୍ରା କରିଥିଲେ । ଯବନ ସମ୍ରାଟଙ୍କୁ ଭୟଭୀତ କରି ସେ ମଥୁରାରୁ କଳ୍ପବୃକ୍ଷନେଇ ତୋଷାଳୀ ନଗରୀରେ ରୋପଣ କରିଥିଲେ । ଏକଧାରରେ ରାଜ୍ୟଜୟ ଓ ଜୈନଧର୍ମର ପ୍ରସାର କାର୍ଯ୍ୟରେ ତ୍ରୟୋଦଶ ବର୍ଷ ଲିପ୍ତ ରହି ଖାରବେଳ କଳିଙ୍ଗ ରାଜନୀତିରୁ ଅନ୍ତର୍ହିତ ହୋଇଯାଇଥିଲେ । ତାଙ୍କର ତେର ବର୍ଷ ରାଜତ୍ୱର ବର୍ଣ୍ଣନା ପ୍ରଦାନ କରିବା ପରେ

ହାତୀଗୁମ୍ଫା ଲେଖର ଲେଖକାର ନୀରବ ହୋଇଯାଇଛନ୍ତି । ହୁଏତ ତ୍ରୟୋଦଶ ବର୍ଷ ରାଜତ୍ୱରେ ହିଁ ଏହି ଶିଳାଲିପି ଉତ୍କୀର୍ଣ୍ଣ ହୋଇଥିଲା ଏବଂ ତା'ପରେ ଖାରବେଳଙ୍କ ଶାସନରେ ସେପରି କିଛି ଗୁରୁତ୍ୱପୂର୍ଣ୍ଣ ଘଟଣା ଘଟିନଥିଲା । କିନ୍ତୁ ଅନ୍ୟ ଏକ ଯୁକ୍ତି ଅନୁଯାୟୀ ରାଜୈଶ୍ୱର୍ଯ୍ୟ ବିତୃଷ୍ଣ ମହରାଜ ଖାରବେଳ ୩୭ ବର୍ଷ ବୟସ୍କ ବୟସରେ ରାଜନୀତିରୁ ଅବସର ନେଇ ଜୈନଧର୍ମର ସାଧନା ଓ ଅଧ୍ୟବସାୟରେ ନିୟୋଜିତ ହୋଇଥିଲେ ଏବଂ ତତ୍କାଳୀନ ସମୟର ବହୁ ବିଖ୍ୟାତ ଜୈନ ସନ୍ନ୍ୟାସୀଙ୍କ ମଧ୍ୟରେ ଜଣେ ସନ୍ନ୍ୟାସୀ ଭାବରେ ଜୀବନଯାପନ କରିଥିଲେ ।

ଖାରବେଳଙ୍କ ପରେ ଓଡ଼ିଶା ଇତିହାସରେ ସେପରି କିଛି ନିର୍ଦ୍ଦିଷ୍ଟ ତଥ୍ୟ ମିଳି ନଥାଏ । ମାଦଳାପାଞ୍ଜିର ବର୍ଣ୍ଣନାନୁଯାୟୀ ଏହି ସମୟରେ ଯବନମାନେ କଳିଙ୍ଗ ଶାସନ କରୁଥିଲେ । ଏହି ଯବନମାନଙ୍କୁ ଐତିହାସିକଗଣ କୁଶାଣ ଶାସକ ଭାବରେ ଚିହ୍ନିତ କରିଥାନ୍ତି । କିନ୍ତୁ କୁଶାଣମାନେ ବନାରସର ପୂର୍ବକୁ ଆସିଥିବାର ଐତିହାସିକ ବର୍ଣ୍ଣନା ନାହିଁ । ଓଡ଼ିଶାରୁ ବହୁଭାବରେ ଆବିଷ୍କୃତ କେତେ ପ୍ରକାର ମୁଦ୍ରାକୁ ଭିତ୍‌କର ଗବେଷକ ନବୀନ କୁମାର ସାହୁ ଏହି ସମୟରେ 'ମୁରୁଣ୍ଡ' ଜାତିର ଶାସକମାନେ ଶାସନ କରୁଥିବା ବିଷୟ ବର୍ଣ୍ଣନା କରିଛନ୍ତି । (୨୨) ଏହି ମୁରୁଣ୍ଡମାନେ ଜୈନ ଥିଲେ । ସେମାନଙ୍‌କର ରାଜଧାନୀ ଥିଲା ପାଟଳୀପୁତ୍ର । କଳିଙ୍ଗରେ ସେ ସମୟରେ ସେପରି କୌଣସି ବ୍ୟକ୍ତିତ୍ୱସମ୍ପନ୍ନ ସମ୍ରାଟ ନଥିବାରୁ ପାଟଳୀପୁତ୍ରର ମୁରୁଣ୍ଡମାନେ କଳିଙ୍ଗ ଶସନ କରୁଥିଲେ । ଯେଉଁ ପ୍ରଥମ ମୁରୁଣ୍ଡ ରାଜା କଳିଙ୍ଗ ଆକ୍ରମଣ କରିଥିଲେ ତାଙ୍କୁ ମାଦଳାପାଞ୍ଜିରେ ବୀରବାହୁ ଆଖ୍ୟା ପ୍ରଦତ୍ ହୋଇଛି । ମୁରୁଣ୍ଡମାନେ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀର ଶେଷଭାଗରୁ ପ୍ରାୟ ଚତୁର୍ଥ ଶତାବ୍ଦୀର ଶେଷଭାଗ ପର୍ଯ୍ୟନ୍ତ ଓଡ଼ିଶାରେ ଶାସନ କରିଥିଲେ । ସେମାନେ ଜୈନ ଥିବାରୁ ତତ୍କାଳୀନ ସମୟରେ ଜୈନଧର୍ମର ବିଶେଷ ପ୍ରସାର ସମ୍ଭବ ହୋଇଥିଲା । ଭୁହଶିବ ନାମକୁ ଅନ୍ୟଜଣେ ରାଜା ଏହି ସମୟରେ ଜୈନ ଉପାସକ ନଥିବାର ପ୍ରମାଣ ମଧ୍ୟ ମିଳିଥାଏ ।(୨୩)

ତୃତୀୟ ଚତୁର୍ଥ ଶତାବ୍ଦୀ ବେଳକୁ ଓଡ଼ିଶା ନାଗ ଓ ଗୁପ୍ତ ବଂଶର ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । ନାଗ ସମ୍ରାଟ ଶତ୍ରୁଞ୍ଜୟଙ୍କ ଆସନପାଟ ଶିଳାଲେଖରୁ ସେ ଭିକ୍ଷୁ ଓ ନିଗ୍ରନ୍ଥମାନଙ୍କୁ ଧନ ଦାନ କରିଥିବା ବିଷୟ ଜଣାଯାଏ । କଳିଙ୍ଗର ମାଠର ବଂଶୀୟ ଜଣେ ରାଜା ତାଙ୍କର ରାଜଧାନୀକୁ ବର୍ଦ୍ଧମାନ ପୁରା ନାମରେ ନାମିତ କରିଥିଲେ । ଏହା କେବଳ ମହାବୀର ବର୍ଦ୍ଧମାନଙ୍କ ସମ୍ମାନ ଉଦ୍ଦେଶ୍ୟରେ କରାଯାଇଥିଲା ବୋଲି ଗବେଷକମାନେ କହିଥାନ୍ତି ।(୨୪) ପୂର୍ବଗଙ୍ଗ ରାଜାମାନେ ମଧ୍ୟ ଜୈନଧର୍ମ ପ୍ରତି ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରୁଥିଲେ । ସପ୍ତମ/ଅଷ୍ଟମ ଶତାବ୍ଦୀ ବେଳକୁ ଓଡ଼ିଶା ଓଡ୍ର, କଙ୍ଗୋଦ ଓ କଳିଙ୍ଗ ଭାବରେ ତ୍ରିଧା ବିଭକ୍ତ ହୋଇଥିଲା । ଏହିସବୁ ରାଜ୍ୟରେ ବହୁ ଜୈନ ମନ୍ଦିର ଥିଲା । ବିଭିନ୍ନ ସମୟରେ ରାଜା ଓ ସାମନ୍ତମାନେ ଜୈନ ମନ୍ଦିର ଉଦ୍ଦେଶ୍ୟରେ ନିଷ୍କର ଭୂମି, ବହୁ ଧନରତ୍ନ ଦାନ କରିଥିଲେ । ୮ମ ଶତାବ୍ଦୀରେ ଶୈଳୋଦ୍ଭବବଂଶୀ ରାଜା ଧର୍ମରାଜ ମହାଭୀତଙ୍କ ରାଣୀ ଭଗବତୀ କଲ୍ୟାଣଦେବୀ ଜୈନଧର୍ମର ପ୍ରସାର ଉଦ୍ଦେଶ୍ୟରେ ଜୈନାଚାର୍ଯ୍ୟ ପ୍ରବୁଧ୍‌ଚନ୍ଦ୍ରଙ୍କୁ ଭୂମିଦାନ କରିଥିଲେ । ବାଣପୁର ଅଞ୍ଚଳରୁ ଏବେ ସୁଧ୍ା ଅନେକ ଜୈନ ଋଷଭଦେବ ଓ ପ୍ରଜାପତି

ମୂର୍ତ୍ତି ଉଦ୍ଧାର କରାଯାଇଛି । ଏଥିରୁ ପ୍ରତୀତ ହୁଏ ସେଠାରେ ପୂର୍ବେ ଏକ ବଳିଷ୍ଠ ଜୈନ ସଭ୍ୟତା ଗଢ଼ି ଉଠିଥିଲା ।

ଏହି ସମୟରେ ପ୍ରାଚୀନଦୀ ଉପତ୍ୟକାରେ ମଧ୍ୟ ଜୈନ୍ୟ ଧର୍ମର ବିଶେଷ ବିକାଶ ସାଧିତ ହୋଇଥିଲା । ଏଠାରୁ ଏବେ ବହୁ ପ୍ରାଚୀନ ଜୈନ ମୂର୍ତ୍ତି ଦେଖିବାକୁ ମିଳେ ।

ଓଡ଼ିଶାର ଶାସନ କରୁଥିବା ପରାକ୍ରମୀ କେଶରୀ ରାଜାମାନେ ଶୈବ ଥିଲେ । ଅଧିକନ୍ତୁ ଜୈନ ଧର୍ମପ୍ରତି ତାଙ୍କର ଅନୁରକ୍ତି ମଧ୍ୟ ଥିଲା । ବୌଦ୍ଧଧର୍ମ ପରି ଜୈନଧର୍ମ ହିନ୍ଦୁବାଦର ପ୍ରଚଣ୍ଡ ପ୍ରତିରୋଧ କରୁ ନଥିବାରୁ ଶଙ୍କରାଚାର୍ଯ୍ୟଙ୍କ ପରି ପ୍ରବଳ ହିନ୍ଦୁବାଦୀମାନେ ଏହାର ବିରୋଧ କରୁ ନଥିଲେ । ଅପରନ୍ତୁ ଏହି ଉଦାରବାଦୀ ସତଧର୍ମର ଅଭିବୃଦ୍ଧି ନିମିତ୍ତ ଶାସକମାନେ ଯଥାସାଧ୍ୟ ସହାୟତା କରୁଥିଲେ । କେଶରୀ ରାଜା ଉଦ୍ୟୋତ କେଶରୀ ଖଣ୍ଡଗିରି/ଉଦୟଗିରି ପାହାଡ଼ରେ ନବମୁନି ଗୁମ୍ଫା, ବାରଭୂଜି ଗୁମ୍ଫା ଓ ଲଲାଟେନ୍ଦୁ କେଶରୀ ଗୁମ୍ଫା ନିର୍ମାଣ କରିଥିଲେ । ମୂର୍ତ୍ତି ତତ୍‌ବିଦଗଣ ସମଗ୍ର ଓଡ଼ିଶାରୁ ଏହି ସମୟର ଅନେକ ଜୈନମୂର୍ତ୍ତି ଆବିଷ୍କାର କରିଛନ୍ତି । ଶିବ ମନ୍ଦିରର କାନ୍ଥମାନଙ୍କରେ ବହୁ ଜୈନ ମୂର୍ତ୍ତି ଏହି ସମୟରେ ଖୋଦିତ ହୋଇଥିଲା । ଗଙ୍ଗମାନଙ୍କ ସମୟରେ ମଧ୍ୟ ଜୈନଧର୍ମର କେତେକ ବିକାଶ ଓଡ଼ିଶାରେ ସମ୍ଭବ ହୋଇଥିଲା । ଉତ୍କଳର ଗଙ୍ଗରାଜାଙ୍କର ଜଣେ ଅଧିକାରୀ ରାଜ ରାଜଜିନାଳୟ ମିନ୍ଦିର ନିର୍ମାଣ କରିଥିଲେ । ସେ ଖଣ୍ଡଗିରିରେ କେତେକ ଗୁମ୍ଫା ଓ ତୀର୍ଥଙ୍କର ମୂର୍ତ୍ତି ମଧ୍ୟ ଉତ୍କୀର୍ଣ୍ଣ କରିଥିଲେ ।(୨୫)

ଗଙ୍ଗବଂଶ ପରେ ସୂର୍ଯ୍ୟବଂଶର ରାଜାମାନେ ଓଡ଼ିଶାର ଶାସକ ହେଲେ । ଏତେବେଳକୁ ଓଡ଼ିଶାରେ ପ୍ରଚାରିତ ସମସ୍ତ ଧର୍ମ ଜଗନ୍ନାଥଧର୍ମର ମହାସ୍ରୋତରେ ମିଶି ସାରିଥିଲା । ଜଗନ୍ନାଥଙ୍କ ଆଚାର/ବିଚାର ମଧ୍ୟରେ କେତେକ ଜୈନ ପରମ୍ପରା ପ୍ରବେଶ କରିଥିଲା । ଉନବିଂଶ ଶତାବ୍ଦୀରେ ଇଂରେଜ ରାଜତ୍ୱ ସମୟରେ ଜୈନମାନେ ଦୁଇହଜାର ବର୍ଷ ତଳର ଜୈନ ଧର୍ମର ପ୍ରସାରର ମୁଖ୍ୟକେନ୍ଦ୍ର ଖଣ୍ଡଗିରି ଉପରେ ଏକ ସୁନ୍ଦର ମନ୍ଦିର ନିର୍ମାଣ କଲେ । ଏଥିରେ ମହାବୀର ଓ ପାର୍ଶ୍ୱନାଥଙ୍କ ଦିଗମ୍ବର ମୂର୍ତ୍ତି ପୂଜିତ ହେଲା । କାଳକ୍ରମେ ଏହା ସମଗ୍ର ଭାରତର ଜୈନମାନଙ୍କର ଏକ ପ୍ରଧାନ ତୀର୍ଥସ୍ଥଳ ରୂପେ ପରିଚିତ ହୋଇଛି । ଆଧୁନିକ କଟକ ସହରର ଜାଉଁଳିଆପଟି ଓ ଚୌଧୁରୀ ବଜାରରେ ମଧ୍ୟ ଜୈନମନ୍ଦିରମାନ ନିର୍ମିତ ହୋଇଛି । କେତେ ଜୈନ ଉପାସକ ଏବେ ଜୈନ ଓ ହିନ୍ଦୁ ସଂସ୍କୃତିର ମିଶ୍ରଣରେ ହିନ୍ଦୁରେ ପରିଣତ ହୋଇଛନ୍ତି । ସର୍ବୋପରି ସର୍ବଧର୍ମର ମଳିନ ସ୍ଥଳ ପୁରୁଷୋତ୍ତମ ଏବେ ମଧ୍ୟ ଓଡ଼ିଶାରେ ପ୍ରାଚୀନ ଜୈନ ପରାମ୍ପରକୁ ଧରି ରଖିଛି ।

ଓଡ଼ିଶାର ସାମାଜିକ, ଜୀବନରେ ମଧ୍ୟ ଜୈନଧର୍ମର କେତେକ ପ୍ରଭାବ ପଡ଼ିଛି । ଅହିଂସା, ଜୀବେଦୟା, ଉପବାସ ଓ କେତେକ ଜୈନ ପର୍ବପର୍ବାଣୀ ପାଳନ ଏହାର ଦୃଷ୍ଟାନ୍ତ । ଏତଦ୍‌ବ୍ୟତୀତ ଓଡ଼ିଶାରେ ଏବେ ମଧ୍ୟ କେତେକ ଜୈନ ଜାତି ବାସ କରୁଛନ୍ତି । ସେମାନଙ୍କ ମଧ୍ୟରେ ଜୈନଧର୍ମର ସମସ୍ତ ଆଚାର/ବିଚାର ପ୍ରଚଳିତ

ଅଛି । ବାଲେଶ୍ୱରର ସରାକ ଜାତୀୟ ଲୋକେ, କଟକର ନାଥମାନେ ଏହି ଜୈନ ପରମ୍ପରାର ପରୋକ୍ଷ ଉପାସକ । ସେମାନେ ବ୍ରାହ୍ମଣ ଧର୍ମର ପ୍ରାଧାନ୍ୟକୁ ସ୍ୱୀକାର କରନ୍ତି ନାହିଁ । ଆପଣାର କ୍ରିୟାକର୍ମ ନିଜେ କରନ୍ତି । ଏକ ଜୈନ କର୍ମକାଣ୍ଡ ଅନୁସାରେ ସେମାନଙ୍କ ସାମାଜିକ ଚଳଣି ନିୟନ୍ତ୍ରିତ ହୋଇଥାଏ ।

ଏତଦ୍‌ବ୍ୟତୀତ ଓଡ଼ିଶାର ବହୁ ମନ୍ଦିର, ପାହାଡ଼, ପର୍ବତରେ ଜୈନଧର୍ମର ସ୍ପଷ୍ଟ ସଙ୍କେତ ଦେଖିବାକୁ ମିଳେ । ଏମାନଙ୍କ ମଧ୍ୟରୁ କୁମାରଗିରି ଓ କୁମାରୀଗିରି ବା ଆଧୁନିକ ଖଣ୍ଡଗିରି, ଉଦୟଗିରି ଅନ୍ୟତମ । ମହାରାଜ ଖାରବେଳଙ୍କ ଠାରୁ ଏହି ଏହି ଦୁଇଟି ପାହାଡ଼ ଜୈନଧର୍ମର ସଂକେତ ଧାରଣ କରି ଦଣ୍ଡାୟମାନ ହୋଇଛି । ଏହାଛଡ଼ା ମୟୁରଭଞ୍ଜ ଖିଚିଂ, ବାରିପଦା, ବାଲେଶ୍ୱର ଗୁଣ୍ଡାଲ୍, କେନ୍ଦୁଝରର ଆନନ୍ଦପୁର, କଟକର ପ୍ରାଚୀନଦୀ ଉପତ୍ୟକା, ଚୌଦ୍ୱାରା ଓ ସାଲେପୁର ଆଦି ଅଞ୍ଚଳରେ ବ୍ୟାପକ ଜୈନ ମୂର୍ତ୍ତିମାନ ଦେଖିବାକୁ ମିଳିଥାଏ ।

ଇତିହାସ ଯୁଗରେ କରକଣ୍ଡୁଙ୍କ ଠାରୁ ଖାରବେଳଙ୍କ ଯାଏ ଦୀର୍ଘ ବର୍ଷ ଜୈନଧର୍ମ ପ୍ରାଚୀନ ଓଡ଼ିଶାର ରାଜଧର୍ମ ଥିଲା । ରାଜାମାନେ ଯଥାସାଧ ଉଦ୍ୟମ କରି ଏହି ଉଦାରବାଦୀ ଧର୍ମର ପ୍ରଚାର ଓ ପ୍ରସାର କରିଥିଲେ । ଖାରବେଳଙ୍କ ପରେ ଓଡ଼ିଶରେ ସେପରି କୌଣସି ବଳିଷ୍ଠ ରାଜା ଜୈନଧର୍ମର ପୃଷ୍ଠପୋଷକତା କରିନଥିଲେ । ଅଧିକନ୍ତୁ ଜୈନ ପରମ୍ପରା ପ୍ରତି କେହି ବୀତସ୍ପୃହ ହୋଇ ନଥିଲେ । ଏପରିକି ବୌଧ୍ ବିରୋଧୀ ହିନ୍ଦୁ ଆନ୍ଦୋଳନରେ ମଧ ଜୈନ ଧର୍ମର ବିଶେଷ କ୍ଷତି ହୋଇ ନଥିଲା । ଜୈନଧର୍ମ ପରେ ବୌଧଧର୍ମ ଉଦ୍ଭାବିତ ହୋଇଥିଲା । କିନ୍ତୁ ଅଶୋକ/କନିଷ୍କ/ହର୍ଷଙ୍କ ପରି ମହାମହିମ ସମ୍ରାଟଙ୍କ ଯୋଗୁଁ ତାହା ଭାରତ ଓ ଭାରତ ବାହାରେ ବ୍ୟାପ୍ତ ହେଲା । କିନ୍ତୁ ପରବର୍ତ୍ତୀ କାଳରେ ଏହାର ଅନୈତିକତା ଯୋଗୁଁ ଭାରତରୁ ଲୋପ ପାଇଗଲା । ଅଥଚ ବହୁ ପ୍ରାଚୀନ ଉଦାରବାଦୀ ଜୈନଧର୍ମ ଆଜି ମଧ ସମଗ୍ର ଭାରତରେ ଅଳ୍ପେ ବହୁତେ ରହିପାରିଛି । ଏହାର ପ୍ରାଚୀନ ସାହିତ୍ୟ ଓ ଦର୍ଶନ ଭାରତୀୟ ଜନଜୀବନ ଓ ସାହିତ୍ୟ ଉପରେ ବିଶେଷ ପ୍ରଭାବ ପକାଇ ପାରିଛି । ଆଧୁନିକ ଭାରତୀୟ ଭାଷାମାନଙ୍କରେ ରଚିତ ସାହିତ୍ୟ ଉପରେ ମଧ ଏହାର ପ୍ରଭାବ ସୁସ୍ପଷ୍ଟ । ସବୁ ପ୍ରାନ୍ତୀୟ ସାହିତ୍ୟ ପରି ଓଡ଼ିଆ ସାହିତ୍ୟ ମଧ ଏଥିରୁ ମୁକ୍ତ ନୁହେଁ ।

ଓଡ଼ିଆ ସାହିତ୍ୟରେ ଜୈନଧର୍ମର ପ୍ରଭାବ :

ଖ୍ରୀଷ୍ଟପୂର୍ବ କାଳରକୁ ଖାରବେଳଙ୍କ ଯାଏ ଜୈନଧର୍ମ ଓଡ଼ିଶାର ରାଷ୍ଟ୍ରଧର୍ମ ଥିଲା । ବ୍ରାହ୍ମଣ ସମାଜର ଶୋଷଣ ଓ ଅତ୍ୟାଚାର ବିରୁଧିରେ ଏହି ନିରୀଶ୍ୱରବାଦୀ ଧର୍ମର ସୃଷ୍ଟି ହୋଇଥିଲେ ହେଁ, ବ୍ରାହ୍ମଣ୍ୟ ଧର୍ମ ସହ ଏହାର ସେତେ ବୈରଭାବ ନଥିଲା । ତେଣୁ ବ୍ରାହ୍ମଣ୍ୟ ସଭ୍ୟତା ଓ ସାହିତ୍ୟ ସହ ସମାନ୍ତରାଳ ଭାବରେ ଜୈନ ସାହିତ୍ୟମାନ ସୃଷ୍ଟି ହୋଇଥିଲା । ଅଙ୍ଗ, ଉପାଙ୍ଗ, ସୁତ୍ର, ପ୍ରକୀର୍ଣକ ଓ ଆଗମିକ ତଥା ପୁରାଣ ଆଦିର ସୃଷ୍ଟି ପରବର୍ତ୍ତୀ ଯୁଗର ପ୍ରାଦେଶିକ ସାହିତ୍ୟିକମାନଙ୍କୁ ଯଥେଷ୍ଟ ପରିମାଣରେ ପ୍ରଭାବିତ କରିଥିଲା । ଯଦିଓ ଏହିସବୁ ସାହିତ୍ୟ ବହୁପରିମାଣରେ ଦର୍ଶନ ଭାରାକ୍ରାନ୍ତ ହୋଇପଡ଼ିଥିଲା, ତଥାପି ଏଥିରେ ପ୍ରତିପାଦନ ଆଚାର ଓ

ତତ୍ୱମାନଙ୍କୁ ନେଇ ପରବର୍ତ୍ତୀ ଯୁଗରେ ସାହିତ୍ୟ ସୃଷ୍ଟି ହେଲା ।

ଓଡ଼ିଆ ସାହିତ୍ୟର ସୃଷ୍ଟି ହେଲା ପଞ୍ଚଦଶ ଶତାବ୍ଦୀବେଳକୁ । ଏହି ପୂର୍ବରୁ ଭାଷା ଓ ସାହିତ୍ୟର ଅବସ୍ଥା କ'ଣ ଥିଲା ତାହା ସାହିତ୍ୟ ଗବେଷକମାନେ ଆଜିସୁଧା୍ ସଠିକ୍ ଭାବେ କହିପାରନ୍ତି ନାହିଁ । କେତେକ ବୌଧ୍‌ଗାନ ଦୋହାକୁ ପଞ୍ଚଦଶ ଶତାବ୍ଦୀର ସାରଳା ସାହିତ୍ୟର ଆଦିରୂପ ବୋଲି କହିଥାନ୍ତି । ପୁଣି ବୌଧ୍, ଶୈବ ଓ ନାଥ ଧର୍ମର କେତେକ ଧର୍ମତତ୍ୱାକ୍ରାନ୍ତ ରଚନାକୁ ମଧ ଆଦିସାହିତ୍ୟ କୁହାଯାଏ । ତେବେ ଏସବୁର ସଭ୍ୟତା ନିଶ୍ଚିତ ଭାବେର ଆପେକ୍ଷିକ ।

ପ୍ରାରମ୍ଭିକ ଯୁଗର ସାହିତ୍ୟ ଭାବରେ ଯେଉଁ ମୌଖିକ ସାହିତ୍ୟକୁ ସମାଲୋଚକମାନେ ଆଲୋଚନା ପରିସରକୁ ଆଣନ୍ତି ସେଥିରେ ଜୈନଧର୍ମ ଓ ଦର୍ଶନର କେତେକ ସୂଚନା ଉପଲବ୍ଧ ହୁଏ । କେତେକ ମନ୍ତ୍ରଯନ୍ତ୍ରରେ 'ଶ୍ରୀ ଶ୍ରୀ ବର୍ଧ୍ଧମାନ ମହାବୀରଙ୍କର କୋଟି କୋଟି ଆଜ୍ଞା, ବୋଲି କୁହାଯାଇ ବର୍ଧ୍ଧମାନଙ୍କୁ ମନ୍ତ୍ରର ସ୍ରଷ୍ଟାର ସମ୍ମାନ ଦିଆଯାଇଛି । କିନ୍ତୁ ଏ ଯୁଗର ଅନ୍ୟତମ ସୃଷ୍ଟି ବ୍ରତ ସାହିତ୍ୟ ଉପରେ ଜୈନ ଧର୍ମର ପ୍ରଭାବ ସର୍ବାଧିକ । ବ୍ରତ ଉପବାସ କରି ଏକ ସଂଯତ/ନିଷ୍ପାପର/ସୁଖମୟ ଜୀବନଯାପନ କରିବା ଜୈନଧର୍ମର ପ୍ରାଥମିକ ଆଦର୍ଶ । ଏପରିକି ଉପବାସ ଉପରେ ଜୈନମାନେ ବିଶେଷ ଗୁରୁତ୍ୱ ଦେଇଥାନ୍ତି । ଆମ ଦେଶର ପ୍ରତ୍ୟେକ ଓଷା ବ୍ରତ ପ୍ରାୟ ଏହି ଉପବାସ ଓ ପବିତ୍ର ଜୀବନଯାପନକୁ ଭିତ୍‌କରି ରଚିତ । ଓଷା/ବ୍ରତ ଗୁଡ଼ିକର କାହାଣୀ ମଧରେ ଯଦିଓ ପରବର୍ତ୍ତୀ ଯୁଗର ଲୋକ ବିଶ୍ୱାସ/କିମ୍ବଦନ୍ତୀ ଓ କଥାର ପ୍ରଭାବ ରହିଛି, ତଥାପି ଏହାର ପ୍ରାଥମିକ ତତ୍ୱଟି ହେଲା ଏକ ସୁଖମୟ ଜୀବନ ପ୍ରାପ୍ତି ।

ଗବେଷକମାନେ ଅନନ୍ତବ୍ରତ, ଦୀପାବଳୀ, ଲକ୍ଷ୍ମୀପୂଜା ଓ ସରସ୍ୱତୀ ପୂଜା ପରି କେତେକ ଓଷା / ବ୍ରତକୁ ନିଚ୍ଛକ ଭାବେ ଜୈନ ଆଚାରଗ୍ରସ୍ତ ବ୍ରତ ଆଖ୍ୟା ଦେଇଥାନ୍ତି । ଅନନ୍ତବ୍ରତ କଥାର ଶେଷରେ କର୍ମଫଳ, ଅସତ, ଅଚୌର୍ଯ୍ୟ, ବ୍ରହ୍ମଚର୍ଯ୍ୟ ଓ ଅସ୍ତେୟ ଉପରେ ଯେପରି ଗୁରୁତ୍ୱ ଦିଆଯାଇଛି ତାହା ଜୈନ ତତ୍ୱର ସ୍ପଷ୍ଟ ସୂଚନା ଦେଇଥାଏ । ଅନନ୍ତଙ୍କ ସନ୍ଧାନରେ ଆସିଥିବା ବ୍ରାହ୍ମଣ କୌଣ୍ଡିନ୍ୟ ଏକ ଅଜ୍ଞାତ ଗୁମ୍ଫାରେ ଅନନ୍ତଙ୍କ ସାକ୍ଷାତ ଲାଭ କଲା । ଦର୍ଶନ ଓ ସ୍ତୁତିରେ ସନ୍ତୁଷ୍ଟ ହୋଇ ଭଗବାନ ତାକୁ ଦାରିଦ୍ର୍ୟ ଲୋକ ତଥା ବିଷ୍ଣୁପୁର ପ୍ରାପ୍ତି ବର ପ୍ରଦାନ କଲେ । ବର ପ୍ରାପ୍ତି ପରେ କୌଣ୍ଡିନ୍ୟ ଅନନ୍ତଙ୍କୁ ବାଟରେ ଦେଖିଆସିଥିବା ଆମ୍ବଗଛ, ଗାଈ, ଷଣ୍ଢ, ପୋଖରୀ ହାତୀ ଓ ଗଧର ଦୁର୍ଦ୍ଦଶାର କାରଣ ପଚାରିଲା । ଅନନ୍ତ କହିଲେ ଫଳଭରା ଆମ୍ବଗଛଟି ପୁର୍ବଜନ୍ମରେ ବିଦ୍ୱାନ ଅଥଚ ବିଦ୍ୟା ଦାନରେ କୃପଣ ଥିଲା । ସେହିପରି ଏକାକିନୀ ଦୁଗ୍ଧବତୀ ଗାଈଟି ପୁର୍ବଜନ୍ମରେ ଭୂମିଦାନ କରିବାକୁ ପ୍ରତିଶ୍ରୁତି ଦେଇ ଭଙ୍ଗ କରିଥିଲା । ବୃଷଭଟି ସେବକଭାବେ ନିଯୁକ୍ତି ପାଇ ଠିକ୍ ରୂପେ ସେବାକାର୍ଯ୍ୟ ନଥିଲା । ଦୁଇ ସଉତୁଣୀଭାବେ ପୁର୍ବଜନ୍ମରେ ବାରମ୍ବାର କଳହ କରି ସ୍ୱାମୀକୁ ମାରି ଦେଇଥିବାରୁ ସେମାନେ ଅଭିଶପ୍ତା ପୁଷ୍କରିଣୀ ହୋଇଛନ୍ତି । ସର୍ବୋପରି ହାତୀଟି ପୂର୍ବଜନ୍ମରେ ଅହଂକାର ଓ ଗଧଟୀ କ୍ରୋଧୀ ଥିଲା । ତେଣୁ ଆଜି ସେମାନଙ୍କର ଏହି ପରିଣତି । ପଶୁ, ବୃକ୍ଷ ବା ନିର୍ଜୀବ ଜନ୍ମ ପାଇ ମଧ

ସେମାନେ ପୂର୍ବାର୍ଜିତ କର୍ମ ଯୋଗୁଁ ଭୟଙ୍କର ଅଶାନ୍ତି ଭୋଗ କରୁଛନ୍ତି । ଏଥିରେ ପାର୍ଶ୍ୱନାଥଙ୍କ ଚାରି ଆର୍ଯ୍ୟ ସତ୍ୟ, ମହାବୀରଙ୍କ ବ୍ରହ୍ମଚର୍ଯ୍ୟ ଓ କର୍ମଫଳ ବିଶ୍ୱାସ ଉପରେ ଗୁରୁତ୍ୱ ଦିଆଯାଇଛି । ଏତଦ୍‌ବ୍ୟତୀତ ଜୈନମାନଙ୍କର ପର୍ବ ଦୀପାବଳୀ, ସରସ୍ୱତୀ ପୂଜା ଓ  ଲକ୍ଷ୍ମୀପୂଜାକୁ ମଧ ଓଡ଼ିଆଏ ପାଳନ କରିଥାନ୍ତି । କିନ୍ତୁ ଏହାର ସାହିତ୍ୟରେ କେତେକାଂଶରେ ହିନ୍ଦୁ ଭାବଧାରା ପ୍ରବେଶ କରିଛି । ସାଂସ୍କୃତିକ ସମ୍ମେଳନ ଯୋଗୁଁ ଏସବୁ ସମ୍ଭବ ହୋଇଛି ।

ସାରଳା ସାହିତ୍ୟରେ ଜୈନଧର୍ମ  :

ସାରଳା ଦାସ ଦେବୀ ଶାରଳାଙ୍କ ଭକ୍ତ ଥିଲେ । ଦୈବୀକୃପାରୁ ସେ ଦୁର୍ଲଭ କବିତ୍ୱ ପ୍ରାପ୍ତ ହୋଇଥିଲେ । କିନ୍ତୁ ସେ ତାଙ୍କ ଗ୍ରନ୍ଥରେ କୌଣସି ଧର୍ମକୁ ନ୍ୟୁନରୂପେ ବର୍ଣ୍ଣନା କରି ନାହାନ୍ତି । ଦେବୀଙ୍କୁ ଅନେକ ସ୍ଥାନରେ ମୁଖ୍ୟ ଭୂମିକା ପ୍ରଦାନ କରିଥିଲେ ହେଁ, ଅନ୍ୟ ଦେବତା ଓ ଧର୍ମର ଯଥେଷ୍ଟ ପ୍ରଶଂସା କରିଛନ୍ତି । ସାରଳା ଦାସଙ୍କ ମହାଭାରତରେ ଆମେ ସାଧାରଣତଃ ଦୁଇଟି ଉପାୟରେ ଜୈନଧର୍ମର ପରିଚୟ ପାଉ । ପ୍ରଥମଟି ହେଲା ଜୈନ ଦେବଦେବୀ ଓ ଜୈନ ହରିବଂଶର କାହାଣୀ ରୂପରେ ଏବଂ ଅନ୍ୟଟି ଜୈନଧର୍ମ ଓ ଦର୍ଶନ ତତ୍ୱ ରୂପରେ ।

ମହାବୀରଙ୍କ ପର୍ଯ୍ୟନ୍ତ ଜୈନ ତୀର୍ଥଙ୍କରମାନେ ସମ୍ପୂର୍ଣ୍ଣ ନିରୀଶ୍ୱରବାଦୀ ଥିଲେ । ମୂର୍ତ୍ତିପୂଜା ଓ ତଜ୍ଜନିତ କ୍ରିୟା ଉପରେ ସେମାନେ ବିଶ୍ୱାସ କରୁନଥିଲେ । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଜୈନମାନଙ୍କ ମଧରେ ଶାସନ ଦେବୀ-ଯକ୍ଷୀଣୀ-ପୂଜିତା ହେଲେ  । ପରେ ପରେ ବହୁ ଦେବୀ-ପ୍ରସାଦ ଦେବୀ, ସମ୍ପ୍ରଦାୟ ଦେବୀ ଓ କୁଳଦେବୀ ରୂପେ ପୂଜା ପାଇଲେ  । ଆଚାର ଦିନକର ନାମକ ପ୍ରସିଧ୍ ଜୈନ ଗ୍ରନ୍ଥରେ ଏହି ଦେବୀମାନଙ୍କ ମଧରେ କାଳୀ, କଙ୍କାଳୀ, ମହାକାଳୀ, ଚାମୁଣ୍ଡା, ଜ୍ୱାଳାମୁଖୀ, କାମାକ୍ଷା, କପାଳିନୀ, ଭଦ୍ରକାଳୀ, ଦୁର୍ଗା, ଲଳିତା, ଗୌରୀ, ସୁମଙ୍ଗଳା, ରୋହିଣୀ, ଲକ୍ଷ୍ମୀ, କୁରୁକୁଲ୍ଲା ଓ ତ୍ରିପୁରା ପ୍ରଭୃତି ଦେବୀ ଅନ୍ୟତମ  । ଦେବୀଭକ୍ତ ସାରଳା ଦାସ ତାଙ୍କର ମହାଭାରତ ଓ ଚଣ୍ଡୀପୁରାଣ ଗ୍ରନ୍ଥରେ ଏହି ଦେବୀମାନଙ୍କର ବ୍ୟାପକ ବର୍ଣ୍ଣନା କରିଛନ୍ତି । ଅବଶ୍ୟ  ବର୍ଣ୍ଣନା ପ୍ରସଙ୍ଗରେ ସେ ସେମାନଙ୍କର ଜୈନତ୍ୱକୁ ବିସ୍ମୃତ ହୋଇ ଶାକ୍ତ ଓ ତାନ୍ତ୍ରିକ ମତର ଆରୋପ କରିଛନ୍ତି  ।ଏତଦବ୍ୟତୀତ କେତେକ ଗଣଧର ଓ ତୀର୍ଥଙ୍କର ନାମ ମଧ ପ୍ରକାରାନ୍ତରେ ସାରଳା ଦାସଙ୍କ ରଚନାରେ ସ୍ଥାନୀତ ହୋଇଛି  । ରାଜପୁତ୍ର ହୋଇ ପାର୍ଶ୍ୱନାଥ ଓ ମହାବୀର ପ୍ରଭୃତି ତୀର୍ଥଙ୍କରମାନେ ଯେପରି ସମସ୍ତ ଐଶ୍ୱର୍ଯ୍ୟ ତ୍ୟାଗକରି ଦିଗମ୍ବର ସନ୍ନ୍ୟାସୀ ହୋଇଥିଲେ ସେହିପରି ସିନ୍ଦୂର ମନ୍ଦାର ଦେଶର ରାଜା ଜାନୁଘଣ୍ଟ ପର୍ଶୁରାମ ରାଜା ହୋଇ ଦ୍ୱାର ଦ୍ୱାର ବୁଲି ଭିକ୍ଷା ମାଗୁଥିଲା  । ସାରଳା ଦାସ ବର୍ଣ୍ଣନା କରିଛନ୍ତି -

"ଦିନକର ବଚନେ ସେ ସିନ୍ଧୁ ରାଜାର ତନୁ
ସେହି ଘଣ୍ଟେକ ବାନ୍ଧିଲା ତାର ଜାନୁ  ।
ମହାଛତ୍ରୀ ବିଦ୍ୟାକରି ସମରାଜ୍ୟ କରି ରକ୍ଷା
ଜନ ପରଜା ପାଳି ରାଜା ଆପଣେ ମଗଇ ଭିକ୍ଷା  ।

ଘଣ୍ଟାରବ ଶବଦ କରିଣ କରେ ତା ଖପରା ଧରି
ସଂସାର ଜନହିତେ ନୃପତି ବୁଲଇ ଦିଗମ୍ବରୀ ।”

ସାରଳା ଦାସଙ୍କ ହିନ୍ଦୁ ଓ ଜୈନଙ୍କର ମିଳନ ଯୋଗୁଁ ଯେଉଁ ମିଶ୍ର ପରମ୍ପରା ସୃଷ୍ଟି ହୋଇଥିଲା ଏହା ତା'ର ଏକ ଅନବଦ୍ୟ ଦୃଷ୍ଟାନ୍ତ । ପୁନଶ୍ଚ ଜୈନ ହିରିବଂଶର କାହାଣୀ ମଧ ସାରଳା। ଦାସଙ୍କ ମହାଭାରତରେ ଅନେକତ୍ର ସଂଯୋଜିତ ହୋଇଛି । ରାଧାଚକ୍ର ପ୍ରସଙ୍ଗ ଏଥିମଧ୍ୟରୁ ଅନ୍ୟତମ । ଦ୍ରୌପଦୀ ସ୍ୱୟମ୍ବରବେଳେ ଅର୍ଜ୍ଜୁନ ଯେଉଁ ରାଧାଚକ୍ର ଭେଦ କଲେ, ତା'ର ବର୍ଣ୍ଣନା ସଂସ୍କୃତ ମହାଭାରତ, ହରିବଂଶ ବା ବିଷ୍ଣୁ ପୁରାଣରେ ନାହିଁ । ଏହାର ମୂଳ ସ୍ରୋତକୁ ସାରଳା ଦାସ ଜୈନ ହରିବଂଶର କାହାଣୀରୁ ସଂଗ୍ରହ କରିଛନ୍ତି ବୋଲି ଗବେଷକମାନଙ୍କ ମତ ।

ସାରଳା ମହାଭାରତରେ ଜୈନ ଧର୍ମର ପ୍ରଭାବର ଦ୍ୱିତୀୟ ନମୁନା ହେଲା- ଜୈନ ତତ୍ୱ ଓ ଆଚାରର ପ୍ରଭାବ । କବି ସାରଳା ଦାସ ଥିଲେ ସମାଜସଂସ୍କାରକ । ସମାଜର ଯାବତୀୟ କଳଙ୍କ ଧୋଇନେବା ପାଇଁ ସେ ବିଶେଷ ଉଦ୍ୟମ କରିଥିଲେ । ତେଣୁ ସେ ପରୋକ୍ଷରେ ଜୈନ ଧର୍ମ ପରି ଉଦାର ତଥା ଆଦର୍ଶବାଦୀ ଧର୍ମକୁ ବେଶ ଭଲ ପାଉଥିଲେ । ତାଙ୍କ ରଚନା, ବିଶେଷଭାବେ ମହାଭାରତରେ ତେଣୁ ଜୈନ ଧର୍ମର କେତେକ ତତ୍ୱ ଓ ନିର୍ଯ୍ୟାସକୁ ସ୍ଥାନ ଦିଆଯାଇଛି । ଏମାନଙ୍କ ମଧ୍ୟରୁ ମୁଖ୍ୟତଃ ଅହିଂସା, ସତ୍ୟ, ଅସ୍ତେୟ, ବ୍ରହ୍ମଚର୍ଯ୍ୟ ଓ ଅପରିଗ୍ରହ ଆଦିପଞ୍ଚଯାମ ଓ ଉପବାସ କଠୋର ସାଧନା, ଆତ୍ମଜ୍ଞାନ ଉପରେ ଗୁରୁତ୍ୱ, ମାୟାବନ୍ଧନ ତ୍ୟାଗ, କଳ୍ପବଟ ପୂଜା, ଏବଂ ସର୍ବୋପରି ସର୍ବଧର୍ମ ସମନ୍ୱୟ ପ୍ରଭୃତି ଜୈନ ଆଚାର ଉପରେ ସେ ଅଧିକ ଗୁରୁତ୍ୱ ଦେଉଥିଲେ । ଦେବୀ ସାରଳାଙ୍କର ସେ ଥିଲେ ପରମ ଭକ୍ତ । ତେଣୁ ବର୍ଣ୍ଣନାର ପଦେ ପଦେ ତାଙ୍କର ବିନୟଭାବ ଫୁଟି ଉଠିଥିଲା । ତାଙ୍କର ଚିରିତ୍ରମାନଙ୍କୁ ମଧ ସେ ଅନୁରୂପ ଭାବରେ ବର୍ଣ୍ଣନା କରିଥିଲେ । ହିଂସା ଓ ଅସତ୍ୟ ଆଦିରେ ପରିଚାଳିତ ହେଉଥିବାରୁ କୁରୁପତି ଦୁର୍ଯ୍ୟୋଧନ ସମୂଳେ ବିନାଶ ହେଲା । ଧର୍ମପଥ, ନ୍ୟାୟପଥ, ସତ୍ୟ ପଥରେ ଥିବାରୁ ଯୁଧିଷ୍ଠିର ବିଜୟୀ ହେଲେ । ପଞ୍ଚ କଟକର ସାର୍ବଭୌମ ସମ୍ରାଟ ହେଲେ । ପୁଣି ଯେଉଁ ଯୋଧ୍ୱା ଯୁଧ୍ୱରେ ମୃତ୍ୟୁବରଣ କରୁଥିଲା, ମୃତ୍ୟୁର କାରଣ ସ୍ୱରୂପ କବି ତା'ର ପୂର୍ବଜନ୍ମ ସମ୍ପର୍କରେ ଏକ ବ୍ୟାପକ ସ୍ପଷ୍ଟୀକରଣ ଦେଉଥିଲେ । ବିଲୁଆଟିଏ କନ୍ୟାଦାନ କଲାରୁ ସଗର ରାଜା ହୋଇ ଜନ୍ମହେଲା, କେତୁକା ଦ୍ରୌପଦୀ ରୂପେ ଜନ୍ମ ଲାଭ କଲେ । ଅଷ୍ଟମ ବ୍ରହ୍ମା ଭୀଷ୍ମ ରୂପରେ ଜନ୍ମ ନେଲେ ଇତ୍ୟାଦି । ଏହିସବୁ ବର୍ଣ୍ଣନା ଉପରେ ଜୈନ କର୍ମଫଳବାଦର ପ୍ରଭାବ ସୁସ୍ପଷ୍ଟ ।

ସେହିପରି ବ୍ରହ୍ମଚର୍ଯ୍ୟ, ଯୋଗସାଧନା, ସଚ୍ଚାସାଧୁର ସ୍ୱରୂପ ନିର୍ଣ୍ଣୟ କରିବା, ବ୍ରତ ଉପବାସରେ ରହି ଦେହକୁ କଷ୍ଟ ଦେଇ ସିଧି ଲାଭ କରିବାର ଅନେକ ବର୍ଣ୍ଣନା ରହିଛି । ଅକ୍ରୁରକୁ ଉପଦେଶ ଦେଇ ଶ୍ରୀକୃଷ୍ଣ କାୟା ସାଧନା ଓ ସିଧି ସମ୍ପର୍କରେ କହିଛନ୍ତି -

“ଇଅଂଳା ପିଅଂଳା ଶୁଷୁମ୍ନାତିନିନାଡି ଧରି
ପବନ ନିରୋଧିବୁ ଏକ ହାର କରି ।

ଘଟିକା ଲେଉଟାଇ ଛନ୍ଦ ଖେଚରୀ ମୁଦ୍ରା
ଯେଣୁ କରି ଅନ୍ତର୍ଗତ ହଅଇ ଅନିଦ୍ରା
ନିଦ୍ରା ଛନ୍ଦିଲେଣ ଆଉ ନଲାଗଇ ଭୋଖ
ଭୋଖ ନ ଭେଟିଲେ ଶରୀର ଗୋଟି ରଖ ।
ଆହାର ନିଦ୍ରା ଯେବେ ହୋଅଇଟି ଉପେକ୍ଷା
ଛାଡଇ ଆସନ ସେ ଶରୀର ହୋଯେ ରକ୍ଷା
ଆହାର ଭାଞ୍ଜନ୍ତେ ଆଉ କାଳ ନୁଆରଇ ଭୋଗୀ
ଯେହା ବୁଝି ସାଧନ କରଇ ଯେ ଯୋଗୀ ।।"
ମୂଷଳୀ ପର୍ବ -ପୃ-୭ ।

ପ୍ରତ୍ୟେକ ଜୈନ ସାଧୁ ପ୍ରାୟ ଏହିଭଳି ସାଧନା କରିଥା'ନ୍ତି । ସ୍ୱର୍ଗାରୋହଣ ପର୍ଯ୍ୟାୟରେ ଜୈନ ଧର୍ମର ବହୁ ତତ୍ୱ ଓ ଆଚାର ସମ୍ପର୍କରେ କବି ସୂଚନା ଦେଇଛନ୍ତି । ପଞ୍ଚପାଣ୍ଡବ ଓ ଦ୍ରୌପଦୀ ସମଗ୍ର ଜମ୍ବୁଦ୍ୱୀପରେ ତୀର୍ଥ ଭ୍ରମଣ କରି ସର୍ଗାରୋହଣ ପାଇଁ ପ୍ରସ୍ତୁତ ହୋଇଛନ୍ତି । ହିମବନ୍ତ ପର୍ବତ ଦେଇ ସ୍ୱର୍ଗ ଆରୋହଣ କରିବାର ଉପାୟ ସ୍ଥିର ହୋଇଛି । କିନ୍ତୁ ଏଥିରେ ଅନିଚ୍ଛା ପ୍ରକାଶ କରିଛନ୍ତି ଦ୍ରୌପଦୀ । ସେ ନାରୀ । ଅବଳା ଦୁର୍ବଳା । ସାଧନାର ପଥ ଏକାନ୍ତ ଜଟିଳ । ନାରୀ ପକ୍ଷରେ ତାହା ସମ୍ଭବ ନୁହେଁ । ଏହି ପ୍ରସଙ୍ଗରେ କବି ଯୁଧିଷ୍ଠିରଙ୍କୁ ଜଣେ ଦିବ୍ୟଜ୍ଞାନୀ ମୁକ୍ତିପ୍ରୟାସୀ ତୀର୍ଥଙ୍କରଙ୍କ ସହ ତୁଳନା କରିଛନ୍ତି । ଦ୍ରୌପଦୀଙ୍କୁ ସେ ମୋକ୍ଷ ପାଇଁ ଉଦ୍ଦିଷ୍ଟ ସାଧନା ମାର୍ଗ ସମ୍ପର୍କରେ କହିଛନ୍ତି । ଦ୍ରୌପଦୀଙ୍କ ଅନ୍ନ ଭୋଜନର କାମନା ପ୍ରମାଣିତ କରାଇବା ପାଇଁ ଯୁଧିଷ୍ଠିର କହୁଛନ୍ତି -

"ଯୁଝେଷ୍ଠି ବୋଇଲେ ଅନ୍ନେ କାର୍ଯ୍ୟ କିସ
ପୁଣ୍ୟ ଭୁବନ ଯେଥି କରିବା ଉପାବାସ ।

ପ୍ରାଣ ଯେବେ ଆମ୍ଭେ ଯେ ତୀର୍ଥେ କରିବା ନା ତ୍ୟାଗ
ଆବର ଶରୀରକୁ କିସ ଦେବା ଭୋଗ ।
ଆସ ଗୋ ଦ୍ରୌପଦୀ ତୁମ୍ଭେ ଅନ୍ନକୁ ନ କର ଆଶ
ପର୍ବତ ଉପରେ କରିବା ଅନେକ ଫଳମୂଳ ଗ୍ରାସ ।।"

ନିର୍ବିଶଙ୍କ ଭାବରେ ଘନ ବରଫାଚ୍ଛନ୍ନ ଦୁର୍ଭେଦ୍ୟ ଅଗମ୍ୟ ପଥରେ ମାଡି ଯାଉଛନ୍ତି ଯୁଧିଷ୍ଠିର । ପଛେ ପଛେ ଭାଇମାନେ ଓ ପତ୍ନୀ । ଆରମ୍ଭ ହେଲା ସ୍ଖଳନ । ପ୍ରଥମେ ପଡିଲେ ଦ୍ରୌପଦୀ । ତା'ପରେ ଗୋଟି ଗୋଟି କରି ଭାଇମାନେ । ଯାହାର ଯେଉଁଠି ପୁଣ୍ୟ ସମାପନ ହେଲା ସେ ସେଇଠାରୁ ଖସିଲା । ଭୀମ ହୁଣ୍ଡା ଗୁଣ୍ଡା ସତ । କିନ୍ତୁ ମାୟା ମୋହରେ ଅନ୍ଧ ମଣିଷଟିଏ । କାନ୍ଦି କାନ୍ଦି ଛାତି ଫଂଯାଇଲା । କିନ୍ତୁ ଯୁଧିଷ୍ଠିର

ନିର୍ବିକାର । ସାଧନା ପଥରେ ଆଗେଇ ଯାଉଥିବା ତୀର୍ଥଙ୍କର ପରି ସେ ଆଗେଇ ଯାଉଥା'ନ୍ତି । ଭୀମକୁ ବାରମ୍ବାର ବୁଝାଉଥାନ୍ତି ପାପ/ପୁଣ୍ୟ ଓ ପୂର୍ବର କର୍ମଫଳ ସମ୍ପର୍କରେ-

"କେ ଯେତେ ଅମର ହୋଇ ରହିବରେ ଭାଇ
ପୁଣ୍ୟ କରିଥିଲେ ଯେଥେ ଦୁଃଖନ୍ତ ନପାଇ ।
ପାପରେ ନର୍କ ଯାଇ ପୁଣ୍ୟରେ ସ୍ୱର୍ଗପଥ
ଯେଥେ ଜାଣିମାନା ବନବାସ କେମନ୍ତ ।"
ପୁଣି - "ଯୁଝେଷ୍ଠି ବୋଇଲେ ଭୀମ ସ୍ୱରୂପ ଯେହି କଥା
ମରନ୍ତେ ଆତ୍ମାକୁ ସେ ନ ଦିଅଇ ସର୍ବସ୍ଥା ।
ଯଦ୍ୟପି ରୋଦନ ତୁ କରିବୁ ଶିର କୋଡି
ଚେତନା ପାଇଣ କି ସେ ଜୀଇଂବ ବାହୁଡି ।।"
"ଯେ ଯାହା ଅର୍ଜଇ ବାବୁ ସେ ତାହା ଭୁଞ୍ଜଇ
ଆପଣେ ପୁଣ୍ୟ କଲେ ପରନ୍ତ ନ ଦିଅଇ ।।"

ମାୟା ବନ୍ଧନ ତ୍ୟାଗ କରି ଜନ୍ମାନ୍ତର ଓ କର୍ମ ଉପରେ ବିଶ୍ୱାସ ସ୍ଥାପନା କରି ଆଗେଇ ଯାଇଛନ୍ତି ଯୁଧିଷ୍ଠିର । ସାଥୀରେ ରହିଛନ୍ତି ଶେଷରେ ଏକମାତ୍ର ଭୀମ । କର୍ମଯୋଗୀ ପୁରୁଷ ସେ । ଅସମ୍ଭବ ଶକ୍ତି ସାମର୍ଥ୍ୟର ଅଧିକାରୀ ହୋଇ ମଧ ନିରହଂକାର । କିନ୍ତୁ ତା ଠାରେ ଯେ ଆତ୍ମଜ୍ଞାନର ଅଭାବ । କେବଳ ଆତ୍ମାନୁଭବ ଓ ଦିବ୍ୟ ଆତ୍ମଜ୍ଞାନ ଯୋଗୁଁ ସାଧକ କୈବଲ୍ୟ ପ୍ରାପ୍ତି ହୁଏ । ମୋକ୍ଷ ପଦର ଅଧିକାରୀ ହୁଏ । ତୀର୍ଥଙ୍କର ହେବାପାଇଁ ଭୀମର ଏତେ ସାଧନା ନାହିଁ । ପୁଣ୍ୟ ନାହିଁ ବା ଆତ୍ମଜ୍ଞାନ ନାହିଁ । ତେଣୁ ସେ ବାରମ୍ବାର ପ୍ରାର୍ଥନା କରୁଛି ଯୁଧିଷ୍ଠିରଙ୍କୁ-

ଭୋ ଦେବ ଯୁଝେଷ୍ଠି ଆହେ ରକ୍ଷା ମୋତେ କର
ଯେ ମୋହର ଆତ୍ମା ହୋୟେ ମୋତେ ଆଗୋଚର ।
ନିଅସି ସମ୍ଭାଳି ସ୍ୱାମୀ ଦୟିନୀ ଘେନ ମୋହୋର
ଭୋଦେବ ଯୁଝେଷ୍ଠି କ୍ଷଣକେ ବିଶ୍ରାମ କର ।।"

କିନ୍ତୁ ସାଧନା ପଥରେ ଆଗେଇ ଯାଉଥିବା କେବଳୀ ସାଧକ ପାଖରେ ମାୟା, ମୋହର ବନ୍ଧନ ନ ଥାଏ । ଯୁଧିଷ୍ଠିର ଆଗେଇ ଗଲେ । ଅନ୍ୟମାନଙ୍କ ପରି ମଧ ରହିଗଲା ଭୀମ । ଯୁଧିଷ୍ଠିତ ଶେଷରେ ହେଲେ ସ୍ୱଦେହରେ ସ୍ୱର୍ଗବାସୀ । କୈବଲ୍ୟର ଅଧିକାରୀ । ତୀର୍ଥଙ୍କର ।

ଯୁଧିଷ୍ଠିରଙ୍କର ଧର୍ମ ପରୀକ୍ଷା କାଳରେ ତାଙ୍କୁ ଶୂନ୍ୟ ପୁରୁଷ ଧର୍ମ ଦିଗମ୍ବର ଆଖ୍ୟା ପ୍ରଦାନ କରିଛନ୍ତି । (୨୬) ପୁଣି ଇନ୍ଦ୍ର ଧର୍ମଙ୍କର ସ୍ୱରୂପ ଉନ୍ମୋଚନ କଲାବେଳେ 'ଶୁଧ୍ ସ୍ଫଟିକ ପରାୟେ ଯାହାର ରୂପଗୋଟି' କହି ଶ୍ୱେତାମ୍ବର ଜୈନ ସାଧୁମାନଙ୍କର ରୂପର ବର୍ଣ୍ଣନା କରିଛନ୍ତି । ଏତଦବ୍ୟତୀତ ଜୈନଧର୍ମର ଉପାସ୍ୟ

କଳ୍ପବୃକ୍ଷର ବ୍ୟାପକ ବର୍ଣ୍ଣନା ସାରଳା ଦାସଙ୍କ ମହାଭାରତରେ ରହିଛି । ଜୈନମାନେ ବୃକ୍ଷ ଚୈତ୍ୟକୁ ପୂଜା କରନ୍ତି । ଖାରବେଳ ମଥୁରାରୁ କଳ୍ପବୃକ୍ଷର ଅଂଶ ସଂଗ୍ରହ କରିଥିଲେ ବୋଲି ଐତିହାସିକଗଣ ମତ ଦିଅନ୍ତି । ମହାଭାରତରେ ଅଜ୍ଞାତବାସ ପୂର୍ବରୁ ଧର୍ମରାଜ ଯୁଧିଷ୍ଠିର ସେହି ମହତ କଳ୍ପବୃକ୍ଷକୁ ସ୍ତବ କରିଛନ୍ତି -

ଭୋ ମହତ ବଟ ଶୁଣ ଆମ୍ଭର ଯେ ବାଞ୍ଛା
ମତ୍ସ୍ୟଦେଶେ ଗୋପ୍ୟାନ ହୋଇବୁ ନ କହିବୁ ମିଥ୍ୟା ।
ଅଗ୍ୟାଂତ ବାସ ବରଷେ ତେର ଯେ ଦିବସ
କେହି ଆମ୍ଭର ଚିହ୍ନନ୍ତା ନୋହିବ ଅବଶ୍ୟ ।
ବଞ୍ଚିବୁ ଦିନ ଆମ୍ଭେ ତରିବୁ ଅପ୍ରମାଦେ,
ଶୁଭ ଯୋଗେ ବଞ୍ଚିବୁ ବଟ ତୋହର ପରସାଦେ ।
ଭାବଗ୍ରାହୀ ଜଗନ୍ନାଥ ବାଞ୍ଛା କଳ୍ପବୃକ୍ଷ
ଯେ ଯାହା ଇଚ୍ଛଇ ତୁ ତାହା ଫଳାଉ ପ୍ରତକ୍ଷ ।
ମହତ କଳ୍ପବଟ ଅନୁକୂଳ ସର୍ବସିଧି
ଗୁଣ ସାଗର ତରୁବର ସଞ୍ଚିତ କଳ୍ପନିଧି ।।"

ସର୍ବୋପରି ସାରଳା ଦାସ ଥିଲେ ଜଣେ ବିଶିଷ୍ଟ ମାନବବାଦୀ କବି । ଜୈନ ଧର୍ମର ଆଦର୍ଶ ତତ୍ୱ ମଣିଷ ଜୀବନର ଶାନ୍ତି ଓ ମୋକ୍ଷ ପରି କବି ତାଙ୍କ ଗ୍ରନ୍ଥରେ ଅନେକ ସ୍ଥାନରେ ସତ୍ୟ ଶାନ୍ତିର ପ୍ରତିଷ୍ଠା ପାଇଁ ଉଦ୍ୟମ କରିଛନ୍ତି । ଧର୍ମ ପ୍ରତିଷ୍ଠା ପାଇଁ ଯୁଦ୍ଧ ହୋଇଛି । ହିଂସା ଆଚରିତ ହୋଇଛି । କିନ୍ତୁ ତା'ର ମୂଳ ଲକ୍ଷ୍ୟ ଶାନ୍ତି ପ୍ରତିଷ୍ଠା । ତାଙ୍କ ଗ୍ରନ୍ଥରେ ଅନେକ ସ୍ଥାନରେ କବି ସତ୍ୟ, ଧର୍ମର ଶ୍ରେଷ୍ଠତ୍ୱ, ଅହିଂସାର ସହନୀୟତା ଓ ଆତ୍ମତତ୍ୱ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । (୨୭) ଏହିପରି ଦେଖିଲେ ସାରଳା ଦାସଙ୍କ ରଚନାରେ ଜୈନଧର୍ମର ବିଶେଶ ପ୍ରଭାବ ପରିଲକ୍ଷିତ ହୁଏ ।

ପଞ୍ଚସଖା ସାହିତ୍ୟରେ ଜୈନଧର୍ମ :

ଓଡିଆ ସାହିତ୍ୟରେ ପଞ୍ଚସଖାଯୁଗ ଥିଲା ଯଥାର୍ଥରେ ଲୋକସାହିତ୍ୟର ଯୁଗ । ସାହିତ୍ୟ କେବଳ ସାମନ୍ତ ପାଠକର ବିଳାସ ପାଇଁ ନୁହେଁ, ଜୀବନର ଆବଶ୍ୟକତା ପାଇଁ ଯେ ଉଦ୍ଦିଷ୍ଟ ତା ପଞ୍ଚସଖା ଓ ତାଙ୍କର ଅନୁଗାମୀମାନେ ପ୍ରମାଣିତ କରିଗଲେ । ଲୋକ ଜୀବନର ଦୁଃଖ, ଶୋକ, ଅସନ୍ତୋଷ, ଅଭାବ, ଅନାଟନକୁ ସେମାନେ ସାହିତ୍ୟରେ ରୂପ ଦେଲେ । କାହାଣୀ ଅପେକ୍ଷା ସାଧନା ହିଁ ହେଲା ସେମାନଙ୍କ ସାହିତ୍ୟର ଆତ୍ମିକ ଭିତ୍ତି । ତେଣୁ ଏହି ସାହିତ୍ୟରେ ମାନବବାଦୀ ଉଦାର ଜୈନଧର୍ମର ବିଶେଷ ପ୍ରଭାବ ଦେଖିବାକୁ ମିଳେ । ଜୈନଧର୍ମ ଯେପରି ମାନବ ଜାତିର ସୁଖ ପାଇଁ, ଶାନ୍ତି ପାଇଁ ଉଦ୍ଦିଷ୍ଟ ଥିଲା; ସେହିପରି ଏ ଯୁଗର ସାହିତ୍ୟ ମଧ କେବଳ ଧର୍ମ ଓ ଶୁଷ୍କ ଦାର୍ଶନିକତାରେ ଭାରାକ୍ରାନ୍ତ ନ ହୋଇ ଲୋକ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଥିଲା ।

ଜୈନଧର୍ମର ମୂଳ ତତ୍ତ୍ୱ ଥିଲା ପାର୍ଶ୍ୱନାଥ ପ୍ରବର୍ତ୍ତିତ ଚତୁର୍ଯ୍ୟମ- ସତ୍ୟ, ଅହିଂସା ଅସ୍ତେୟ ଓ ଅଚୌର୍ଯ୍ୟ । ମହାବୀର ସ୍ୱାମୀ ଏଥିରେ ସଂଯମକୁ ଯୋଗକଲେ । ଭଲ ସାଧୁଟିଏ ହେବାକୁ ହେଲେ ପ୍ରଥମେ ଜଣେ ଭଲ ମଣିଷ ହେବା ଦରକାର । ଭଲ ମଣିଷଟିଏ ହେବାକୁ ପୁଣି ଦରକାର ଏହିସବୁ ମହନୀୟ ଗୁଣ । ଏଥିରେ ମଣିଷ ଆପଣାକୁ ଜୟ କରେ । ଆପଣାର ସ୍ୱେଚ୍ଛାଚାରୀ ଅହଂକୁ ଆୟତକୁ ଆଣେ । ଏହି ଆତ୍ମ ଜୟରୁ ହିଁ ସେ ହୁଏ ଜୀନ । ଜିତେନ୍ଦ୍ରିୟ । ଆଉ ଫଳ ହୁଏ ଆତ୍ମମୁକ୍ତି ସହ ବିଶ୍ୱ ମୁକ୍ତିର ସାମର୍ଥ୍ୟ ଲାଭ କେବଳତ୍ୱର ଅଧିକାରୀ । ତୀର୍ଥଙ୍କରତ୍ୱ ପ୍ରାପ୍ତି । ପଞ୍ଚସଖା ଯୁଗର କବିମାନଙ୍କ ସାଧନା ପାଣ୍ଡିତ ସାହିତ୍ୟ ରାଶିରୁ ଏହି ଭାବର ବ୍ୟାପକ ପରିଚୟ ମିଳିଥାଏ । ସତ୍ୟ/ଶାନ୍ତି/ଦୟା/କ୍ଷମା ଆଦି ଗୁଣରେ ଭୂଷିତ ବ୍ୟକ୍ତି କୁହିଁ କେବଳ ସନ୍ଥ କୁହାଯାଇ ପାରିବ ବୋଲି ଅଚ୍ୟୁତାନନ୍ଦ କହିଛନ୍ତି-

"ସତ୍ୟ କହିବ ନିତ୍ୟେ ତୁଣ୍ଡେ । ଶାନ୍ତିରେ ଥିବ ହୃଦେ ପିଣ୍ଡେ ।
ଦୟା ଯେ କରିବ ହସ୍ତରେ । କ୍ଷମା କରିବ ଦୋଷୀଠାରେ ।
ଧର୍ମ କରିବ ଅନ୍ନ ଦେଇ । ଦୁଃଖୀ ଦରିଦ୍ରଙ୍କୁ ଭୁଞ୍ଜାଇ ।
ଏ ପାଞ୍ଚ ଲକ୍ଷଣ ଯାହାର । ସନ୍ଥ ବୋଲିବା ସେହୁ ନର ।"

(ଗୁରୁଭକ୍ତି ଗୀତା)

ପୁନଶ୍ଚ ଜୈନ ତୀର୍ଥଙ୍କରଙ୍କର ଲକ୍ଷଣ ପରି କବି ଅଚ୍ୟୁତାନନ୍ଦ ବୈଷ୍ଣବ ସାଧୁଙ୍କର ଲକ୍ଷଣ ଓ ସ୍ୱରୂପର ବର୍ଣ୍ଣନା କରିଛନ୍ତି -

"ସୁମନ ସଙ୍ଗେ ଖେଳା କରେ। ବିଷମ ମନରେ ନ ଧରେ ।
ସୁଜ୍ଞାନେ ସଦା ହେତୁ ଥାଇ । କୁଜ୍ଞାନେ କେଭେଁ ନ ଗମଇ ।
ସର୍ବଦା ସୂକ୍ଷ୍ମ ଅଙ୍ଗୀକାରେ । ମଳିନ ଅଙ୍ଗ ସେ ନ ଧରେ ।
ସୁବୁଧି ଭାବେ ସଦା ଥାଇ । କୁବୁଧି କେବେ ନ କରଇ ।
ସତ୍ୟ ବଚନ ପ୍ରତିପାଳେ । ମିଛ ସେ ନ କହଇ ଢାଳେ ।
ସବୁ କଥାରେ ସନମତ । ଶମ ଶାନ୍ତିରେ ଧରେ ଚିତ୍ ।
ଭଗତି ଜ୍ଞାନେ ଧ୍ୟାନ କରେ। ସମାଧି ବସି ଜ୍ୟୋତି ଧରେ ।"

(ଗୁରୁଭକ୍ତି ଗୀତା)

ପଞ୍ଚସଖା ପରମ୍ପରାର ଅନୁଗାମୀ କବି ଚୈତନ୍ୟ ଦାସ ମଧ୍ୟ ତାଙ୍କର 'ନିର୍ଗୁଣ ମାହାତ୍ମ୍ୟ' ଗ୍ରନ୍ଥରେ ସତ୍ୟ, ଅହିଂସା, ଅସ୍ତେୟ ଓ ଆତ୍ମଜ୍ଞାନ ସାଧନ ଉପରେ ବିଶେଷ ଗୁରୁତ୍ୱ ଦେଇଛନ୍ତି । ଏହି ମଧ୍ୟ ଜୈନ ମାଧନା ଓ ଆଚରଣର ଅନୁରୂପ ।

"ମୁଖେ କହିବା ସତ୍ୟଭାଷା । ନକରି ପର ଦ୍ରବ୍ୟେ ଆଶା ।

କ୍ଷମା କରୁଣା ହୃଦେ ଧରି । ଜୀବ ଉପରେ ଦୟା କରି ।
କୋଟିୟେ ବ୍ରତ ମଧ୍ୟେ ସାର । ଜୀବ ଉପରେ ଦୟା ଯାର ।
ସକଳ ବ୍ରତ କଲା ସରି । ଅହିଂସା କର୍ମ ଯେ ଆଚରି ।"

(ନିର୍ଗୁଣ ମାହାତ୍ମ୍ୟ - ୫ମ ଅଧ୍ୟାୟ)

ପାର୍ଶ୍ୱନାଥଙ୍କ ସତ୍ୟ-ଅହିଂସା ଆଦି ସହିତ ମହାବୀର ବର୍ଦ୍ଧମାନ ଆତ୍ମସଂଯମକୁ ଜୈନ ସାଧନା ମଧ୍ୟରେ ଯୋଗ କରିଥିଲେ । ମଣିଷର ଶରୀର ଅନେକ ଭୌତିକ ଉପାଦାନରେ ଗଠିତ । ଶାରୀରିକ ପ୍ରକ୍ରିୟାନୁସାରେ ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ମଣିଷ ବହୁ ସମୟରେ ଇନ୍ଦ୍ରିୟମାନଙ୍କର ଅଧୀନତା ସ୍ୱୀକାର କରେ । ଇନ୍ଦ୍ରିୟାଧୀନ ମଣିଷଠାରେ ଆତ୍ମଜ୍ଞାନ ନ ଥାଏ । ଅପଣାକୁ ଚିହ୍ନିବାରେ ମଣିଷ ଜୀବନର ମୂଳ ତତ୍ତ୍ୱଟିକୁ ସେ ବିସ୍ମୃତ ହୋଇଥାଏ । ଇନ୍ଦ୍ରିୟ ସୁଖକୁ ଜୀବନର ଅନ୍ୟତମ ସୁଖ ଭାବରେ ଗ୍ରହଣ କରିଥାଏ । ଫଳତଃ ଜୀବନ ଦୁଃଖମୟ ହୁଏ । ଦୁଃଖରୁ ଅଶାନ୍ତି ଏବଂ ଅଶାନ୍ତିରୁ ଅକର୍ମ ଜାତ ହୁଏ । ତେଣୁ ଭଗବାନ ମହାବୀର ସଂଯମ ସାଧନା ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ । ଏଥିପାଇଁ ଦରକାର ପଡିଲେ କଠୋର ତପସ୍ୟା ଅବଲମ୍ବନ ବା ଉପବାସାଦି ବ୍ରତ ପାଳନକୁ ମଧ୍ୟ ଆଚରଣ କରାଯାଇପାରେ ବୋଲି ସେ କହୁଥିଲେ । ତାଙ୍କ ମତରେ ଧର୍ମର ସାର ଜ୍ଞାନ, ଜ୍ଞାନର ସାର ସଂଯମ ଓ ସଂଯମର ସାର ହିଁ ହେଉଛି ମୋକ୍ଷ ବା ନିର୍ବାଣ । କବି ବଳରାମ ଦାସ ତାଙ୍କ 'ଛତିଶ ଗୁପ୍ତଗୀତା' ଗ୍ରନ୍ଥରେ କୃଷ୍ଣ, ଅର୍ଜ୍ଜୁନ ସମ୍ବାଦ ଛଳରେ ଏହି ତତ୍ତ୍ୱକୁ ଉପସ୍ଥାପନା କରିଛନ୍ତି । ତମ, କାମ, ହିଂସା, ମାୟା, ରାଗ ଆଦି ଆତ୍ମାର ଶତ୍ରୁମାନେ ଆତ୍ମକୁ ସତ୍ତ୍ୱ ଗୁଣରେ ସମାଧିସ୍ଥ ହେବାକୁ ଛାଡି ଦିଅନ୍ତି ନାହିଁ । ଏମାନଙ୍କର ସାକାର ପ୍ରତିନିଧି ଚକ୍ଷୁ, କର୍ଣ୍ଣ, ନାସା, ଜିହ୍ୱା ଓ ଜନନେନ୍ଦ୍ରିୟକୁ ହିଁ ପ୍ରଥମେ ଆୟତ୍ତ କରିବାକୁ ହେବ । କବିଙ୍କ କୃଷ୍ଣ ସାଧକ ଅର୍ଜ୍ଜୁନକୁ କହୁଛନ୍ତି -

ଏ ଶତ୍ରୁ ନାଶିବୁ ଯେବେ ଶାନ୍ତିକି ଲଭିବୁ ତେବେ
ଆତ୍ମା ସଙ୍ଗେ ଜାତ ତୁହି ହୋଇବୁ ମେଳ,
ତୋହୋର ମନେ ନଥିବ ଭାବିଲେ ଦୃଶ୍ୟ ହୋଇବ
ଅମୃତ ବଚନେ ତେବେ ଲଭିବୁ ଫଳ ।
ମନ ନିଉନ ହୋଇବ ଉଗ୍ରତାଟି ନାଶଯିବ
ଅନୁକ୍ଷଣେ ସ୍ଥିର ଶାନ୍ତି ମଧୁର ବାଣୀ
ଯେବେ ଏମାନ ଧ୍ୱଂସିବୁ ହିଂସାକୁ ତେବେ ନାଶିବୁ
ତେବେ ମୋହ ପାଦେ ଲୀନ ହେବୁ ଫାଲଗୁନି ।
(ଛତିଶ ଗୁପ୍ତ ଗୀତା - ୨୮ ଅଧ୍ୟାୟ)

ଏହିଭଳି ସାଧନା ଓ ଗଭୀର ଅନ୍ତର୍ନିଷ୍ଠା ବଳରେ ହିଁ ଜଣେ ସାଧାରଣ ମଣିଷ ସଚ୍ଚା ସାଧୁଟିଏ ହୋଇ

ପାରିବ । ମହାବୀର ସ୍ୱାମୀ ତାଙ୍କର ଶିଷ୍ୟମାନଙ୍କୁ ବାରମ୍ବାର କହୁଥିଲେ - "ଲଣ୍ଡିତ ମସ୍ତକ ହେବାଦ୍ୱାରା ଜଣେ ଶ୍ରମଣ ହୋଇଯାଏ ନାହିଁ । ଓଁ କାର ଜପ କରିବା ଦ୍ୱାରର କେହି ବ୍ରାହ୍ମଣ ହୋଇଯାଏ ନାହିଁ । ଅରଣ୍ୟବାସ କରି ଜଣେ ସନ୍ନ୍ୟାସୀ ହୁଏ ନାହିଁ ବା କେବଳ ବଳକଳ ପରିଧାନ କରି କେହି ତପସ୍ୱୀ ପାଲଟିଯାଏ ନାହିଁ । ସମତା ପରିପାଳନରେ ଜଣେ ଶ୍ରମଣ ହୁଏ । ବ୍ରହ୍ମଚର୍ଯ୍ୟ ପାଳନ ଦ୍ୱାରା ବ୍ରାହ୍ମଣ ହୁଏ । ଜ୍ଞାନ ଆହରଣ କରି ମୁନି ହୁଏ ଏବଂ ତପଶ୍ଚର୍ଯ୍ୟା ଦ୍ୱାରା ତପସ୍ୱୀ ପାଲଟି ଯାଏ ।" (୨୮) ସର୍ବୋପରି ଏଥିପାଇଁ ଆବଶ୍ୟକ ଗଭୀର ଆତ୍ମାନୁଭବ । ପୁଣି ବାହ୍ୟାଚାରକୁ ପରିହାର କରି ଅର୍ନ୍ତଦୃଷ୍ଟି ବଳରେ ଆତ୍ମତତ୍ତ୍ୱ ସାଧନରେ ହିଁ ସାଧକର ଜୀବନ ସାର୍ଥକ ହେବ । ପଞ୍ଚସଖା ଯୁଗର ସାଧକ କବିମାନେ ଜୈନ ସାଧନାର ଏହି ଗଭୀର ତତ୍ତ୍ୱଟିକୁ ସୁନ୍ଦର ଭାବରେ ବୁଝିଯାଇ ଥିଲେ । ତେଣୁ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ବ୍ରହ୍ମ ସାଧନା କରିପାରିବେ ବୋଲି ସେମାନେ କହୁଥିଲେ । ବାହ୍ୟାଚାରର ଏହି ପ୍ରୟୋଜନୀୟତା ବିରୁଧିରେ ସ୍ୱର ଉତ୍ତୋଳନ କରି ଅଚ୍ୟୁତାନନ୍ଦ କହୁଥିଲେ -

"ମାଳା ବହିଲେ ନବୋଲାନ୍ତି ଦାସ
ଯଦି ଅନ୍ତର୍ଗତେ କୃଷ୍ଣ ନ ଭାସ ।"

ସେ ପୁଣି ତାଙ୍କର ଶିଷ୍ୟଗଣଙ୍କୁ ଉପଦେଶ ଦେଉଥିଲେ -

"ଜଟା କୌପୀନ ନଧର    ତିଳକ ମାଳା ନକର
ଭସ୍ମ ଅଙ୍ଗୁ ପରିହରି    ଏଜ୍ଞାନ ହୃଦେନଧର
ଗଙ୍ଗାକୂଳେ ନାହିଁ ସଦଗତି ହେ ।
ଆତ୍ମାକୁ ଆତ୍ମରେ ଦେଖ    ଦେଖିଲେ ପାଇବୁ ସୁଖ
ସକଳ ସୁଖ ଉପେ    ଜ୍ଞାନ ଲଭିବୁ ପ୍ରତ୍ୟକ୍ଷ
ଭାବି କହେ ପାମର ଅଚ୍ୟୁତ ହେ ।"

ପୁଣି ମିଛମାୟାରେ ଧନ୍ଦା ହୋଇ ଅଜ୍ଞାନ ପଥରେ ଯାଉଥିବା ଯୋଗୀସନ୍ନ୍ୟାସୀମାନେ ବାହ୍ୟାଚାର ଦ୍ୱାରା ଆତ୍ମ ପ୍ରବଞ୍ଚନା କରୁଛନ୍ତି ବୋଲି ପଞ୍ଚସଖା ପରମ୍ପରାର ପରବର୍ତ୍ତୀ ସାଧକ ମହାଦେବ ଦାସ ତାଙ୍କ ଧର୍ମ ପୁରାଣରେ କହିଛନ୍ତି । ମହାବୀର ମୋକ୍ଷ ସାଧନା ନିମିତ୍ ଯଦିଓ ତପସ୍ୱୀ ଜୀବନକୁ ଶ୍ରେଷ୍ଠ ବୋଲି କହୁଥିଲେ, ତଥାପି ଗୃହସ୍ଥ ମଧ ସଂଯମ ଓ ସତ୍ୟସାଧନା ବଳରେ ସହଜରେ ମୋକ୍ଷ ପ୍ରାପ୍ତି ହୋଇ ପାରିବ ବୋଲି ମତ ଦେଇଥିଲେ । ତାଙ୍କର ଅନେକ ଗୃହୀଭକ୍ତ ମଧ ଥିଲେ । କିନ୍ତୁ ସନ୍ନ୍ୟାସ ଶ୍ରୀମଣ ଜୀବନ କହିଲେ ଏକାନ୍ତ ପବିତ୍ରୀକୃତ ଜୀବନଚର୍ଯ୍ୟାକୁ ହିଁ ବୁଝାଉଥିଲା । ଏହି ଆଦର୍ଶ ଅନ୍ତର୍ନିଷ୍ଠ ଜୈନସାଧନାର ପ୍ରତିଫଳନ ଦେଖାଯାଏ ଧର୍ମ ପୁରାଣରେ -

"ଯୋଗୀଙ୍କର କଥା ଏମନ୍ତ ବ୍ୟବସ୍ଥା ଶୁଣିଲୁ ପବନ ଚାଟ
ଗୁମ୍ଫାରେ ଥାଇଣ ସିଧି ବୋଲାଇଣ ସାଧୁଛନ୍ତି ଜ୍ଞାନବାଟ ।

ସେହୁ ମୋର ଭାବ ନକରିଣ ଠାବ ପର୍ବତ ଶିଖକୁ ଯାନ୍ତି
ଲୋକଙ୍କୁ ଭଣ୍ଡାଇ ଆରମ୍ଭ ଦେଖାଇ ମଉନ ଭାବରେ ଥାନ୍ତି ।
କୃଷିକ ଯେପରି ବିବରକୁ କରି ରହିଥାଏ ତା ଭିତରେ,
ସେମାନେ ଯେମନ୍ତ ଜ୍ଞାନକୁ ଜାଣନ୍ତି ସେହି ତେମନ୍ତ ପ୍ରକାରେ ।
ଏ ମୋହର ଭାବ ନକରିଣ ଠାବ ସେ କିମ୍ପା ତହିଂକି ଗଲା
ଘର ବା ବନସ୍ତ ସବୁ ଏକମତ ଯେଉଁଠାରେ ଥିଲେ ହେଲା ।।"
ସେ ପୁଣି କହିଛନ୍ତି-
ସାଧୁ ପରିମଳ ଜାଣିବା କେବଳ ହୃଦରେ ନଥାଇ ମାୟା
ସନ୍ଥ ପରିମଳ ଜାଣିବା କେବଳ ଜନ୍ତୁରେ କରିବ ଦୟା ।।"

ଜୈନ ତୀର୍ଥଙ୍କରମାନେ ତେଣୁ ଆତ୍ମଜ୍ଞାନ ଉପରେ ବିଶେଷ ଗୁରୁତ୍ୱ ଆରେପ କରିଛନ୍ତି । ଇନ୍ଦ୍ରିୟ ଲବଧ ଜ୍ଞାନ ମଣିଷର ବାହ୍ୟଜ୍ଞାନ । ଆତ୍ମଜ୍ଞାନ ଉଦିତ ନହେଲେ ବ୍ୟକ୍ତି ମାୟାରୁ ମୁକ୍ତ ହୋଇ ପାରେ ନା । ଏହା ଫଳରେ ତାର ଆତ୍ମା ମଧରେ ପରମାତ୍ମ ଉପଲବଧ ହୁଏ । ସେତେବେଳେ ଯାଇ ସେ ହୁଏ ତୀର୍ଥଙ୍କର । ଆତ୍ମଜ୍ଞାନୀ ତୀର୍ଥଙ୍କର କେବେ କାହାରିଠାରୁ ଦୀକ୍ଷା ଗ୍ରହଣ କରନ୍ତି ନାହିଁ । ଗୁରୁଙ୍କର ବାକ୍ୟ ତାର ଆଦର୍ଶ ନୁହେଁ । ସେ କହେ- "ଯେ ହେତୁ ମୁଁ ଏପରି ଦେଖୁଛି, ଏପରି ଅନୁଭବ କରୁଛି, ତେଣୁ ଏହାହିଁ ଜ୍ଞାନ ।" ପଞ୍ଚସଖା ସାଧନାରେ ଏହିପରି ଆତ୍ମଜ୍ଞାନୀ ସାଧୁଙ୍କର ଦୃଷ୍ଟାନ୍ତ ଅଭାବ ନାହିଁ । ରଚନାର ଛତ୍ରେ ଛତ୍ରେ ସେମାନେ କେବଳ ଆତ୍ମଗତ ସାଧନା ପାଇଁ ପରାମର୍ଶ ଦେଇଛନ୍ତି । ପୁଣି ଏ ଯୁଗରେ ସାଧକ କବିମାନେ ହିନ୍ଦୁ ସଂସ୍କୃତିର ଅଭିଶାପ ଜାତି ପ୍ରଥାର ଘୋର ନିନ୍ଦା କରିଛନ୍ତି । ଜୈନ ସନ୍ନ୍ୟାସୀଗଣ ଜାତିପ୍ରଥା ବିରୁଧିରେ ସ୍ୱର ଉତ୍ତୋଳନ କରିଥିଲେ । ଆବ୍ରାହ୍ମଣ ଚାଣ୍ଡାଳ ସମସ୍ତେ ଏହି ଦୀକ୍ଷା ଗ୍ରହଣ କରି ପାରୁଥିଲେ । ସଂଘ ଜୀବନ ଥିଲା ସବୁଜାତିର ଲୋକଙ୍କ ପାଇଁ ଏକ ମଧୁର ମିଳନ ସ୍ଥଳ । ଏକ ମହାନ, ପରୀକ୍ଷାଗାର ତାଙ୍କ ଧର୍ମର ପ୍ରଧାନ ଅନୁଶାସନ ଥିଲା 'ସମତା' । ତଥାପି ତାଙ୍କ ସଂଘର କେତେକ ସନ୍ନ୍ୟାସୀ ଜାତିଭେଦ ପ୍ରତି ଆସକ୍ତ ଥିବାରୁ ମହାବୀର ସେମାନଙ୍କୁ କହିଥିଲେ - " ଆର୍ଯ୍ୟଗଣ ! ମଣିଷର ଜାତିଗତ ମନୋଭାବ ସାପର କାତି ସଦୃଶ । ଗୋତ୍ର ଅଭିମାନରେ ମନୁଷ୍ୟ ପଥହରା ହୁଏ । ଜ୍ଞାନର ଅନ୍ଧକାରରେ ନିମଜ୍ଜିତ ହୁଏ । ସର୍ପ ଯେପରି ନିଜର କାତି ପରିତ୍ୟାଗ କରି ଚକ୍ଷୁଷ୍ମାନ ହୁଏ, ସେହିପରି ଜାତି ମଦକୁ ପରିତ୍ୟାଗ କରିଥିବା ମନୁଷ୍ୟ ଜ୍ଞାନବାନ୍ ହୋଇଥାଏ । ତେଣୁ ଜାତିମଦ ସର୍ବଦା ବର୍ଜନୀୟ ।" ସେ ପୁଣି କହିଥିଲେ - "ସାମାଜିକ ବ୍ୟବସ୍ଥାରେ କିଏ ରାଜା, କିଏ ରାଜାର ସେବକ ବା କେହି ସେବକର ସେବକ ହୋଇଥାଇପାରେ; କିନ୍ତୁ ମୋ ଧର୍ମରେ ଦୀକ୍ଷିତ ହେଲାପରେ ନିକଟରେ ମଧ ସେମାନେ ସମ୍ମାନିତ ହୋଇଛନ୍ତି । ହେଲେ ନିଜପାଇଁ କିଛି ମାଗି ନାହାନ୍ତି । ମାନ, ସମ୍ମାନ, ଧନ, ପ୍ରତିପତି୍ ଓ ଅଧିକାର କୌଣସିଟି ଯେପରି ସେମାନଙ୍କର କାମନା ନାହିଁ । ଲୋକମଙ୍ଗଳ, ଦୁଃସ୍ଥ ଜନତାର ଉଧାର, ପାପୀ-ଦୁଃଖୀ-ଶୋକୀକୁ ଆନନ୍ଦଦାନ ପାଇଁ ସେମାନେ କରିଛନ୍ତି

ଆତ୍ମୋତ୍ସର୍ଗ । ସମାଜ ଯେତେବେଳେ ଉଶୃଙ୍ଖଳିତ ହୋଇଛି , ସେତେବେଳେ ସେମାନେ ଏହି ବିଶୃଙ୍ଖଳ ମାନବାତ୍ମାକୁ ଶୁଣାଇ ଦେଇଛନ୍ତି ଜୀବନ ସତ୍ୟର ମହାବାଣୀ । ଆଉ ଯେଉଁ ଦେହ ଲାଗି ମଣିଷର ଏତେ ମାୟା ସେ ଦେହ କଣ ସତେ ସବୁଦିନେ ରହିବ ତ । ବାହାରଟା ସିନା ଏତେ ସୁନ୍ଦର । ହେଲେ ଭିତରଟା ଯେ କି ନାରଖାର । ସେଥିପାଇଁ ଉଶୃଙ୍ଖଳତା ନୁହେଁ, ସଂଯମ, ଶୃଙ୍ଖଳା, ଆତ୍ମଜ୍ଞାନ, ସତ୍ୟ, ଅହିଂସା ଆଦିର ଆଚରଣ କରିବାକୁ ହେବ । ତେବେ ଯାଇ ଏ ପୃଥିବୀରେ ଶାନ୍ତି ବିରାଜମାନ କରିବ ।ଲୋକେ ସୁଖରେ କାଳାତିପାତ କରିବେ । ଇହ ଜୀବନ ଓ ପର ଜୀବନ ସୁଖମୟ ହେବ । ମୋକ୍ଷ ସହଜଲଭ୍ୟ ହେବ । ତାହାହିଁ ହେବ ଯଥାର୍ଥରେ ମାନବ ଜୀବନର ସଫଳତା ।

ଭୀମଭୋଇଙ୍କ ଲେଖାରେ ଜୈନଧର୍ମର ସଙ୍କେତ :

ସନ୍ଥ କବି ଭୀମଭୋଇ ଥିଲେ ମହିମା ଧର୍ମର ଉପାସକ । ମହିମା ଧର୍ମର ଅନ୍ୟନାମ ସତ୍ୟ ମହିମା ଦର୍ମ ବା ସତ୍ୟଧର୍ମ । ଏହା ଯଦିଓ ହିନ୍ଦୁ ସୂର୍ଯ୍ୟ ଉପାସକ ତଥା ଉପନିଷଦ ଧର୍ମର ପରିପୋଷକମାନଙ୍କ ଦ୍ୱାରା ପୁଷ୍ଟ, ତଥାପି ଜୈନଧର୍ମର ଆଚରଣର ଅନେକ ପ୍ରଭାବ ଏଥିରେ ପଡିଛି । ବଳକଳ ପରିଧାନ, ଯୋଗଚର୍ଚ୍ଚା, ରାତ୍ରିରେ ଉପବାସ, ସତ୍ୟ ଉପାସନା, 'ଜୀବନର' ନଶ୍ୱରତା ପ୍ରତି ବିଶ୍ୱାସ, ସୁଖ ପ୍ରତି ଅନାସକ୍ତି, ଅହିଂସା, ଆତ୍ମସଂଯମ ଆଦି ଜୈନ ଆଚାରର ବ୍ୟାପକ ପ୍ରଭାବ ମହିମା ଧର୍ମର ଆଚରଣରେ ସ୍ଥାନୀତ । ପୁଣି ମହିମା ଗୋସେଇଁଙ୍କ ଜୀବନୀ ପର୍ଯ୍ୟାଲୋଚନାରୁ ତାଙ୍କର ଫଳାହାରି, କ୍ଷୀରାହାରି, ନୀରାହାରି ଓ ଅନାହାରି ରୂପ ଜୈନ ତୀର୍ଥଙ୍କରମାନଙ୍କ ସାଦନାର ପରିଚୟ ଦେଇଥାଏ । ସନ୍ଥକବି ଭୀମଭୋଇ ଥିଲେ ଏହି ପନ୍ଥାର ଉପାସକ । ତେଣୁ ତାଙ୍କ ରଚନା ମଧରେ ଅନେକତ୍ର ଜୈନ ତତ୍ତ୍ୱର ପରିଚୟ ମିଳିଥାଏ ।

ଭୀମଭୋଇ ଥିଲେ ଜନ୍ମରୁ ଅନ୍ଧ ଓ ଅଶିକ୍ଷିତ ଅବହେଳିତ କନ୍ଧ । ସାମାଜିକ ସ୍ୱୀକୃତିରେ ସେ ବଞ୍ଚିତ ହୋଇଥିଲେ । କାହାଣୀ ଓ କିମ୍ବଦନ୍ତୀରୁ ଯାହା ଜଣାଯାଏ ସେ ଭୟଙ୍କର ରାଜ ନିପୀଡନର ଶୀକାର ହୋଇଥିଲେ । କିନ୍ତୁ ଏସବୁ ସତ୍ତ୍ୱେ ମଧ ଜଣେ ନିଷ୍ପାପର ଜୈନ ସାଧୁପରି ସେ ତାଙ୍କ ସନ୍ଥ ଜୀବନରୁ ଖସି ଆସିପାରି ନଥିଲେ । ତାଙ୍କ ଜୀବନର ପ୍ରଥମ ସାଧନା ଥିଲା ସତ୍ୟର ସାଧନା । ଯାହା ଅପରିବର୍ତ୍ତନୀୟ, ସ୍ଥିର ଓ ନିଶ୍ଚିତ । ଏହା ଜୈନ ଧର୍ମର ସତ୍ୟପ୍ରତୀର ପରିଚୟ ଦିଏ । କହି ଲେଖିଛନ୍ତି -

"ସତ୍ୟରେ ବରିବି ସତ୍ୟରେ ତରିବି ଏହି ଆଜ୍ଞା ହେଉ

କହେ ଭୀମଭୋଇ ଏ ମୃତ୍ୟୁ ମଣ୍ଡଳେ ଯଶ ଅପଯଶ ଥାଉ ।।"

ସେ ଥିଲେ ନୀଚ ଜାତିର ଲୋକ । ତଥାପି ତାଙ୍କ ଦିବ୍ୟଜ୍ଞାନ ସାଧନ ପାଇଁ କୁଣ୍ଠା ନ ଥିଲା । ଓଲଟି ସମାଜର ଅବହେଳିତ ଲୋକମାନଙ୍କୁ ଭୁଆଁ ବୁଲେଇ ରଖିଥିବା ଅନ୍ଧ ଜାତୀୟତାବାଦୀମାନଙ୍କୁ ସେ ଶିକ୍ଷା ଦେଇଥିଲେ, ନିର୍ଗୁଣ ନିରହଂକାର ବ୍ରହ୍ମଙ୍କ ସମ୍ପର୍କରେ ତାଙ୍କୁ ସାଧନା କରି, ଆତ୍ମାରେ ଉପଲବଧି କରିବା ପାଇଁ ଜାତିର କିଛି ପ୍ରୟୋଜନୀୟତା ନାହିଁ ବୋଲି କହିଥିଲେ । ଏହା ଜୈନ ସାଧନାର ଅନୁରୂପ । କବି ଜାତିପ୍ରଥା

ଓ ବ୍ରହ୍ମଜ୍ଞାନ ସାଧନା ସମ୍ପର୍କରେ ଲେଖିଛନ୍ତି-

"ଛତିଶ କୁଳ ଯେ ବାଉନ ପାଟକ ଜାତି ବୋଲା ନାହିଁ ଯାଏ
ପାଣି ଅନ୍ତର ପାୟକ ସିନା ଏହୁ ସୁପଣ୍ଡିତ କର ନ୍ୟାଏ ।
ତିନି ବ୍ରହ୍ମାଣ୍ଡରେ ଲୋଡି ଆସ ତୁଣ୍ଡେ ଏକ ଜାତି
ସେ ସବୁଙ୍କୁ ଶତ ଜାତି କରିଛି ତାହାର ରଞ୍ଜିଲା ପୃଥ୍ୱୀ ।"

ସ୍ତୁତି ଚିନ୍ତାମଣି - ବୋଲି - ୭୦ ।

ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ମଣିଷ ସାଧନା କଲେ ଦିବ୍ୟଜ୍ଞାନ ଲାଭ କରିପାରିବ । ଜୈନ ମୁନିମାନେ ଯେପରି ଆତ୍ମଦର୍ଶନ ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଥା'ନ୍ତି ଭୀମଭୋଇ ସେପରି ନିଜ ମହିମାର ଉପଲବ୍ଧି ଉପରେ ଅଧିକ ଜୋର ଦେଇଛନ୍ତି । ସତ୍ୟ ଧର୍ମର ପାଳନ କରି ଭକ୍ତି ବଳରେ ସାଧକ ମହିମାର ସାକ୍ଷାତ ପାଇପାରିବ । ସହିମାବନ୍ତ ହୋଇପାରିବ । ବେଦପାରାୟଣ, ଶାସ୍ତ୍ରାର୍ଥ ଚର୍ଚ୍ଚା, ଜ୍ଞାନଲୋଚନ ଆଦି କେବଳ ଅଯଥା ଅର୍ଥହୀନ ପାଗଳାମି । ଏହା ଫଳରେ ବ୍ରହ୍ମ ସାକ୍ଷାତକାର ହୋଇପାରିବ ନାହିଁ । ଜୀବନ ବିଅର୍ଥ ହେବ । ବ୍ରହ୍ମନିରୂପର ଗୀତାରେ ସନ୍ଥକବି ଏ ବିଷୟରେ ଲେଖିଛନ୍ତି -

"ଅନେକ ପ୍ରକାର ଶାସ୍ତ୍ର ପଥରେ କହିବେ
ଉପରକୁ ପଚାରିଲେ ତୁଚ୍ଛାଟା ବୋଲିବେ ।
ନର-ଦେବ- ଅସୁର ଏ କି ପାଇବେ ଭେଦ
ଜ୍ଞାନକୁ କାଣ୍ଡିବେ ଯାହା ଡାକୁଅଛି ପଦ ।
ତେଣୁ କରି ବେଦକୁ ମଦ୍ୟପ ବୋଲି କହି
ବହୁତ ଶାସ୍ତ୍ର ପଢିଲେ ଚିତ୍ ଭ୍ରମ ହୋଇ ।" ଇତ୍ୟାଦି ।

ତେଣୁ ଆତ୍ମାନୁଭବ ପାଇଁ ସେ କ୍ରୋଧ, ରାଗ, ହିଂସା ତ୍ୟାଗ କରି ସମତା ଧର୍ମର ଆଶ୍ରୟ ନେବାପାଇଁ ବିଶ୍ୱବାସୀଙ୍କୁ ଅନୁରୋଧ କରିଛନ୍ତି । ମାୟା ମୋହର ପଟଳ ଅତିକ୍ରମ କରି ପୃଥ୍ୱୀ ପ୍ରାୟ ସହିପାରିଲେ ବ୍ରହ୍ମ ସାକ୍ଷାତକାର ସହଜ ହେବ ବୋଲି ସେ କହିଛନ୍ତି । ପରିଶେଷରେ ଦୁଃସ୍ଥ ଅବହେଳିତ ମଣିଷମାନଙ୍କ ପାଇଁ କବି ହୋଇଛନ୍ତି ଆତ୍ମହରା । ପୃଥିବୀର କ୍ଷୁଦ୍ରତା ତାଙ୍କରି ନାହିଁ । ଆପଣା ମହିମାରେ ମହିମାନ୍ୱିତ ହୋଇ ସେ ବିଶ୍ୱବାସୀଙ୍କୁ ଉପଲବ୍ଧି କରି ପାରିଛନ୍ତି । ବ୍ରହ୍ମାଣ୍ଡ ପୁରୁଷଙ୍କ ନିକଟରେ କାନ୍ଦି କାନ୍ଦି ଜଣାଇଛନ୍ତି ଜଗତର ଦୁଃଖ । ପ୍ରଥମେ ବ୍ରାହ୍ମଣ୍ଡ ଦୁଃଖରୁ ନିଜ ଦୁଃଖ ବା ବ୍ରହ୍ମାଣ୍ଡ ବୁଡ଼ିଗଲେ ସେ କେଉଁଠି ରହିବାର ଅନୁଚିନ୍ତା । ତେଣୁ ପରୋକ୍ଷରେ ଆତ୍ମସୁଖ କାମନା ପାଇଁ ବ୍ରହ୍ମାଣ୍ଡ ନିମନ୍ତେ ମହିମା ମହାପୁରୁଷଙ୍କ ପାଖରେ ପ୍ରାର୍ଥନା ପରବର୍ତ୍ତୀ ପର୍ଯ୍ୟାୟରେ ବିଶ୍ୱବାସୀଙ୍କ ଲାଗି ଆତ୍ମୋତ୍ସର୍ଗରେ ପରିଣତ ହୋଇଛି । ସନ୍ଥକବି ତୁଣ୍ଡରୁ ଜୈନ ତୀର୍ଥଙ୍କରଙ୍କ ପରି ବାହାରି ଆସିଛି, ସେ ଚିତର ଉଦାରତାମୟ ଉଦାତ୍ ବାଣୀ -

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ

ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ  ଉଧାର ହେଉ ।”

ଭୀମଭୋଇଙ୍କ ପରେ ଓଡ଼ିଆ ସାହିତ୍ୟରେ ଆଧୁନିକ ଯୁଗର ସୂତ୍ରପାତ ହୁଏ । ଆଧୁନିକ ଜୀବନବୋଧର ବିବିଧ ଉପାଦାନ ଇଂରେଜୀ ଶିକ୍ଷା ବାଟ ଦେଇ ଭାରତୀୟ ଜନଜୀବନକୁ ପ୍ରବେଶ  କରେ । ତେଣୁ ଆଧୁନିକ ସାହିତ୍ୟରେ ଧର୍ମ କେବଳ ଏକ ସୁନ୍ଦର ଉପମାରେ ବ୍ୟବହୃତ ହୁଏ ସିନା ସାହିତ୍ୟ ସହ ଏହାର ବାସ୍ତବ ସଂପ୍ରୀତି ଲୋପ ପାଇଯାଏ କହିଲେ ଠିକ୍ ହେବ । କେବଳ ଆଲୋଚନା ପର୍ଯ୍ୟାୟରେ କେତେକ ବିଭିନ୍ନ ଧର୍ମ ସମ୍ପର୍କରେ ଆଲୋଚନା କରିଛନ୍ତି । ଓଡ଼ିଆ ସାହିତ୍ୟରେ ଜୈନଧର୍ମ ସମ୍ପର୍କୀୟ ସେହିଭଳି ଏକ ଆଲୋଚନା ସ୍ୱର୍ଗତ ଲକ୍ଷ୍ମୀନାରାୟଣ ସାହୁଙ୍କ ‘ଓଡ଼ିଶାରେ ଜୈନଧର୍ମ’ । ନିଛକ ସାହିତ୍ୟ ନହେଲେ ହେଁ ଇତିହାସ ଓ ସାହିତ୍ୟ ସମନ୍ୱିତ ଏହା ଏକ ଜୈନଧର୍ମ ସମ୍ବନ୍ଧୀୟ ଗ୍ରନ୍ଥ । ଜୈନଧର୍ମର ଉତ୍ପତ୍ତି, ବିକାଶ ଓ ପ୍ରକାଶ ସମ୍ବନ୍ଧୀୟ ବହୁ ତଥ୍ୟ ଏହି ଗ୍ରନ୍ଥରୁ ମିଳିଥାଏ । ଓଡ଼ିଆ ସାହିତ୍ୟରେ ଜୈନଧର୍ମ ସମ୍ପର୍କୀୟ ଏହା ପ୍ରାୟ ଶେଷ ଗ୍ରନ୍ଥ କହିଲେ ଅତ୍ୟୁକ୍ତି ହେବନାହିଁ ।

ଜୈନଧର୍ମ ଓ ଶ୍ରୀଜଗନ୍ନାଥ

ବହୁ ପ୍ରାଚୀନ କାଳରୁ ଓଡ଼ିଶାରେ ପ୍ରସାରିତ ହୋଇଥିବା ଜୈନଧର୍ମ, ପରବର୍ତ୍ତୀ କାଳରେ ଓଡ଼ିଆ ସାଂସ୍କୃତି ଜୀବନର ପ୍ରାଣକେନ୍ଦ୍ର ଜଗନ୍ନାଥଙ୍କ ରୀତି, ନୀତି, ପୂଜା, ଉପାସନା ଓ ବିଗ୍ରହାବି ମଧ୍ୟରେ ରୂପାନ୍ତରିତ ହୋଇଗଲା । ବିଶିଷ୍ଟ ଗବେଷକ ଡ଼ଃ ବେଣୀମାଧବ ପାଢ଼ୀ ତାଙ୍କର ‘ଦାରୁଦେବତା’ ପୁସ୍ତକରେ ଏ ସମ୍ପର୍କରେ ବ୍ୟାପକ ଆଲୋଚନା କରି ଶବର ଓ ଦ୍ରାବିଡ଼ ସଂସ୍କୃତିର ମିଳନ ତଥା ଦ୍ରାବିଡ଼ମାନଙ୍କର ସର୍ବଶ୍ରେଷ୍ଠ ଆଚରଣୀୟ ଧର୍ମ ଜୈନଧର୍ମର ପ୍ରଭାବରୁ ଜଗନ୍ନାଥଙ୍କ ଦାରୁପୂଜାର ସୃଷ୍ଟି ବୋଲି ପ୍ରମାଣ କରିଅଛନ୍ତି ।(୩୧) ଦାରୁଦେବତାଙ୍କୁ ସେ ଜୈନମାନଙ୍କର ବୃକ୍ଷଚୈତ୍ୟ ବା କଳ୍ପବୃକ୍ଷ ରୂପାନ୍ତର ଭାବରେ ଗ୍ରହଣ କରିଛନ୍ତି ।

ଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ ମଧ ଜୈନ ଧର୍ମର ପ୍ରଭାବ ପଡ଼ିଛି । ବହୁ ପ୍ରାଚୀନ କାଳରେ ଉଜ୍ଜୟିନୀର ରାଜା ସଂପ୍ରତି ତୀର୍ଥଙ୍କର ଜୀବନ୍ତି ସ୍ୱାମୀଙ୍କର ଏକ ରଥଯାତ୍ରା କରାଇଥିଲେ । ବିଶିଷ୍ଟ ଜୈନ ସନ୍ନ୍ୟାସୀ ସୁହସ୍ତିନ ଥିଲେ ସଂପ୍ରତିଙ୍କ ଗୁରୁ । ଶିଷ୍ୟମଣ୍ଡଳୀ ଧରି ସୁହସ୍ତିନ୍ ଚୈତ୍ୟପର୍ବ ଉପଲକ୍ଷେ ଉଜ୍ଜୟିନୀ ଆସିଥିଲେ । ଏହି ଚୈତ୍ୟପର୍ବ ଶେଷରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା ।(୩୨) ଏହି ରଥଯାତ୍ରାର ବିବରଣୀରୁ ଜଣାଯାଏ ଏକ ମଣିମୁକ୍ତା ଖଚିତ ରଥରେ ଶ୍ରାବକମାନେ ଅର୍ହତଙ୍କ ମୂର୍ତ୍ତି ସ୍ଥାପନ କରନ୍ତି । ବିଧିମତ ସ୍ନାନ କରି ତୀର୍ଥଙ୍କରଙ୍କ ବିଗ୍ରହକୁ ନୀଳବସ୍ତ୍ରରେ ଆବୃତ୍ କରନ୍ତି । ଅର୍ହତଙ୍କୁ ମାଳତୀ ଓ ପଦ୍ମପୁଷ୍ପର ମାଳରେ ଭୂଷିତ କରାଯାଏ । ଭକ୍ତମାନେ ମିଳିତ ହୋଇ ଏକାନ୍ତ ଭକ୍ତି ସହକାରେ ରଥକୁ ଟାଣି ନିଅନ୍ତି । କିଛି ଦୂରଯାଇ ରଥ ସଂପ୍ରତିଙ୍କ ରାଜଦ୍ୱାରା ସମ୍ମୁଖରେ ରହେ । ରାଜା ଅଷ୍ଟ ବିଧ ପ୍ରକାରେ ଅର୍ହତ ମୁର୍ତ୍ତିଙ୍କୁ ପୂଜା କରନ୍ତି । ଉପସ୍ଥିତ ସାମନ୍ତ ରାଜାମାନେ ପରବର୍ତ୍ତୀ କାଳରେ ଏହି ରଥଯାତ୍ରାର ବିଧାନ କରିଛନ୍ତି । ଏହି ପରମ୍ପରା କାଳକ୍ରମେ ଗଢ଼ି ଆସିଛି ବୋଲି ଗବେଷକ ଗୁରୁଦାସ ସରକାର ମତବ୍ୟକ୍ତ କରନ୍ତି ।(୩୩) ଆଜି ପୁରୀର ରଥଯାତ୍ରାରେ ଏହି ବିଧିବିଧାନ ମଧ୍ୟରୁ ଅନେକଟା ପାଳିତ ହେଉଥିବା ପରିଲକ୍ଷିତ ହୁଏ ।

ଏତଦ୍‌ବ୍ୟତୀତ ପଣ୍ଡିତ ନୀଳକଣ୍ଠ ଦାସ ମଧ୍ୟ ଜଗନ୍ନାଥଙ୍କୁ ଜୈନଧର୍ମର ଅସଲ ଦେବତା ଭାବରେ ବର୍ଣ୍ଣନା କରିଛନ୍ତି ।(୩୪) ଜଗନ୍ନାଥଙ୍କ ମହାପ୍ରସାଦକୁ ଜୈନଧର୍ମର କୈବଲ୍ୟ ସହିତ ତୁଳନା କରାଯାଇଛି । କଣିକାଏ ମହାପ୍ରସାଦ ମଣିଷକୁ ସମସ୍ତ ପାପରୁ ମୋକ୍ଷ ପ୍ରଦାନ କରିଥାଏ ବୋଲି ମହାପ୍ରସାଦ ମାହାତ୍ମ୍ୟରେ ଉଲ୍ଲେଖ ଅଛି । ତେଣୁ ଏହା ଜୈନଧର୍ମର କୈବଲ୍ୟର ଅନୁରୂପ । ପୁଣି ଶ୍ରୀମନ୍ଦିର ବେଢ଼ା ମଧ୍ୟରେ ଥିବା କୋଇଲି ବୈକୁଣ୍ଠ ଜଗନ୍ନାଥଙ୍କ ଶ୍ମଶାନ । ଏହା ତୀର୍ଥଙ୍କରଙ୍କର କୈବଲ୍ୟ ପ୍ରାପ୍ତି ପରେ ତାଙ୍କର ଦେହାବଶେଷରେ ସଂରକ୍ଷଣ ସହ ତୁଳନୀୟ । ନବକଳେବର ସମୟରେ ପୁରାତନ ଦାରୁ ବିଗ୍ରହକୁ କୋଇଲି ବୈକୁଣ୍ଠରେ ପୋଡ଼ି ଦିଆଯାଇଥାଏ । ତା ଛଡ଼ା ଜଗନ୍ନାଥଙ୍କ ବେଢ଼ା ଭିତରେ କଳ୍ପବଟର ପୂଜା, ଜଗନ୍ନାଥ ଧର୍ମର ସମନ୍ୱୟବାଦ, ଜୈନଧର୍ମର ମୁଖ୍ୟ ତତ୍ୱ ଚାତୁର୍ଯାମରୁ ଚତୁର୍ଦ୍ଧାମରୁ ଚତୁର୍ଦ୍ଧା ମୂର୍ତ୍ତି, ଆଦି ବହୁ ବିଷୟରେ ଜଗନ୍ନାଥ ଧର୍ମ ସହ ଜୈନ ଧର୍ମର ସମନ୍ୱୟ ସୂତ୍ର ସ୍ଥାପିତ ହୋଇଛି । ଏପରିକି ଏହିସବୁ ସମନ୍ୱୟକୁ ଲକ୍ଷ୍ୟ କରି ନବମ ଶତାବ୍ଦୀର ଜୈନ ସାହିତ୍ୟିକ ସିଦ୍ଧସେନଦିବାକର ତାଙ୍କର "ବର୍ଦ୍ଧମାନ ଦ୍ୱାତ୍ରିଂଶିକା' ଗ୍ରନ୍ଥରେ ଶେଷ ତୀର୍ଥଙ୍କର ମହାବୀରଙ୍କୁ ଜଗନ୍ନାଥଙ୍କ ସହ ତୁଳନା କରିଛନ୍ତି । ତେବେ ଦ୍ରାବିଡ଼ ଓ ଆର୍ଯ୍ୟେତର ସମ୍ପ୍ରଦାୟ ମଧ୍ୟରେ  ବିଶେଷ ଆଦୃତ ଜୈନଧର୍ମ ଯେ ପରବର୍ତ୍ତୀ ସମୟରେ ଜଗନ୍ନାଥ ବହୁ ଶତାବ୍ଦୀ ଧରି ଓଡ଼ିଶାର ଇଷ୍ଟଦେବତା । ଓଡ଼ିଶାବାସୀଙ୍କ ଆଧ୍ୟାତ୍ମିକ ଓ ସାଂସ୍କୃତିକ ଜୀବନର ପ୍ରାଣକେନ୍ଦ୍ର । ତେଣୁ ଓଡ଼ିଶାରେ ଓ ଓଡ଼ିଆ ସାହିତ୍ୟର ପ୍ରକାରାନ୍ତରେ ଜୈନ ଆଚାର ଓ ତତ୍ୱର ପ୍ରଭୃତ ପ୍ରଭାବ ପରିଲିକ୍ଷିତ ହୁଏ । ଏହାହିଁ ହେଉଛି ଓଡ଼ିଆମୀର ସର୍ବଶ୍ରେଷ୍ଠ ବୈଶିଷ୍ଟ୍ୟ ।

✓ ✓ ✓